୬ ହାଇଦ୍ରାବାଦ୍‌କୁ ୭ ୱିକେଟ୍‌ରେ ହରାଇଲା କୋଲକାତା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

E-mail : sambadkalikanews@gmail.com

● ବର୍ଷ-୩୩ ● ସଂଖ୍ୟା-୯୩ ● ୪ ମଇ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-93 ● 4th May 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



## ଡିଜିଟାଲ ଯୁଗରେ ରାଜସ୍ୱ ପ୍ରଶାସନର ବଦଳୁଛି ଭୂମିକା

# ନୂଆ ଓଡ଼ିଶାର ସ୍ୱପ୍ନ ଦେଖିବା ଜରୁରୀ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩।୫
ନ୍ୟୁଜ୍‌ବ୍ୟୁରୋ

ଡିଜିଟାଲ ଯୁଗରେ ରାଜସ୍ୱ ପ୍ରଶାସନର ବଦଳୁଛି ଭୂମିକା। ଭୂ-ପରିଚାଳନା କ୍ଷେତ୍ରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ନୂଆ କରି ପ୍ରଶାସନିକ ସେବାରେ ଯୋଗ ଦେଉଥିବା ଅଧିକାରୀ ନୂଆ ଓଡ଼ିଶାର ସ୍ୱପ୍ନ ଦେଖିବା ଜରୁରୀ। ଓଡ଼ିଶା ପ୍ରଶାସନିକ ସେବା ୨୦୨୩ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ଏହି ଆହ୍ୱାନ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ।

ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆରଓଟିଆଇ) ଗୋଠପାଟଣାରେ ଓଡ଼ିଶା ପ୍ରଶାସନିକ ସେବା ୨୦୨୩ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଡିଜିଟାଲ ଯୁଗରେ ରାଜସ୍ୱ ପ୍ରଶାସନର ବଦଳୁଥିବା ଭୂମିକା ଉପରେ ଆଲୋକପାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନୂଆ ଓଡ଼ିଶାର ସ୍ୱପ୍ନ ଦେଖିବା



ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ରାଜସ୍ୱ ସେବାକୁ ଅଧିକ ସରଳ ଓ ସାଧାରଣ ଜନତାଙ୍କ ପାଇଁ ସହଜ କରିବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

୭‘ଏସ୍’ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇ ଭୂ-ପରିଚାଳନା କ୍ଷେତ୍ରରେ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ଶାସନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜମିଜମା କ୍ଷେତ୍ରରେ ସଚ୍ଚୋଟତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ କହିବା ସହ ରାଜ୍ୟରେ ଥିବା ୧ କୋଟି ୧୯ ଲକ୍ଷ ଏକର ସରକାରୀ ଜମିକୁ ସୁରକ୍ଷା ଦେବା ଦାୟିତ୍ୱ ଓଡ଼ିଶାର ରାଜସ୍ୱ ଅଧିକାରୀଙ୍କର ବୋଲି କହିଛନ୍ତି। ଓଡ଼ିଶାକୁ ୨୦୩୬ରେ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ପରିଶେଷରେ ଦୁଇ ଜଣ ରାଜସ୍ୱ ବିଶେଷଜ୍ଞଙ୍କୁ ସମ୍ମାନିତ କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ରାଜସ୍ୱ ଅଧିକାରୀମାନଙ୍କୁ ଆଇପିଏସ ମନ୍ତ୍ର, ସଚ୍ଚୋଟତା, କାର୍ଯ୍ୟଦକ୍ଷତା, ସହାନୁଭୂତିକୁ ପାଥେୟ କରି ଜନତାଙ୍କ ସେବା କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ପ୍ରଶିକ୍ଷଣ ସମାପ୍ତ କରି ଏହି ମାନସିକତାକୁ ରାଜସ୍ୱ ଅଧିକାରୀମାନେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରନ୍ତୁ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି।

ସେହିପରି ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, ‘ଆପଣମାନେ ଚାକିରିର ପ୍ରଥମ ଅବସ୍ଥାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ତହସିଲଦାର ରୂପେ (ପୃଷ୍ଠା ୭ରେ)


## ୧୫୨-୧୧୦ ଆସନରେ ଜିତିବ ବିଜେପି

# ବହୁମତ ସହ ପଶ୍ଚିମବଙ୍ଗରେ ଆମେ ଗଢ଼ିବୁ ସରକାର

ନୂଆଦିଲ୍ଲୀ,୩।୫

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ପରିବେଶ ଧୀରେ ଧୀରେ ତୀବ୍ର ହେବାରେ ଲାଗିଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ଭୋଟରଙ୍କ ହାର ନିର୍ବାଚନୀ ପ୍ରତିଯୋଗିତାକୁ ଆହୁରି ଆକର୍ଷଣୀୟ କରିଛି। ପ୍ରଥମ ପର୍ଯ୍ୟାୟରେ ମତଦାନ ପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସମ୍ମିଳନୀ ସମୟରେ ସେ ବଙ୍ଗଳାର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ, ଶନିବାର ବଙ୍ଗଳାର ଜନସାଧାରଣ ପରିବର୍ତ୍ତନ ପାଇଁ ଭୋଟ ଦେଇଥିଲେ। ‘ମୁଁ ସେମାନଙ୍କ ପ୍ରତି ମୋର ଗଭୀର କୃତଜ୍ଞତା ପ୍ରକାଶ କରୁଛି।’ ଅମିତ ଶାହା ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବାକୁ ଯାଉଛି। ‘ଆମେ ବଙ୍ଗଳାରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ପ୍ରସ୍ତୁତ।’

ସାମ୍ବାଦିକ ସମ୍ମିଳନୀରେ ଭାଷଣ ଦେଇ ଅମିତ ଶାହା ମନ୍ତବ୍ୟ ଦେଇଥିଲେ ଯେ ଭୋଟରମାନେ ପ୍ରଥମ ପର୍ଯ୍ୟାୟରେ ହିଁ ରାଜ୍ୟର ଭବିଷ୍ୟତ ପ୍ରଭାବଶାଳୀ ଭାବରେ ନିର୍ଣ୍ଣୟ କରିଛନ୍ତି। ‘ଭୟରୁ ବିଶ୍ୱାସକୁ ଯାତ୍ରା ଦ୍ୱିତୀୟ



ପର୍ଯ୍ୟାୟରେ ମଧ୍ୟ ଜାରି ରହିଥିଲା। ଆମେ ୧୫୨ ଆସନରୁ ୧୧୦ଟି ଜିତିବୁ। ଅଙ୍ଗ, ବଙ୍ଗ ଏବଂ କଳିଙ୍ଗରେ ବିଜେପି ସରକାର ରହିବ। ପରିବର୍ତ୍ତନ କେବଳ ସରକାର ପରିବର୍ତ୍ତନ କିମ୍ବା ନୂତନ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନକୁ ବୁଝାଏ ନାହିଁ; ବରଂ ଏହା ମୁକ୍ତିକୁ ବୁଝାଏ – ଦୁର୍ନୀତିଗ୍ରସ୍ତ ଶାସନରୁ ମୁକ୍ତି। ‘ଦିଦି’ ବଙ୍ଗଳାରୁ ବାହାରକୁ ଯାଉଛନ୍ତି ଏବଂ ବିଜେପି ପ୍ରବେଶ କରିବାକୁ ଯାଉଛି। ଆମେ ପ୍ରତ୍ୟେକ ଉପାୟରେ ରାଜ୍ୟରେ ସମୃଦ୍ଧି ଆଣିବାକୁ ଆକାଂକ୍ଷା କରୁଛୁ। ବଙ୍ଗଳାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମାଟିର ପୁଅ ହେବେ, ଯିଏ ବଙ୍ଗଳା କହିବେ ଏବଂ ଲେଖିବେ।’

ସେ ଆହୁରି କହିଛନ୍ତି ଯେ ମହିଳାମାନଙ୍କ ସୁରକ୍ଷା ବିଜେପି ସରକାରଙ୍କ ପାଇଁ ସର୍ବୋଚ୍ଚ ପ୍ରାଥମିକତା ହେବ। ‘ବିଜେପି ପ୍ରଶାସନ ଅଧୀନରେ ଯୁବତୀମାନେ ରାତି ୧ଟାରେ ମଧ୍ୟ ନିର୍ଭୟ ହୋଇ ଘରୁ ବାହାରକୁ ବାହାରି ପାରିବେ। ଆମେ ଆର.ଜି. କର ହସ୍ପିଟାଲ ଘଟଣାର ପୀଡ଼ିତାଙ୍କ ମାଆଙ୍କୁ ପ୍ରାର୍ଥୀ କରିଛୁ। ବଙ୍ଗଳା ବର୍ତ୍ତମାନ ୧୦,୦୦୦ କୋଟି ଟଙ୍କାରୁ ଅଧିକ ଦୁର୍ନୀତିରେ ଜର୍ଜରିତ। ବିଜେପି ସରକାର ଅଧୀନରେ, ରାଜ୍ୟରେ କୌଣସି ସ୍ଥାନରେ ଗୋଟିଏ ବି ‘ଗୁଣ୍ଡା’ ଦେଖାଯିବ ନାହିଁ। ଆମ ସରକାର ବଙ୍ଗଳାରେ ‘ସିଣ୍ଡିକେଟ’ ସଂସ୍କୃତିକୁ ସମ୍ପୂର୍ଣ୍ଣ (ପୃଷ୍ଠା ୭ରେ)

## ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ : ୯ ମୃତ



ନୂଆଦିଲ୍ଲୀ,୩।୫

ଜାତୀୟ ରାଜଧାନୀରେ ଭୟଙ୍କର ଅଗ୍ନିକାଣ୍ଡ। ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ଅନେକ ଗୁରୁତର ଭାବରେ ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି। ରବିବାର ଭୋର ସମୟରେ ଦିଲ୍ଲୀର ଶାହଦରା ଜିଲ୍ଲାର ବିବେକ ବିହାର ଅଞ୍ଚଳରେ ଏହି ଅଗ୍ନିକାଣ୍ଡ ଘଟିଛି।

ସୂଚନା ଅନୁସାରେ, ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନି ନିୟନ୍ତ୍ରଣ କକ୍ଷକୁ ଭୋର ପାଖାପାଖି ୩:୪୮ରେ ଏକ ଫୋନ୍ କଲ୍ ଆସିଥିଲା। ତୁରନ୍ତ ୧୪ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ସହ କୋଠା ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁତ ପ୍ରୟାସ ପରେ, ସକାଳ (ପୃଷ୍ଠା ୭ରେ)

## ଚଳିତ ବର୍ଷ ‘ସୁଜଳ’ ଯୋଜନାରେ ଖର୍ଚ୍ଚ ହେବ ୧୫୦୦ କୋଟି

ଭୁବନେଶ୍ୱର,୩।୫
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ସମସ୍ତ ସହରାଞ୍ଚଳରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ନିଜର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ଅଧକ୍ଷତାରେ ଖାରବେଳ ଭବନ ଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନର ୨୦୨୬-୨୭, ୨୦୨୭-୨୮ ଏବଂ ୨୦୨୮-୨୯ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦିତ ହୋଇଛି।




ରାଜ୍ୟର ୮୬ଟି ପୌରାଞ୍ଚଳରେ ୨୦୨୬ ସୁଦ୍ଧା ଜନସଂଖ୍ୟା ୩୧.୫୦ ଲକ୍ଷରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ବର୍ତ୍ତମାନ ଏହି ଅଞ୍ଚଳଗୁଡ଼ିକରେ ଦୈନିକ ୪୫୨ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। ସମସ୍ତ ସହରାଞ୍ଚଳରେ ୨୪x୭ ଜଳ ଯୋଗାଣ ଲକ୍ଷ୍ୟ ନେଇ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।

୨୦୨୫-୨୬ ବର୍ଷରେ ୯ଟି ପୌରାଞ୍ଚଳକୁ ଏହି ସେବାରେ ସାମିଲ କରାଯାଇଥିବା ବେଳେ (ପୃଷ୍ଠା ୭ରେ)

## ମହାକାଶରେ ଭାରତର ‘ଦୃଷ୍ଟି’ : ସ୍ପେସ୍ ଏକ୍ସ ରକେଟ୍‌ର ଉଡ଼ିବ ଦେଶୀ ଷ୍ଟାର୍ଟଅପ୍‌ର ସାଟେଲାଇଟ୍!

ନୂଆଦିଲ୍ଲୀ,୩।୫

ବେଙ୍ଗାଲୁରୁ ସ୍ଥିତ ଭାରତୀୟ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ ‘ଗାଲାକ୍ସଆଇ’ ନିଜର ପ୍ରଥମ ଉପଗ୍ରହ ‘ଦୃଷ୍ଟି’ ମିଶନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହି ସାଟେଲାଇଟ୍‌କୁ ଆମେରିକାର ଘରୋଇ ମହାକାଶ କମ୍ପାନୀ ‘ସ୍ପେସ୍‌ଏକ୍ସ’ର ଫାଲକନ୍ ୯ ରକେଟ୍ ସାହାଯ୍ୟରେ ମହାକାଶକୁ ପଠାଯିବ। କାଲିଫର୍ଣ୍ଣିଆସ୍ଥିତ ଭେଣ୍ଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ ଏହି ପ୍ରକ୍ଷେପଣ କରାଯିବ। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ର ପାଇଁ ଏହି ମିଶନକୁ ଏକ ବଡ଼ ସଫଳତା ଭାବେ ବିଚାର କରାଯାଉଛି, କାରଣ ଏହା ଦେଶର ବୈଷୟିକ ଦକ୍ଷତାକୁ ବିଶ୍ୱ ଦରବାରରେ ଏକ



ନୂତନ ପରିଚୟ ଦେବ।

‘ଦୃଷ୍ଟି’ ଉପଗ୍ରହର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଅତ୍ୟାଧୁନିକ ଅପ୍ଟୋସାର ପ୍ରଯୁକ୍ତିବିଦ୍ୟା। ଏହି ଟେକ୍ନୋଲୋଜି ଅପ୍ଟିକାଲ୍ ଇମେଜିଙ୍ଗ ଏବଂ ସିନ୍ଥେଟିକ୍ ଆପର୍ଚର ରାଡାରର ଏକ (ପୃଷ୍ଠା ୭ରେ)

## ମହାଙ୍ଗା ହେଲା ଓମ୍‌ଫେଡ୍ ଦର : ଖାଉଟି ଚିନ୍ତାରେ

ଭୁବନେଶ୍ୱର,୩।୫
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ମହାଙ୍ଗା ହେଲା ଓମ୍‌ଫେଡ୍ କ୍ଷୀର ଦର। ଦର ବୃଦ୍ଧି ପରେ ଖାଉଟି ଚିନ୍ତାରେ। ନିର୍ଦ୍ଧାରିତ ମୂଲ୍ୟ ଠାରୁ ପ୍ରତି ଲିଟର ପିଛା କ୍ଷୀର ଦର ୪ ଟଙ୍କା ବୃଦ୍ଧି ପାଇଛି। ଏନେଇ ଓମ୍‌ଫେଡ୍ ପକ୍ଷରୁ ସ୍ୱତନ୍ତ୍ର ନୋଟିସ ଜାରି କରିବା ସହ ଏଜେଣ୍ଟମାନଙ୍କୁ ମଧ୍ୟ ସୂଚିତ କରିଛି। ଓମ୍‌ଫେଡ୍ ପକ୍ଷରୁ ଜାରି ହୋଇଥିବା ନୂତନ ବର୍ଦ୍ଧିତ ଦର ସୂଚୀ (ପୃଷ୍ଠା ୭ରେ)




## ଜିଦ୍ ପାଇଁ ଯୁଦ୍ଧମୁହାଁ ଦୁଇଦେଶ : ଇରାନକୁ ପୁଣି ଟ୍ରମ୍ପଙ୍କ ଧମକ



ନୂଆଦିଲ୍ଲୀ,୩।୫

ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ ହର୍ମୁଜ ପ୍ରଣାଳୀ ସ୍ୱାଭାବିକ ହୋଇପାରୁ ନାହିଁ। ଏହା ଯୋଗୁ ବିଶ୍ୱ ବ୍ୟାପୀ ତୈଳ ଓ ଗ୍ୟାସ୍ ସଙ୍କଟ ଘନେଇବାରେ ଲାଗିଛି। ବିଭିନ୍ନ ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହା ଗୁରୁତର ପ୍ରଭାବ ପକାଉଛି। ଏଭଳି ସ୍ଥିତିରେ ଆମେରିକା ଓ ଇରାନ ନିଜ ଜିଦ୍ ଅଟଳ ରହି ପୁଣି ଯୁଦ୍ଧମୁହାଁ ହେଉଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣି ଇରାନକୁ ଧମକ ଦେଇ ଡିଲ୍ ନ କଲେ ଧ୍ୱଂସ କରିଦେବୁ ବୋଲି କହିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଇରାନ ପାଖରେ ବର୍ତ୍ତମାନ ଦୁଇଟି ବିକଳ୍ପ ରହିଛି। ଏହା ଉଚିତ ଢଙ୍ଗରେ ଆଲୋଚନା କରି ଚୂଡ଼ାନ୍ତ ବୁଝାମଣା କରୁ। ନଚେତ୍ ତେହରାନ ବିରୋଧରେ ଆମେରିକା ଏକ ପୂର୍ଣ୍ଣାଙ୍ଗ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେବ। ଏହି କାର୍ଯ୍ୟାନୁଷ୍ଠାନ ପ୍ରଚଣ୍ଡ ହେବ ଏବଂ ଇରାନକୁ ଧ୍ୱଂସ କରିଦେବ। ତେବେ ମାନବିକତା ଦୃଷ୍ଟିକୋଣରୁ (ପୃଷ୍ଠା ୭ରେ)

## ୧୦୦ କୋଟିର ଗଞ୍ଜେଇ ଜବତ : ଡ୍ରାଇଭର ଫେରାର

ମାଲକାନଗିରି,୩।୫
ନ୍ୟୁଜ୍‌ବ୍ୟୁରୋ

ମାଲକାନଗିରି ପୋଲିସକୁ ବଡ଼ ସଫଳତା ମିଳିଛି। ୧୦୦ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ହୋଇଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସ୍‌ଆର୍ ଛକରୁ ୨ ଲିଟର ଗଞ୍ଜେଇ ତେଲ ଜବତ ହୋଇଛି। ଜବତ ଗଞ୍ଜେଇ ତେଲର ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ। ଚିତ୍ରକୋଣ୍ଡା ପୋଲିସ୍ ଦ୍ୱାରା ୫୦ କେଜି ଗଞ୍ଜେଇ ମଧ୍ୟ ଜବତ ହୋଇଛି। ସେହିପରି (ପୃଷ୍ଠା ୭ରେ)



## ମେ’ ୨୧ରେ ପଶ୍ଚିମବଙ୍ଗରେ ପୁଣି ଭୋଟ୍

କୋଲକାତା,୩।୫

ପଶ୍ଚିମବଙ୍ଗରେ ହେବ ସାନି ମତଦାନ। ବ୍ୟାପକ ହିଂସାକାଣ୍ଡ ଏବଂ ଇଭିଏମ ହେରଫେର ମାମଲାକୁ ନେଇ ଏକ ବିଧାନସଭା ଆସନରେ ସାନି ମତଦାନ ହେବା ନେଇ ନିର୍ବାଚନ କମିଶନ କହିଛନ୍ତି। କମିଶନ ଶନିବାର ପଶ୍ଚିମବଙ୍ଗର ଫାଲତା ବିଧାନସଭା ଆସନରେ ହୋଇଥିବା ମତଦାନକୁ ରଦ୍ଦ କରିଦେଇଛନ୍ତି। ଏପ୍ରିଲ ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଏଠାରେ ଇଭିଏମରେ ହେରଫେର ଓ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଗୋଟିଏ ବୁଥ୍‌ରେ ଇଭିଏମରେ ବିଜେପି ବଟନ ଉପରେ ଧଳା ଟେପ୍ ଲଗାଯାଇଥିବାର ଅଭିଯୋଗ ମଧ୍ୟ ହୋଇଥିଲା। ଫଳରେ ନିର୍ବାଚନ କମିଶନ ଏଠାରେ ମତଦାନକୁ ରଦ୍ଦ କରିବା ସହ ସାନି ଭୋଟ ଗ୍ରହଣ କରିବାକୁ ଘୋଷଣା କରିଛନ୍ତି।

ଆସନ୍ତା ୨୧ ତାରିଖରେ ଫାଲତା ବିଧାନସଭା ଆସନର ସମସ୍ତ ୨୮୫ଟି ବୁଥ୍‌ରେ ସାନି ମତଦାନ କରାଯିବ। ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ମେ’ ୨୪ ତାରିଖରେ ଭୋଟ ଗଣତି ସହ ଫଳ ପ୍ରକାଶ ପାଇବ। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ଫାଲତା ଆସନ ଅଞ୍ଚଳରେ ଭୋଟରମାନେ ଟିଏମସି କର୍ମକର୍ତ୍ତାଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅନୁସାରେ, ଭୋଟିଂ ପରେ ଟିଏମସିର ଲୋକମାନେ ଆସି ସେମାନଙ୍କୁ ମାରପିଟ୍ କରିଥିଲେ। ସେମାନେ ଏହାର ବିରୋଧ କରିବାରୁ ପୁଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏଥିରେ ଅନେକ ଲୋକଙ୍କ ଗୋଡ଼, ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଡାଏମଣ୍ଡ ହାର୍ବର ଓ ମଗରାହାଟ ପଶ୍ଚିମ ବିଧାନସଭାର ମୋଟ ୧୫ ବୁଥ୍‌ରେ ଶନିବାର ସାନି ମତଦାନ ହୋଇଥିଲା। ଏପ୍ରିଲ ୨୯ରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ବେଳେ ଏହିସବୁ ବୁଥ୍‌ରେ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇଥିଲା। ଶନିବାର ଅର୍ଥାତ ମେ ୨ ତାରିଖ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଦୁଇଟି ବିଧାନସଭା ଆସନର ୧୫ ବୁଥ୍‌ରେ ୯୦ ପ୍ରତିଶତ ମତଦାନ ହୋଇଛି। ସାନି ମତଦାନ ବେଳେ ଦକ୍ଷିଣ ୨୪ ପ୍ରଗଣାରେ ଟିଏମ୍‌ସି ଓ ବିଜେପି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀମାନେ ହସ୍ତକ୍ଷେପ କରି ଉଭୟ ଗୋଷ୍ଠୀଙ୍କୁ ଶାନ୍ତ କରାଇଥିଲେ। ଫଳରେ ପରିସ୍ଥିତି ଅଧିକ ବିଗିଡ଼ି ନ ଥିଲା।

## କାଳବୈଶାଖୀ : ୭ ଜିଲ୍ଲାକୁ ଅରେଞ୍ଜ, ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୩।୫
ନ୍ୟୁଜ୍‌ବ୍ୟୁରୋ

୪ ଦିନ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ସୋମବାର ୧୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ସହ କୁଆପଥର ବର୍ଷା ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ମେଘୁଆ ପାଗ ସହ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୪ ଦିନ ଯାଏ ପ୍ରବଳ ବର୍ଷା ଓ ପବନ ପାଇଁ ଚେତାବନୀ ଦେଇଛି ପାଣିପାଗ ବିଭାଗ।

ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ସମ୍ଭାବନାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୯୩ (+୦)


୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୩୫ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୨୦ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୫ (+୦)

## ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବାରମ୍ବାର ଭୂକମ୍ପ ଝଟ୍‌କା ଚିନ୍ତା ବଢ଼ାଇଛି



ଭୁବନେଶ୍ୱର,୩।୫
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ଲଗାତାର ଭାବେ ଗତ କିଛିଦିନ ଭିତରେ ଭୂମିକମ୍ପ ଅନୁଭୂତ ହୋଇଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବାରମ୍ବାର ଭୂକମ୍ପ ଝଟ୍‌କା ଚିନ୍ତା ବଢ଼ାଇଛି। ବିଶେଷଜ୍ଞଙ୍କ ମତରେ ଭୂତଳ ଭୂଖଣ୍ଡରେ କିଛି ନା କିଛି ଘଟୁଛି।

ସବୁଠାରୁ ହିମାଳୟ ଭୂଖଣ୍ଡ ପ୍ଲେଟରେ ଅବସ୍ଥିତ ନଥିଲେ ମଧ୍ୟ ଏହା ଭୂତାତ୍ତ୍ୱିକ କାର୍ଯ୍ୟକଳାପରୁ ମୁକ୍ତ ନୁହେଁ। ଏଇ କିଛିଦିନ ଭିତରେ କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ତୀବ୍ରତା କମ୍ ଥିବାରୁ କିଛି କ୍ଷୟକ୍ଷତି ହୋଇନାହିଁ। ତେଣୁ ଆଲୋଚନା ବି କମ୍ ହେଉଛି। ମାତ୍ର ବିଶେଷଜ୍ଞ ଏହାକୁ ଆଦୌ ହାଲୁକା ଭାବେ ନେଉନାହାନ୍ତି। କାହିଁକି ଏ ଅଞ୍ଚଳରେ ବାରମ୍ବାର ଭୂକମ୍ପ ଝଟ୍‌କା ଅନୁଭୂତ ହେଉଛି, ଏହାକୁ ନେଇ ଭୂତତ୍ତ୍ୱବିତ୍ ଖୋଳତାଡ଼ ଆରମ୍ଭ କରିଛି। ଆଇଆଇଟି ଖଡ଼ଗପୁରର ଭୂତତ୍ତ୍ୱ ବିଭାଗର ବରିଷ୍ଠ ପ୍ରଫେସର ୱିଲିୟମ ମହାନ୍ତିଙ୍କ କହିବାନୁସାରେ କଳାହାଣ୍ଡି ଅଞ୍ଚଳରେ ଯେଉଁ ଭୂକମ୍ପ ଅନୁଭୂତ ହେଉଛି, ତାହା ପଛରେ ଏକ ବହୁ ପୁରାତନ ସୁପ୍ତ ଫଲ୍ଟ ଲାଇନ ରହିଛି। ପୂର୍ବଘାଟ ପର୍ବତମାଳାରୁ ଛତିଶଗଡ଼ର ବସ୍ତରକୁ ଯେଉଁ ଫଲ୍ଟ ଲାଇନ ରହିଛି, ତାହା ଦୀର୍ଘବର୍ଷରୁ ଏକପ୍ରକାର ନିଷ୍କ୍ରିୟ ଥିଲା। ହଠାତ୍ ଏହା ସକ୍ରିୟତା ଦେଖାଇଛି।

## ଫିଲିପାଇନ୍ସର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ଉଦ୍‌ଗୀରଣ

# ୬ କିମି ପର୍ଯ୍ୟନ୍ତ ସିଲ୍ : ଘର ଛାଡ଼ିଲେ ହଜାର ହଜାର ଲୋକେ

ମାନିଲା,୩।୫

ଫିଲିପାଇନ୍ସର ଆଲବେରେ ଏକ ଅତ୍ୟନ୍ତ ବିପଜ୍ଜନକ ପ୍ରାକୃତିକ ଘଟଣା ସାମ୍ନାକୁ ଆସିଛି। ରବିବାର ମାୟୋନ୍ ଆଗ୍ନେୟଗିରି ଉଦ୍‌ଗୀରଣ ହୋଇଛି। ଅର୍ଥାତ୍ ଏହା ପୁଣି ସକ୍ରିୟ ହୋଇ ଉଠିଛି। ଏହାର ବିପଦକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରୁ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। କର୍ତ୍ତୃପକ୍ଷ ଲାଭା ଏବଂ ଭୂସ୍ଖଳନର ଚେତାବନୀ ଜାରି କରିଛନ୍ତି। ମାନିଲାର ଦକ୍ଷିଣ-ପୂର୍ବରେ ଥିବା ଆଲବେ ପ୍ରଦେଶରେ ମାୟୋନ୍ ଜ୍ୱାଳାମୁଖୀର କାର୍ଯ୍ୟକଳାପ ପୁଣି ବଢ଼ିବା ପରେ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ସମୟରେ ଆକାଶକୁ ପାଉଁଶର ଏକ ଗୁଣ୍ଡ ଉଠି



ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରିଥିଲା। ଅନ୍ୟପକ୍ଷେ ଆଗ୍ନେୟଗିରି ଉଦଗୀରଣ ପରେ ୫ଟି ଲେବଲରେ ପାରାମିଟରକୁ ବଢାଇ ୩ ପର୍ଯ୍ୟନ୍ତ କରି ଦିଆଯାଇଛି। ଏହା ସହ ନିବାସୀଙ୍କୁ ଲାଭା, ଭୂସ୍ଖଳନ ଓ ଆଗକୁ ଉଦଗୀରଣ ବିପଦକୁ ଦୃଷ୍ଟିରେ ରଖି ସତର୍କ ସୂଚନା (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ମଇ, ୨୦୨୬ ସୋମବାର





# ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖିବା ଆବଶ୍ୟକ : ଡ଼ିଜିପି କ୍ରାଇମ୍ ବ୍ରାଞ୍ଚ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ଏହା ଯେପରି କୌଣସି ବିପଦ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଧବାର ଓଡ଼ିଶା ସିଆଇଡି-କ୍ରାଇମ୍ ବ୍ରାଂଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକନୋଲୋଜିସ୍- ସିକ୍ୟୁରିଙ୍ଗ ଟୁମୋରୋଜ ଇଂଟେଲିଜେଂଟ ସିଷ୍ଟମ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଜ୍ଞାନକୌଶଳ ବିକଶିତ କରିବା ସମୟରେ ସୁରକ୍ଷା ଦିଗକୁ ଯେଭଳି ସୁଦୃଢ଼ କରାଯିବ ସେଥିନିମନ୍ତେ ସ୍ୱତନ୍ତ୍ର ଯତ୍ନ ନେବାର ଆବଶ୍ୟକତା ରହିଛି। ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଉପରେ ଗୁରୁତ୍ୱ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ ଯେତେବେଳେ କୌଣସି ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୁଏ ସେତେବେଳେ ମୂଳ ପ୍ରଶ୍ନ ଥାଏ ଏହାକୁ ବିକାଶ କରିଥିବା ସଂସ୍ଥା ଏହାର ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ଉପରେ ଅନୁଶୀଳନ କରିଛନ୍ତି ନା ନାହିଁ। ସେ କହିଥିଲେ ଯେ ସାଇବର ଅପରାଧ ମାଧ୍ୟମରେ ଗୋଟିଏ ବର୍ଷ ମଧ୍ୟରେ ୨୨ ହଜାର କୋଟି ଟଙ୍କା ଲୁଟ୍ ହୋଇଯାଇଛି। ଶ୍ରୀ ମିଶ୍ର କହିଥିଲେ ଯେ ଯେଉଁ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପାନୀଗୁଡିକ ନୂତନ ଜ୍ଞାନକୌଶଳର ଆରମ୍ଭ କରୁଛନ୍ତି ସେମାନେ ତାଙ୍କ ଲାଭାଂଶରୁ କିଛି ଅଂଶ ଅପରାଧ ନିୟନ୍ତ୍ରଣ ଏବଂ ବୈଷୟିକ ସମସ୍ୟାଗୁଡିକୁ ସମାଧାନ କରିବା ଦିଗରେ ଖର୍ଚ୍ଚ କରିବା ଆବଶ୍ୟକ ବୋଲି କହିଥିଲେ। ସୋଆ ପକ୍ଷରୁ ସାଇବର ଅପରାଧ ନେଇ ଆୟୋଜିତ ହୋଇଥିବା ଏହି ସମ୍ମିଳନୀକୁ ନେଇ ଖୁସି ବ୍ୟକ୍ତ କରିବା ସହ ଗବେଷକମାନେ ଏଭଳି ସମସ୍ୟାର ସମାଧାନର ବାଟ ଖୋଜିବାକୁ ଅନୁରୋଧ କରିଥିଲେ। ବୁଦ୍ଧି, ଦକ୍ଷତା ଓ କିଛି ନୂଆ କରିବାର ଇଚ୍ଛା ରଖିବା ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଜ୍ଞାନକୌଶଳ ସଶକ୍ତ କରାଏ ଏବଂ ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ତେବେ ସୁରକ୍ଷିତ ଜ୍ଞାନକୌଶଳର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡାଟା ସିକ୍ୟୁରିଟି କାଉନସିଲ୍ ଅଫ ଇଣ୍ଡିଆର ସିଇଓ ବିନାୟକ ଗଡସେ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସେକ୍ରେଟାରୀଏଟ୍, ପିଏମଓର ପୂର୍ବତନ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ୍ ଏମ.ୟୁ. ନାୟାର, ଇଣ୍ଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିୟନ, ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ସେଲୁଲାର ଅପରେଟର୍ସ ଆସୋସିଏସନ ଅଫ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା ବିକ୍ରମ ତିୱାରୀଆ ଓ ସାଇବର ସିକ୍ୟୁରିଟି ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଏନ.କେ. ଗୋୟଲ ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଦେବବ୍ରତ ନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ସାଇବର ସୁରକ୍ଷାକୁ କିଭଳି ଅଧିକ ଗୁରୁତ୍ୱ ଦିଆଯାଇପାରିବ ସେ ଦିଗରେ ସବୁ ବର୍ଗ ପକ୍ଷରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ନିଜ ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଡ଼ିଜିଟାଲ୍ ଭିତ୍ତିଭୂମି ପରିବ୍ୟାପ୍ତ ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ଉଦ୍ଭାବନ ଏବଂ ଏହାର ପ୍ରଭାବ ମଧ୍ୟ ଚିନ୍ତା ଉଦ୍ରେକ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କୁଳପତି କହିଥିଲେ। ଏହି ପରିପ୍ରେକ୍ଷୀରେ ସୋଆ ଏବଂ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ ଇଣ୍ଡିଆ ମଧ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମଞ୍ଚରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ଲେଫ୍ଟନାଣ୍ଟ ଜେନେରାଲ୍ ନାୟାର କହିଥିଲେ ଯେ ଭାରତ ହେଉଛି ବିଶ୍ୱର ବୃହତ ଡ଼ିଜିଟାଲ ଭିତିଭୂମି ଥିବା ଦେଶ। ଗତ ମାର୍ଚ୍ଚ ମାସରେ ୟୁପିଆଇରେ ୨୨ ହଜାର ୬୪୦ ମିଲିୟନ ଟଙ୍କାର ଆଦାନପ୍ରଦାନ ହୋଇଥିବା ବେଳେ ଏହାର ମୂଲ୍ୟ ହେଉଛି ୨୯୫୨ ଲକ୍ଷ କୋଟି ଟଙ୍କା। ସରକାର ନୂତନ ନିୟମ ଆଣିପାରିବେ କିନ୍ତୁ ନୂଆ ଜ୍ଞାନକୌଶଳ ମଧ୍ୟ ନୂଆ ସମସ୍ୟା ସୃଷ୍ଟି କରିପାରେ। ଶିକ୍ଷାନୁଷ୍ଠାନ ଗୁଡିକ ଏହି ଦିଗରେ ବିଷଦ ଆଲୋଚନା ଓ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସୋଆ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର - ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଏହି ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ପ୍ରଶାସନ, ଶିଳ୍ପ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରର ନେତୃବର୍ଗ ଏକତ୍ରିତ ହୋଇ ଏକ ସୁରକ୍ଷିତ ଓ ବୁଦ୍ଧିମତା ସମ୍ପନ୍ନ ଡିଜିଟାଲ୍ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରୁଛନ୍ତି। ଭାରତ ପ୍ରତି ଥିବା ସାଇବର ସମ୍ପର୍କିତ ବିପଦକୁ ପ୍ରତିହିତ କରିବା ସହ କୃତ୍ରିମ ବୁଦ୍ଧିମତାକୁ ନୈତିକ ପ୍ରକ୍ରିୟାରେ ଆପଣାଇବା ସମ୍ପର୍କରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଏଆଇସି ସୋଆ ଫାଉଣ୍ଡେସନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଡିସିନାଲ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସ, ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମାପ୍ତ ହେବାପରେ ଅତିଥିମାନଙ୍କ ଦ୍ୱାରା ଏକ ଷ୍ଟାର୍ଟଅପ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

# ଚାନ୍ଦୁଟ୍ ମାଲ ଗାଁର କାଜୁ ବଗିଚାରୁ ଦନ୍ତା ହାତୀର ମୃତଦେହ ଠାବ

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

କାଜୁ ବଗିଚାରୁ ଦନ୍ତା ହାତୀର ମୃତଦେହ ଠାବ। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଗୁଡିଘାଟ ଫରେଷ୍ଟ ବିଟ୍ ଅଂଚଳରୁ ଏକ ଅଭାବନୀୟ ଖବର ସାମ୍ନାକୁ ଆସିଛି। ଗୁରୁବାର ସକାଳେ ଚାନୁଟ୍ ମାଲ ଗାଁର ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରୁ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ହାତୀର ମୃତ୍ୟୁକୁ ନେଇ ଏବେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳିଯାଇଥିବା ବେଳେ ବନ ବିଭାଗ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଆଜି ସକାଳେ ଚାନୁଟ୍ ମାଲ ଗ୍ରାମର ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରେ ଦନ୍ତା ହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ତୁରନ୍ତ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ହାତୀର ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବନ ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ, ବିଦ୍ୟୁତ ସଂସ୍ପର୍ଶରେ ଆସିବା ଯୋଗୁଁ ହାତୀଟିର ମୃତ୍ୟୁ ଘଟିଛି। ଗୁଡିଘାଟ ଫରେଷ୍ଟର ଜୟକୃଷ୍ଣ ଭୋଇଙ୍କ କହିବା କଥା ଯେ, ବଗିଚା ଭିତରେ ଯାଇଥିବା ଚାଷୀଙ୍କ ଚାଷ ପାଇଁ ଉଦ୍ଦିଷ୍ଟ ବୋର୍ ୱେଲ୍ କୁ ସଂଯୋଗ କରୁଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାର ପ୍ରାଣହାନି ଘଟିଛି। ଅନ୍ୟପଟେ ମୁରିବାହାଲ ବିଦ୍ୟୁତ୍ ବିଭାଗର ଅଧିକାରୀ ମହମ୍ମଦ ଜୁନେଦ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ମତରେ, ସମ୍ପୃକ୍ତ ଅଂଚଳରେ ଗତ ରାତିରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ହାତୀର ମୃତ୍ୟୁ ଅନ୍ୟ କୌଣସି କାରଣରୁ କିମ୍ବା ଅସୁସ୍ଥତା ଯୋଗୁଁ ହୋଇଥାଇପାରେ ବୋଲି ଜୁନେଦ କହିଛନ୍ତି। ବର୍ତମାନ ଦନ୍ତାର ମୃତଦେହ ଉଦ୍ଧାର ପାଇଁ ପ୍ରକ୍ରିୟା ଜାରି ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଉଭୟ ବିଭାଗ ଅପେକ୍ଷା କରିଛନ୍ତି। ଏହି ଘଟଣାକୁ ନେଇ ପରିବେଶବିତ୍ ଓ ସ୍ଥାନୀୟ ବାସିନ୍ଦା ଗଭୀର ଉଦବେଗ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# 'ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାଣକାରୀ'

**କଟକ, ନ୍ୟୁଜ ବ୍ୟୁରୋ**



କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଆନୁକୂଲ୍ୟରେ କଟକ ଜିଲ୍ଲା କୋର୍ଟ ପରିସରରେ 'ଆର୍ନ୍ତଜାତିକ ଶ୍ରମିକ ଦିବସ' କଟକ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ମାନସ ରଂଜନ ବାରିକ୍‌ଙ୍କ ଅଧକ୍ଷତାରେ ପାଳିତ ହୋଇଥିଲା। କଟକ ଜିଲ୍ଲା ଓ ଦୌରା ଜଜ୍ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶ୍ରମିକମାନେ ରାଷ୍ଟ୍ର ନିର୍ମାଣକାରୀ। ଶ୍ରମ ଓ ଶ୍ରମିକମାନଙ୍କୁ ସମ୍ମାନ ଦେବା ଉଚିତ୍। ଶ୍ରମିକମାନଙ୍କ ଉନ୍ନତି ପାଇଁ କଠିନ ଆଇନ ରହିଛି, ସମସ୍ତେ ତାକୁ ମାନିବା ଉଚିତ୍। ସହାୟକ ଜିଲ୍ଲା ଶ୍ରମ ଅଧିକାରୀ ରଶ୍ମିରଂଜନ ବରାଳ ଶ୍ରମିକ ଦିବସର ଆବଶ୍ୟକତା, ଶ୍ରମିକ ଆଇନମାନଙ୍କର ବିଶ୍ଳେଷଣ ଓ ଉପକାରିତା, ଶ୍ରମିକମାନଙ୍କର ଅଧିକାର ଏବଂ ତା'ର ଉପଯୋଗିତା ସମ୍ବନ୍ଧରେ ଶ୍ରମିକମାନଙ୍କୁ ଅବଗତ କରାଯାଇଥିଲେ। ସଚିବ, ଜିଲ୍ଲା ଆଇନ ସେବା ପ୍ରାକରଣ, କଟକ ଜଗଦିଶ୍ ଚନ୍ଦ୍ର ଜେନା ଏହି ସଭାର ସ୍ୱାଗତ ଭାଷଣ ପ୍ରଦାନ କରି ଶ୍ରମିକ ଦିବସର ଆଭିମୁଖ୍ୟ ବର୍ଣନା କରିଥିଲେ। ଏହି ସଭାରେ କଟକ ଜିଲ୍ଲାକୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଆଇନଜୀବୀ, ପାରା ଲିଗାଲ୍ ଭଲ୍ୟୁଣ୍ଟରମାନେ ତଥା ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ରହିଥିଲେ। ଏହି ଦିବସ ଉପଲକ୍ଷେ ୧୭ଟି ଶ୍ରମିକ ପରିଚୟ ପତ୍ର, ୧୮ଟି ବିବାହ ସହାୟତା ରାଶି ଏବଂ ୧୫ଟି ମୃତ୍ୟୁକାଳୀନ ସହାୟତା ରାଶି ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା।

# ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଚଳିତ ବୈଶାଖ ମାସ ଶୁକ୍ରବାର ପବିତ୍ର ଚନ୍ଦନ ପୂର୍ଣ୍ଣମୀ ଶୁଭ ଅବସରରେ ଯାଜପୁର ରୋଡ ସ୍ଥିତ ଯାଜପୁର ରୋଡ ରେଲୱେ ଷ୍ଟେସନ ଜି.ଆର.ପି ଫାଣ୍ଡି ପରିସରରେ ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କର ୨୧ ତମ ଜନ୍ମ ବାର୍ଷିକ ମହୋତ୍ସବ ଯଥାବିଧି ଅନୁସାରେ ୧ ଦିନ ଧରୀ ଅନୁଷ୍ଠିତ ହୋଇ ଯାଇଛି। ଏହି ପରିପେକ୍ଷୀରେ ତ୍ରିନାଥଙ୍କୁ ମହାସାନ୍ନ, ନୂତନ ବସ୍ତ୍ର ପରିଧାନ, ଗରୁଡ଼ ପୂଜା କଳସ ଯାତ୍ରା ଘଟ ସ୍ଥାପନ ସୂର୍ଯ୍ୟ ପୂଜା ଯଜ୍ଞ ଷୋଡ଼ଶ ପୂଜା, ବଡ଼ ସିଂହାର ବେଶ, ଗୀତା ପଠନ, ଅଷ୍ଟ ମକ, ଗୋ-ପୂଜା ଗୁରୁପୂଜା କରାଯାଇଥିଲା। ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସନ୍ଧ୍ୟା ରେ ଆଳତି ଭଜନ ସଂକୀର୍ତ୍ତନ ପ୍ରଭୃତି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଅସି ବାବା ତ୍ରିନାଥଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ତ୍ରିନାଥ ର ଆଶ୍ରିବାଦ ନେଇଥିଲେ। ସମଗ୍ର ଅଞ୍ଚଳରେ ଭଜନ ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା। ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଥିଲା। ଦୁଇହଜାରୁ ଉର୍ଦ୍ଧ ଭକ୍ତ ପ୍ରସାଦ ସେବନ କରିଥିଲେ। ତ୍ରିନାଥଙ୍କ କଳସକୁ ଏକ ବର୍ଣ୍ଣଢ଼ ଶୋଭା ଯାତ୍ରାରେ ବିଭିନ୍ନ ବାଦ୍ୟ ଘଣ୍ଟ ଶଙ୍ଖ ଜୟ ତ୍ରିନାଥଙ୍କ ଧ୍ୱନିରେ କଳସ ବୁଡା ଯାଇଥିଲା। ଭକ୍ତ ମାନେ ପବିତ୍ର ପୂଜା ଉତ୍ସବରେ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ରହି ତ୍ରିନାଥଙ୍କ ଦୁର୍ଲ୍ଲଭ ଦର୍ଶନ ପୂର୍ବକ କୃପାଲାଭ କରିଥିଲେ। ଯାଜପୁର ରୋଡ ଜି,ଆର, ପି, ଫାଣ୍ଡିର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ତ୍ରିନାଥ ଦେବଙ୍କର ବାର୍ଷିକ ମହୋତ୍ସବ କୁ ସୁଚାରୁ ରୁପେ ତୁଲାଇ ଥିଲେ। ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

# ୪ ଘଣ୍ଟାରେ ମିଳିଲା ରୁଦ୍ରନାଥ ବାବାଙ୍କର ଜମି ପଟ୍ଟା : ବିରଳ ରେକର୍ଡ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**




ସୋନପୁର ଟାଉନ ୟୁନିଟ୍ ନମ୍ବର- ୪ ଠାରେ ଥିବା ଶ୍ରୀ ଶ୍ରୀ ରୁଦ୍ରନାଥ ମହାଦେବଙ୍କ ନାମରେ ୦.୦୦୮୪ ଡିସିମିଲ ଜମି ଗତକାଲି ୨୯.୦୪.୨୦୨୬ ଦିନ ସୋନପୁର ସହରର ହୃଦାନନ୍ଦ ମେହେର ସୋନପୁର ଜିଲ୍ଲା ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ଦାନ ପତ୍ରର ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ତାହା ବିଧିବଦ୍ଧ ଭାବରେ ରେଜିଷ୍ଟ୍ରେସନ ହେବା ପରେ ଆଜି ୩୦.୦୪.୨୦୨୬ ସକାଳ ୯ଟା ବେଳେ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀଙ୍କୁ ସୋନପୁର ରେଜିଷ୍ଟ୍ରି ଗିଫ୍ଟ ଡିଡ ପ୍ରଦାନ କରାଯାଇଥିଲା। ଏହାପରେ ଉପଜିଲ୍ଲାପାଳ, ସୋନପୁର ଡ଼.ସୌମ୍ୟରୂପା ରଥଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନକ୍ସା ତଥା ପଟ୍ଟା ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜମି ମାଲିକ ଙ୍କ ଆଇନ ପରାମର୍ଶ ଦାତା ତଥା ବରିଷ୍ଠ ଆଇନଜୀବୀ ସର୍ବେ ସ୍ୱର ପୁରୋହିତଙ୍କ ପରାମର୍ଶରେ ଆଜି ଏ ପଟ୍ଟା ପ୍ରସ୍ତୁତି ପ୍ରକ୍ରିୟାକୁ ତ୍ୱରିତ କରା ଯାଇଥିଲା। ମାତ୍ର ୪ଘଣ୍ଟା ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରି ତହସିଲଦାର ସୋନପୁର ଜି. ରଶ୍ମିରେଖା, ଅତିରିକ୍ତ ତହସିଲଦାର, ଯୋଗେଶ୍ୱର ଧରୁଆ, ରେକର୍ଡ କିପର, ବାସନ୍ତୀ ଭୋଇ, କୋର୍ଟ ଅମିନ,ଲିନା ହୋତା ଓ ଡାଟା ଏଣ୍ଟ୍ରି ଅପରେଟର ଅଜିତ କୁମାର ମିଶ୍ର, ସମସ୍ତେ ମିଳିତ ଭାବେ ଉଦ୍ୟମ କରି ଶ୍ରୀ ଶ୍ରୀ ରୁଦ୍ରନାଥ ବାବା ନିଜେ ମାରଫତ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ସୋନପୁର ଙ୍କ ନାମରେ ନୂତନ ପଟ୍ଟା ପ୍ରସ୍ତୁତ କରି ଆଜି ଦିନ ୧ଟା ସମୟରେ ଉପଜିଲ୍ଲାପାଳ ସୋନପୁରଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସମସ୍ତ ରାଜସ୍ୱ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏତେ କମ୍ ସମୟ ରେ ପଟ୍ଟା ପ୍ରସ୍ତୁତ କରି ତ୍ୱରିତ ରାଜସ୍ୱ ସେବା ପ୍ରଦାନ କରିଥିବାରୁ ଉପଜିଲ୍ଲାପାଳ ସୋନପୁର ତହସିଲଦାର ସୋନପୁରଙ୍କୁ ତଥା ସମସ୍ତ ରାଜସ୍ୱ କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଏହା ରାଜସ୍ୱ ସେବା ପ୍ରଦାନ କ୍ଷେତ୍ରରେ ଏକ ବିରଳ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ।

# ୱାଚ୍ ଆଣ୍ଡ ୱାର୍ଡ ହାଉସ୍‌କିପିଙ୍ଗ ସେବା ସଂଘର ବୈଠକ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଶ୍ରୀ ଜଗନ୍ନାଥ ୱାଚ୍ ଆଣ୍ଡ ୱାର୍ଡ ହାଉସ୍‌କିପିଙ୍ଗ ସେବା ସଂଘର ଏକ ସମ୍ମିଳନୀ ସଭାପତି ପବିତ୍ର କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଉପସଭାପତି ପବିତ୍ର କୁମାର ସାହୁ, ସମ୍ପାଦିକା ମିନତୀ ବିଶ୍ୱାଳ, ସହ ସମ୍ପାଦକ ଅଧୀର ମହାପାତ୍ର, କୋଷାଧକ୍ଷ ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀ ମାନଙ୍କର ସିଧାସଳଖଭାବେ ସେମାନଙ୍କ ଆକାଉଣ୍ଟକୁ ଦରମା ପଠାଇବା ବ୍ୟବସ୍ଥା କରାଯିବା, ଏଥିସହିତ ମହିଳା ପୁରୁଷ କର୍ମଚାରୀମାନଙ୍କୁ ପରିବାର ପ୍ରତିପୋଷଣ, ଭବିଷ୍ୟତ ପାଇଁ ସ୍ଥାୟୀ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରାଯାଇଛି। ଝରଣା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀର ଶେଷରେ ଚିନ୍ମୟୀ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧାର କାର୍ଡ କେବଳ ଲୋକଙ୍କ ପରିଚୟ ପତ୍ର

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ଆଧାର କାର୍ଡ କେବଳ ଲୋକଙ୍କ ପରିଚୟ ପତ୍ର। ଏଥିରେ ଥିବା ଜନ୍ମ ତାରିଖକୁ ଜନ୍ମ ପ୍ରମାଣ ରୂପେ ବିବେଚନା କରାଯାଇନପାରେ ବୋଲି ଆଧାର କାର୍ଡ ପ୍ରସ୍ତୁତକାରୀ ୟୁଆଇଡିଏଆଇ ପକ୍ଷରୁ ସ୍ପଷ୍ଟ ଭାବେ ମତପ୍ରକାଶ କରିଛନ୍ତି। ଜନ୍ମ ତାରିଖକୁ କେବଳ ଜନ୍ମ ପ୍ରମାଣପତ୍ର କିମ୍ବା ହାଇସ୍କୁଲର ଦଶମଶ୍ରେଣୀ ସାର୍ଟିଫିକେଟରେ ଉଲ୍ଲେଖ ଥିବା ଜନ୍ମ ତାରିଖକୁ ଠିକ୍ ବୋଲି ବିବେଚନା କରିଛନ୍ତି। କିନ୍ତୁ ଓଡିଶାରେ ବହୁ ବ୍ୟକ୍ତିଙ୍କ ଆଧାର କାର୍ଡରେ ତୃଟି ପୂର୍ଣ୍ଣ ଜନ୍ମ ତାରିଖ ଉଲ୍ଲେଖ ଥିବା ଓ ସଂପୃକ୍ତ ବ୍ୟକ୍ତି ମାନେ ବାରମ୍ବାର ସଂଶୋଧନ ପାଇଁ ଆବେଦନ କଲେ ମଧ୍ୟ ସଂଶୋଧନ ହୋଇପାରୁନାହିଁ। ଫଳରେ ଏ ଧରଣର ବ୍ୟକ୍ତିମାନେ ସରକାରଙ୍କ ସମସ୍ତ କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କାରଣ ଓଡିଶାର ସମସ୍ତ କାର୍ଯ୍ୟରେ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ବେଳେ ଜନ୍ମ ପ୍ରମାଣ ପତ୍ରକୁ ଗୌଣ ମନ୍ନେ କରୁଛନ୍ତି। ଫଳରେ ଗଂଜାମ ଜିଲାର ବହୁ ଜନସାଧାରଣ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଏହାର ତର୍ଜମାକରି ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଜନ୍ମପ୍ରମାଣପତ୍ର କିମ୍ବା ହାଇସ୍କୁଲରେ ପରୀକ୍ଷା ପ୍ରମାଣପତ୍ରରେ ଉଲ୍ଲେଖ ଥିବା ଜନ୍ମ ତାରିଖକୁ ଗ୍ରହଣ କରିବାକୁ ସରକାରୀ ଆଦେଶ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# କୋରେଇରେ ବହୁ ନେତା ଓ କର୍ମୀ ବିଜେପିରେ ମିଶିଲେ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଶାସକ ବିଜେପି ଦଳର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଂଚାୟତ ପ୍ରତିନିଧି ଏବଂ କର୍ମୀ। ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ ଆଜି କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ କୋରେଇ ବ୍ଲକ୍ ଅନ୍ତର୍ଗତ ଅନ୍ଧାରୀ ଗ୍ରାମପଞ୍ଚାୟତର ସଭାପତି ପ୍ରତାପ କୁମାର ରାଉତରାୟ, ଗୟାଧର ପରିଡା, ସୁନିତା ରାଉତ, କୁଳମଣୀ ଦାସ, ରାମଚନ୍ଦ୍ର ମାଝୀ, ନିହାର ତ୍ରିପାଠୀଙ୍କ ନେତୃତ୍ୱରେ ଅନ୍ଧାରୀ ଚଢେଇପାଟିଆ ଗ୍ରାମର ପ୍ରଫୁଲ୍ଲ ଜେନା, ଅମୂଲ୍ୟ ମଲ୍ଲିକ୍, ବିଷ୍ଣୁ ମଲ୍ଲିକ୍, ଗଙ୍ଗାଧର ଯେନା, ବାଷ୍ଣୁ ଜେନା, ବାଙ୍କାନିଧି ଜେନା, ଚେଉନ ଜେନା, ନବଘନ ଜେନା, ସୁବାସ ମହାନନ୍ଦ, ରଞ୍ଜନ ଜେନା, ଦିପୁନ ଜେନା, ମୟୁରୀ ଜେନା, ବନିତା ମଲ୍ଲିକ୍, ରେବତି ଜେନା, ଟେରି ଜେନା, ମିତାଞ୍ଜଳି ଜେନା, କୈଳାଶ ଜେନା, ଅଧିର ଜେନା, ସୁବଳ ଜେନା, ବୁଟୁ ଜେନା, ବିନୟ ଜେନା, ତିଲୋତମା ଜେନା, ସରୋଜ ଜେନା, ପ୍ରମୋଦ ଜେନା, ରଗଡି ଗ୍ରାମର ମାନସ କୁମାର ପାତ୍ର, ଶରତ କୁମାର ପାତ୍ର, ସୁକାନ୍ତ ପାତ୍ର, ସୁରେଶ କୁମାର ପାତ୍ର, ରବିନ୍ଦ୍ର ପରିଡା, ଖଗେଶ୍ୱର ରାଉତ, ଅନାମ ଚରଣ ପାଢୀ, ସଞ୍ଜୟ ପାତ୍ର, କିଆପଦା ଗ୍ରାମର ବସନ୍ତ ବେହେରା, ବିକାଶ ଦାସ, ମିନକେତନ ବେହେରା ଅଜୟ ସାମଲ, ବିପିନ ବିହାରୀ ନାୟକ, ଅମୂଲ୍ୟ ବେହେରା, ପ୍ରତାପ ବେହେରା, ସୁଦର୍ଶନ ଖଟୁଆ, ବେଲାଲସେନ ନାୟକ, ଅର୍ଜୁନ ନାୟକ, ତପନ ନାୟକ, ଘନଶ୍ୟାମ ଖଟୁଆ, ସୁନେଲି ଦାସ, ରଞ୍ଜୁ ଖଟୁଆ, କୁଳମଣି ଦାସ, ପଞ୍ଚାନନ ବାରିକ, ବିମ୍ବାଧର ଦାସ, ଦୟାନିଧି ପଲେଇ, ଗୋଲେଖ ବିହାରି ଦାସ, ବିଭୁତି ଦାସ, ସରସ୍ୱତୀ ଦାସ, ସେହିପରି କୋରାବନ୍ଦୀ ଗ୍ରାମର ପ୍ରଶାନ୍ତ ସେଠୀ, ବାପୁନି ସେଠୀ, ଶତ୍ରୁଘ୍ନ ସେଠୀ, ଅର୍ଜୁନ ରାଉତ, କୁଳମଣୀ କର, କୃଷ୍ଣଚନ୍ଦ୍ର ରାଉତ, ଅଜୟ ମଲ୍ଲିକ୍, ସଂଜୟ ମଲ୍ଲିକ୍, ସନ୍ତୋଷ ମଲ୍ଲିକ୍, ରାଜା ସ୍ୱାଇଁ, ପ୍ରଫୁଲ୍ଲ କର, ଦନେଇ ସ୍ୱାଇଁ, ରଞ୍ଜନ ମଲ୍ଲିକ୍ ପ୍ରମୁଖ ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ଆଜି ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନ ତଥା ମାନନୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ସମସ୍ତ ଆଗନ୍ତୁକ ଅନ୍ଧାରୀ ପଂଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ କରାଇଥିଲେ। ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ଅନ୍ଧାରୀ ଗ୍ରାମ ପଞ୍ଚାୟତରେ ବିଜେପି ସ୍ଥିତି ସୁଦୃଢ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ମିଶ୍ରଣ ପର୍ବକୁ ଅନେକ ବିଜେପି କର୍ମକର୍ତ୍ତା ସହଯୋଗ କରିଥିଲେ।

# 'ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ର ଓ ଭିତ୍ତିଭୂମି ବିକାଶର କର୍ଣ୍ଣଧାର'

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ସହର ସ୍ଥିତ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ଦିବା ୧୧.୩୦ ମି ସମୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧୀନରେ ଯୋଗ୍ୟ ବିବେଚିତ ପଞ୍ଜୀକୃତ ନିର୍ମାଣ ଶ୍ରମିକ ମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ ସହ ନିର୍ମାଣ ଶ୍ରମିକ ମାନଙ୍କୁ ସଚେତନ କରାଗଲା। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର ବିଧାୟକ ଡାବୁ ଗାଁ ମନୋହର ରାନ୍ଧାରି, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପୌରାଧକ୍ଷ କୁନୁ ନାୟକ,ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ,ବିଧାୟକ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦ୍ୱାରା ଶ୍ରମିକ ମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ,ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ସହାୟତା ରାଶି ପ୍ରଦାନ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରି ସଭା ପରିଚାଳନା କରିଥିଲେ। ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଶ୍ରମିକ ମାନେ ହେଉଛନ୍ତି ରାଷ୍ଟ୍ର ଓ ଭିତ୍ତିଭୂମିର ବିକାଶର କର୍ଣ୍ଣଧାର,ତାଙ୍କର ଉନ୍ନତି ହେଲେ ରାଷ୍ଟ୍ରର ଉନ୍ନତି ସମ୍ଭବ ହେବ ଏବଂ ହିତାଧିକାରୀ ଶ୍ରମିକ ଯେପରି ପଞ୍ଜୀକୃତ ହୋଇ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ରେ ଉଚିତ ସହାୟତା ପାଇପାରିବେ ତା ଉପରେ ବିଶେଷ ସଚେତନତାର ଆବଶ୍ୟକ ସହ ବିଭାଗୀୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ରାଜ୍ୟ ସରକାର ନିର୍ମାଣ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ବିଶେଷ ଗୁରୁତ୍ୱ ଦେଇ ଶିକ୍ଷା, ମୃତ୍ୟୁକାଳୀନ, ବିବାହ, ପ୍ରସୂତିକାଳୀନ, ଅନ୍ତେଷ୍ଟି କ୍ରିୟା, ଦୁର୍ଘଟଣା ଜନିତ ମୃତ୍ୟୁ/ ଅକ୍ଷମ, ଦୂରାରୋଗ୍ୟ ବ୍ୟାଧି ନିମନ୍ତେ ଆର୍ଥିକ ସହାୟତା ଯୋଗାଉଛନ୍ତି ଏବଂ ଏଥିପାଇଁ ସମସ୍ତ ଶ୍ରମିକ ନିଜ ନିଜର ନାମ ପଞ୍ଜୀକୃତ କରିବା, ଦାଦନ ଶ୍ରମିକ ଭାବେ ବାହାରକୁ ଯିବାକୁ ମନା କରିବା, ଆବାସ ଯୋଜନାର ସହାୟତା ନେବା ଓ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଅଧକ୍ଷ ଜିଲ୍ଲାପାଳ ନିଜ ବକ୍ତବ୍ୟରେ ସମସ୍ତ ଶ୍ରମିକ ପଞ୍ଜୀକରଣ କରିବାକୁ ଆହ୍ୱାନ ସହ ଧାର୍ଯ୍ୟ ମଜୁରୀ ଠାରୁ କମ୍ ପ୍ରାପ୍ତ ହେଲେ ସଙ୍ଗେ ସଙ୍ଗେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସମାରୋହରେ ଆଜି ଜିଲ୍ଲାରେ ୧୨୧ଜଣ ହିତାଧିକାରୀଙ୍କୁ ଟ ୧୨,୮୫,୬୦୦/- (ଶିକ୍ଷା ସହାୟତା), ୩୫୬ଜଣ ହିତାଧିକାରୀଙ୍କୁ ଟ.୧,୭୮,୦୦,୦୦୦/- (ବିବାହ ସହାୟତା), ୧୧୪ ଜଣ ହିତାଧିକାରୀଙ୍କୁ ଟ ୧୧,୪୦,୦୦୦/- (ପ୍ରସୂତିକାଳୀନ ସହାୟତା), ୮୭ଜଣ ହିତାଧିକାରୀଙ୍କୁ ଟ ୨,୪୯,୦୦,୦୦୦/-(ମୃତ୍ୟୁ କାଳୀନ ସହାୟତା), ୮୦ଜଣ ହିତାଧିକାରୀଙ୍କୁ ଟ ୪,୦୦,୦୦୦/- (ଅନ୍ତୋଷ୍ଟିକ୍ରିୟା) ସହାୟତା ରାଶି ଏଭଳି ସର୍ବ ମୋଟ ୭୫୮ ହିତାଧିକାରୀଙ୍କୁ ଟ ୪,୫୫,୨୫,୬୦୦/- ଡିବିଟି ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କ ଜମା ଖାତାକୁ ପ୍ରଦାନ କରାଯାଉଛି। ସମାରୋହରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଗଣ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶିର ଡ଼ମି ଚେକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘ ର ପରମେଶ୍ୱର ବିଷୋୟୀ,ବିଶ୍ୱକର୍ମା ମଜଦୂର ସଂଘର ଖଗେଶ୍ୱର ବିଶୋୟୀ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୂର ସଂଘର ରାମ ବିଷୋୟୀ, ସ୍ୱାଭିମାନ କୁଲି ମଜୁରିଆ ରାଜମିସ୍ତ୍ରୀ ସଂଘର ସୁଜିତ୍ କୁମାର ହିଆଲ, ଡିଆଇପିଆର୍ ଓ ମନୋଜ ବେହେରା, ଅନ୍ୟାନ୍ୟ ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରାୟ ୩୫୦ରୁ ଅଧିକ ଜଣ ଶ୍ରମିକ ଭାଇ ଭଉଣୀ ଉପସ୍ଥିତ ଥିଲେ। ଶ୍ରମ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ଦେଇଥିଲେ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁଧ୍ୟାନ ଜାରି

# ଚାନ୍ଦବାଲି ବ୍ଲକରେ ବଢିବ ବିଦ୍ୟାଳୟ ସଂଖ୍ୟା

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

କରୋନା ମହାମାରୀ ସମୟରେ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନା କମଦର୍ଶାଇ ତତକାଳିନ ରାଜ୍ୟ ସରକାର ସାରା ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ହ୍ରାସ କରିଥିଲେ। ଏହି ନିୟମାନୁଯାଇ ଯେଉଁ ବିଦ୍ୟାଳୟରେ ଉପସ୍ଥାପନା ସଂଖ୍ୟା ୨୦ ଅଥବା କମ ସେହି ବିଦ୍ୟାଳୟ ଗୁଡିକୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇ ଦିଆଗଲା। ଏହି ନିୟମ ଆଧାରରେ ଚାନ୍ଦବାଲି ବ୍ଲକରେ ୨୫ଟି ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ମିଶ୍ରଣ କରାଗଲା। ଏହି ବିଦ୍ୟାଳୟରେ ଥିବା ଶିକ୍ଷକ ମାନଙ୍କୁ ମଧ୍ୟ ନିକଟସ୍ଥ ବିଦ୍ୟାଳୟ ଅଥବା ନିକଟସ୍ଥ କ୍ଲଷ୍ଟର ରେ ଅର୍ନ୍ତଭୁକ୍ତ କରାଯାଇଥିଲା। ୨୦୨୦-୨୧ଆର୍ଥିକ ବର୍ଷରେ ପ୍ରାଥମିକ ବିଦ୍ୟାଳୟର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଚାନ୍ଦବାଲି ଅଂଚଳରେ ବହୁ ଛାତ୍ରଛାତ୍ରୀ ମାନେ ମଧ୍ୟ ଶିକ୍ଷାଦାନରୁ ବଂଚିତ ହୋଇଥିଲେ। ସରକାର ଯଦିବା ଏହି ଛାତ୍ରଛାତ୍ରୀ ମାନଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ଆଣିବାକୁ ଚେଷ୍ଟା କରିଥିବା ସତ୍ତ୍ୱେ ଶତ ପ୍ରତିଶତ ସଫଳ ହୋଇ ପାରି ନଥିଲେ ଫଳରେ ବହୁ ଛାତ୍ରଛାତ୍ରୀ ପ୍ରାଥମିକ ଶିକ୍ଷାରୁ ବଂଚିତ ହୋଇଥିଲେ। ୨୦୧୯-୨୦ଆର୍ଥିକ ବର୍ଷରେ ଚାନ୍ଦବାଲି ବ୍ଲକରେ ପ୍ରାଥମିକ, ନୋଡାଲ ବିଦ୍ୟାଳୟ ସଂଖ୍ୟା ୩୨୧ ଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ବିଦ୍ୟାଳୟ ସଂଖ୍ୟା ୨୯୬କୁ କମି ଆସିଥିଲା। ଭାରତୀୟ ଜନତା ପାର୍ଟି ସରକାରକୁ ଆସିବା ପରେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱର ସହ ବିଚାରକୁ ନେବା ସହ କିପରି ପ୍ରାଥମିକ ଶିକ୍ଷା ସାର୍ବଜନୀନ ହୋଇ ପାରିବ ଏବଂ କେହି ଜଣେ ଛାତ୍ରଛାତ୍ରୀ ପ୍ରାଥମିକ ଶିକ୍ଷାରୁ ବଂଚିତ ହେବେ ନାହିଁ ସେ ପ୍ରତି ଗୁରୁତ୍ୱ ଦେଲେ। ଏହି ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସାରା ରାଜ୍ୟରେ ବନ୍ଦ ହୋଇ ଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ପୁନଶ୍ଚ ଖୋଲିବାକୁ ଯୋଜନା କଲେ। ଏହି ଅନୁସାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାଇ ସଂପୃକ୍ତ ଶଚିବ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କରୋନା ମହାମାରୀ ସମୟରେ ବନ୍ଦ ହୋଇ ଯାଇଥିବା ବିଦ୍ୟାଳୟ ର ସଂପୂର୍ଣ ତଥ୍ୟ ଆଣିବାକୁ ଚିଠି କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଏହି ଚିଠି ପାଇବା ପରେ ଜିଲ୍ଲାରେ ଥିବା ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଚିଠି କରି ବନ୍ଦ ହୋଇ ପଡିଥିବା ବିଦ୍ୟାଳୟର ସମସ୍ତ ତଥ୍ୟ ଯଥା କେତେ ଛାତ୍ରଛାତ୍ରୀ ସେହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ବନ୍ଦ ହେବା ପରେ ସଂପୃକ୍ତ ଛାତ୍ରଛାତ୍ରୀ ନିକଟସ୍ଥ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଅବ୍ୟାହତ ରଖିଥିଲେ ଅଥବା ଶିକ୍ଷାଦାନରୁ ବଂଚିତ ହେଲେ ଏବଂ ଏହି ବନ୍ଦ ହୋଇ ପଡିଥିବା ବିଦ୍ୟାଳୟ ନିକଟସ୍ଥ ଜନସାଧାରଣଙ୍କ ଠାରୁ ସେହି ଅଂଚଳର ଛାତ୍ରଛାତୀଙ୍କ ତଥ୍ୟ ଆଣିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଥ୍ୟ ମିଳିବା ପରେ ସଂପୃକ୍ତ ବ୍ଲକ ଶିକ୍ଷାଧିକାରୀ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ତଥ୍ୟ ପ୍ରଦାନ କରିବା ସହ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗକୁ ଅବଗତ କରାଇବେ। ପରେ ସେହି ତଥ୍ୟ ଅନୁଯାଇ କେଉଁ ଅଂଚଳରେ ବନ୍ଦ ହୋଇ ପଡିଥିବା ବିଦ୍ୟାଳୟ ଗୁଡିକର ପୁନଃ ରୁଦ୍ଧାର ହେବ





# ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ
## କ୍ଷତିଗ୍ରସ୍ତ ଅଞ୍ଚଳର ଜଳ ଓ ଖାଦ୍ୟ ପରୀକ୍ଷା ନିମନ୍ତେ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯାଜପୁର ଗସ୍ତରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଡାଇରିଆ ୱାର୍ଡ଼କୁ ଯାଇ ଝାଡ଼ାବାନ୍ତିରେ ଅସୁସ୍ଥ ହୋଇଥିବା ରୋଗୀଙ୍କୁ ଭେଟିଛନ୍ତି। ପ୍ରାରମ୍ଭିକ ସୂଚନା ମୁତାବକ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ପାଟପୁର ଅଞ୍ଚଳରେ ବିଷାକ୍ତ ଖାଦ୍ୟ ଖାଇ ପ୍ରାୟ ୫୦ ଜଣ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମେତ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ମଧ ଚିକିତ୍ସାଳୟରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅସୁସ୍ଥଙ୍କ ସହ ସିଧାସଳଖ କଥା ହେବା ସହ ସରକାରଙ୍କ ତରଫରୁ ସବୁ ପ୍ରକାର ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରୋଗ ବ୍ୟାପିବାର ପ୍ରକୃତ କାରଣ ଜାଣିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଜଳ ଓ ଖାଦ୍ୟର ନମୂନା ସଂଗ୍ରହ କରି ପରୀକ୍ଷା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କୁ ଆତଙ୍କିତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହାସହ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ମହାରାଜା ଯଯାତି କେଶରୀ ମେଡ଼ିକାଲ କଲେଜ, ସିଡିଏମଓଙ୍କ ଟିମ୍ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ନଜର ରଖିଛନ୍ତି। ଆକ୍ରାନ୍ତ ଶିଶୁମାନଙ୍କ ବିଶେଷ ଯତ୍ନ ନିଆଯିବା ସହ ଯେମିତି ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିବେ, ସେ ଦିଗରେ ଆମେ ସଜାଗ ଅଛୁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଏହାସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାଟପୁର ଅଞ୍ଚଳର ମୃତକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଅତିରିକ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଗସ୍ତ ସମୟରେ ଜିଲ୍ଲାପାଳ, ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା, ମେଡ଼ିକାଲ କଲେଜ୍ ଅଧ୍ୟକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ପ୍ରଭାତ ବିଶ୍ୱାଳଙ୍କୁ ଭେଟିଲେ ସାଂସଦ ଦିଲ୍ଲୀପ ରାୟ

**କଟକ,ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର -କଟକର ପୂର୍ବତନ ବିଧାୟକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ। ଗତକାଲି ବାରିପଦା ଗସ୍ତ ସମୟରେ କଟକ ଓଏମପି ଛକରେ ଦିଲ୍ଲୀପ ରାୟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ଚୌଦ୍ୱାର – କଟକ ବିଧାୟକ ସୌଭିକ ବିଶ୍ୱାଳ। ମହାନଦୀ ବିହାର ସ୍ଥିତ ଘରେ ବାପା ପ୍ରଭାତ ବିଶ୍ୱାଳ ଓ ସୌଭିକଙ୍କୁ ଭେଟିଛନ୍ତି ଦିଲ୍ଲୀପ ରାୟ। ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପଙ୍କୁ ସମର୍ଥନ କରିଥିଲେ ସୌଭିକ। ଦିଲ୍ଲୀପ ରାୟଙ୍କ ଏହି ଭେଟ ରାଜନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କଟକ ବାରବାଟୀ ବିଧାୟକ ସୌଭିକ ବିଶ୍ୱାଳ ଏବଂ ତାଙ୍କ ପରିବାର ସହିତ ଦିଲ୍ଲୀପ ରାୟଙ୍କ ଏହି ଆଲୋଚନା ଭବିଷ୍ୟତରେ ରାଜନୈତିକ ମୋଡ ବଦଳାଇବାର ସମ୍ଭାବନା ରହିଛି।



# ଇମ୍ଫା ପକ୍ଷରୁ ଶ୍ରମିକ ଦିବସ ପାଳିତ



**ଚୌଦ୍ୱାର,ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଇମ୍ଫା ଶ୍ରମିକ ପ୍ରତିନିଧି ମଣ୍ଡଳି ତରଫରୁ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି। ଗୌଖାନା ସ୍ଥିତ ଇମ୍ଫା କଲୋନୀ ପରିସରରେ ଆୟୋଜିତ ଏହି ଉତ୍ସବରେ କାରଖାନାର ବରିଷ୍ଠ ଉପ ସଭାପତି ବିନୟ କୁମାର ଅଗ୍ରୱାଲ, ଶ୍ରମିକ ପ୍ରତିନିଧି ମଣ୍ଡଳି ସଦସ୍ୟ ସୁଶାନ୍ତ ନାୟକ ଓ ଡିଜିଏମ (ଏଚ୍ଆର) ନିରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଶ୍ରମିକ ଓ କମ୍ପାନୀ ମାଲିକ ମଧ୍ୟରେ ଉତ୍ତମ ବୁଝାମଣା ଓ ସୁସମ୍ପର୍କ ରହିଲେ ଉଭୟ ଶିଳ୍ପ ସଂସ୍ଥା ଓ ଏହାର ଶ୍ରମିକ ଲାଭବାନ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ କର୍ମଚାରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ କ୍ଲବ୍ ପରିସରରେ ଆୟୋଜିତ ମୀନାବଜାର ସହିତ ମେଲୋଡ଼ି କାର୍ଯ୍ୟକ୍ରମକୁ ଶମିକ ଓ ସେମାନଙ୍କ ପରିବାର ବର୍ଗ ଓ ସ୍ଥାନୀୟ ଜନସାଧାରଣ ମନଭରି ଉପଭୋଗ କରିଥିଲେ। ଇମ୍ଫାର ବରିଷ୍ଠ ଲୋକସଂପର୍କ ଅଧିକାରୀ ମାନସ କୁମାର ବସନ୍ତିଆ, ଅଭିଷେକ ଘୋଷ ଏବଂ ଅଧିକାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ

# ଶ୍ରୀନୃସିଂହଙ୍କ ଜନ୍ମୋତ୍ସବ : ସର୍ବତ୍ର ଆଧ୍ୟାତ୍ମିକ ପରିବେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୋନପୁର ଠାରେ ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ତଥା ପ୍ରଭୂ ନୃସିଂହଙ୍କ ଜନ୍ମୋତ୍ସବ ଧୂମଧାମରେ ପାଳନ ହୋଇଯାଇଛି। ଏହି ଅବସରରେ ସୋନପୁର ସହରର ବଡ଼ବଜାର ସ୍ଥିତ ଶ୍ରୀ ନୃସିଂହ (ଗୁଣ୍ଡିଚା) ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ମଧ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ବେଳେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଆୟୋଜିତ ନାମଯଜ୍ଞ ପାଇଁ ଗତକାଲି କଳସ ଯାତ୍ରାରେ ଶତାଧିକ ମହିଳା ମହାନଦୀ ତେନ୍ତୁଲିଘାଟରୁ କଳସରେ ଜଳଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ସହ ଅଧିବାସ ସମ୍ପନ୍ନ ହୋଇଥିଲା। ନୃସିଂହ ମନ୍ଦିରର ମୂଖ୍ୟ ପୂଜକ ସରୋଜ କର ଓ ଆନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ତଥା ନାମଯଜ୍ଞ ସମ୍ପାଦିତ ହୋଇଥିବାବେଳେ ଚଳିତ ବର୍ଷ ଶଶାଙ୍କ ଶେଖର ମିଶ୍ର ଏବଂ ମିନାକ୍ଷୀ ମିଶ୍ର ସପତ୍ନିକ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଏଥର ନାମଯଜ୍ଞରେ ସୁବର୍ଣ୍ଣପୁର ଜିଲ୍ଲା ସମେତ ପଡୋଶୀ ବରଗଡ, ବାଲାଙ୍ଗିର, ସମ୍ବଲପୁର ଏବଂ ବୌଦ୍ଧ ଜିଲ୍ଲାର ପ୍ରାୟ ୧୬ ଗୋଟି ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇଥିଲେ। ଏହି ଶୁଭ ଅବସରରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ମାନେ ପ୍ରଭୁଙ୍କ ଦର୍ଶନ କରି ବିଭୁ କୃପା ଲାଭ କରିଥିଲେ। ପ୍ରଭୁ ନୃସିଂହଙ୍କ ପୂଜାର୍ଚ୍ଚନା, ହୋମ ଓ ଆଳତୀ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଥିଲେ। ଅପରାହ୍ନରେ ନାମଯଜ୍ଞ ପୂର୍ଣ୍ଣହୂତି ଏଂ ସନ୍ଧ୍ୟାରେ ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ସୁନ୍ଦର ବୈଠକି ରାତ୍ର ୧୧ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସମସ୍ତ ଭକ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପୂର୍ଣ୍ଣହୂତି ଓ ବୈଠକି ସଂକୀର୍ତ୍ତନ ପରେ ଉଭୟ ବେଳା ଅନ୍ନ ଭୋଜନ ବ୍ୟବସ୍ଥା କରାଯାଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ। ନାମଯଜ୍ଞ କମିଟିର ସଭାପତି ଗୌରୀଶଙ୍କର ମହାପାତ୍ର, ସମ୍ପାଦକ ପବିତ୍ର ସାହୁ, ଉପସଭାପତି ଗିରିଧାରୀ ତରିଆ, ସହସମ୍ପାଦକ ରାଜେନ୍ଦ୍ର ମିଶ୍ର, କୋଷାଧକ୍ଷ ମୁନା ବାରିକ, ସୀତାରାମ ମହାପାତ୍ର, ବୈଦ୍ୟନାଥ ସାହୁ, ସତ୍ୟ ନାରାୟଣ ମିଶ୍ର, ସଦାନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାଉନ ସୁଗାର ଓ ମଦ ଜବତ : ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଟାଉନ,ତଣ୍ଡିଆପାଳ ମେରେଇନ, ମାର୍ଶାଘାଇ, ଓ ରାଜକନିକା ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ କେନ୍ଦ୍ରାପଡ଼ା ଗୋପ ଛକର ଧର୍ମେନ୍ଦ୍ର ନାୟକଙ୍କଠାରୁ ୬୦ ଗ୍ରାମ ବ୍ରାଉନ ସୁଗର, ନରସିଂହପୁର ଗ୍ରାମର କଞ୍ଚନବାଳ ଦାସ (ବୟସ-୫୫)ଙ୍କ ଠାରୁ ୩୬ ଲିଟର ବିଦେଶୀ ମଦ, ତଣ୍ଡିଆପାଳ ମେରେଇନ ଗ୍ରାମର ଶିବ ନାଥ କନ୍ଦର (ବୟସ-୪୫) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଆଠବାଟିଆ ଗ୍ରାମର ସନ୍ତୋଷ ବେହେରା (ବୟସ-୩୫)ଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଏବଂ ୧୨ ଲିଟର ବିଦେଶୀ ମଦ, କଟନ ଗ୍ରାମର ବିସ୍ମୟ ପ୍ରଧାନ (ବୟସ-୨୩)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଓ ବଜାରପୁର ଗ୍ରମର ଉଦୟଭାନୁ ବେହେରା (ବୟସ-୩୬) ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାକ୍ଷରୁ ସମୁଦାୟ ୧୪୪ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୦୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଶ୍ରୀମତୀ କଳ୍ପନା ରାଉତ ଓ ଅନ୍ୟ କର୍ମଚାରି ସାମିଲ ଥିଲେ।

# ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ଗଜ ଉଦ୍ଧାରଣ ବେଶ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ପବିତ୍ର ବୈଶାଖ ପୂର୍ଣ୍ଣ ମାରେ ଗଜ ଉଦ୍ଧାର ବେଶ ଆଜି କ୍ଷେତ୍ରଧିପତି ପ୍ରଭୁ ବଳଦେବ ଜୀଉଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି ସନ୍ଧ୍ୟା ନୀତି ସମ୍ପନ୍ନ ପରେ ବେଶ ଅନୁଷ୍ଠିତ ହୋଇଥିଲା ଶୁଦ୍ଧ ମାଠ ବସ୍ତ୍ର ପିନ୍ଧା ଯାଇ ମଣ୍ଡଳ ବନ୍ଧା ଯାଇଥିଲା ବାହୁ ଚରଣ ଏବଂ ପ୍ରତୀକାତ୍ମକ ପଦ୍ମ ଫୁଲ ଭକ୍ତ ଗରୁଡଙ୍କ କାନ୍ଧରେ ମହାଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ବିରାଜ ମାନ ଦୃଶ୍ୟ ବହୁତ ସୁନ୍ଦର ଥିଲା ଗର୍ଭ ଗୃହ ଚଟାଣରେ ଜଳ ପୁରା ଯାଇ ହସ୍ତୀ ମଗରକୁ ଜଳ ଭିତରେ ରଖା ଯାଇଥିଲା ଭକ୍ତମାନେ ଭୋଗ ମଣ୍ଡପରେ ରହି ଏହି ଦୂଲଭ ଦର୍ଶନ କରିଥିଲେ ଆଜି ବୈଶାଖ ପୂର୍ଣ୍ଣିମା ଥିବାରୁ ଦିନ ରାତି ତମାମ ଭକ୍ତଙ୍କ ଭିଡ଼ ହୋଇଥିଲା ପରେ ଅନ୍ୟ ନୀତି କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

# ସାମ୍ବାଦିକଙ୍କୁ ପେନ୍‌ସନ୍, ସୁରକ୍ଷା ଓ ଅଧିସ୍ୱୀକୃତି ଦାବିରେ ଧାରଣା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**



ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ କରୁଥିବା ଦାବି ଯଥାର୍ଥତା ରହିଛି। ରାଜ୍ୟ ସରକାର ଯଥାଶୀଘ୍ର ଏ ବାବଦରେ ସଠିକ୍ ନିଷ୍ପତି ନିଅନ୍ତୁ। ସାମ୍ବାଦିକ ମାନେ କରୁଥିବା ଦାବିଗୁଡ଼ିକ କାଳ ବିଳମ୍ବ ନ କରି ପୂରଣ କରନ୍ତୁ ଏହା କହିଛନ୍ତି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ। ଶୁକ୍ରବାର ଓୟୁଜେ ପକ୍ଷରୁ ୪ ଦଫା ଦାବି ନେଇ ରାଜ୍ୟବ୍ୟାପି ଆନ୍ଦୋଳନ ଡାକରା ଦେଇଥିଲା। ଏହି ପରିପେକ୍ଷିରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ପୂର୍ବ ଘୋଷଣା ଅନୁଯାୟୀ ସାମାଜିକ ନିରାପତ୍ତା ଓ ମାସିକ ୩୦ ହଜାର ଟଙ୍କା ପେନ୍‌ସନ୍, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଅଧିସ୍ୱୀକୃତି କମିଟି ଗଠନ ସହ ନିୟମରେ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପିତାମାତାଙ୍କୁ ସାମିଲ କରିବା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଓୟୁଜେ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଏକ ଗଣଧାରଣା ଦିଆଯାଇଥିଲା। ଏଥିରେ ୯ଟି ବ୍ଲକ ସମେତ ସମ୍ବଲପୁର ମହାନଗର ଶାଖାରୁ ପ୍ରାୟ ଶତାଧିକରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇ ଦାବିକୁ ଦୋହରାଇ ସ୍ଲୋଗାନ୍ ଦେଇଥିଲେ। ବିରୋଧୀ ଦଳ ବିଜେଡ଼ି ଓ କଂଗ୍ରେସର ସ୍ଥାନୀୟ ନେତା, ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ଶ୍ରମିକ ସଂଗଠନ, ବରିଷ୍ଠ ସାମ୍ବାଦିକ ବୃନ୍ଦ ଧାରଣାରେ ଯୋଗଦେଇ ସାମ୍ବାଦିକଙ୍କ ଦାବି ସପକ୍ଷରେ ମତ ରଖିଥିଲେ। ଜିଲ୍ଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ, ପୂର୍ବ ଏସଡିଏ ଅଧକ୍ଷ ବିଜୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଣ୍ଡା, ସୁବାଷ ପାଣିଗ୍ରାହୀ, ଶିବ ନନ୍ଦ, ସୁଜିତ ପାଣିଗ୍ରାହୀ, ଚାଷୀ ନେତା ସରୋଜ ମହାନ୍ତି, ମନୋରଞ୍ଜନ ପଟ୍ଟନାୟକ, ବିରେନ୍ଦ୍ର ପାଣିଗ୍ରାହୀ, ସୁକାନ୍ତ କର, ରାଜାରାମ ପାଢ଼ୀ, ପ୍ରମୋଦ ବହିଦାର, ଓଡ଼ିଶା କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ସଂଘର ରାଜ୍ୟ ସଂପାଦକ ସଂଜିତ ମହାନ୍ତି, ରାଜୀବ ମିଶ୍ର ପ୍ରମୁଖ ଯୋଗ ଦେଇ ଓୟୁଜେ ପକ୍ଷରୁ ଉପସ୍ଥାପିତ ଦାବି ଯଥାର୍ଥ ଓ ଏହାକୁ ତୁରନ୍ତ ପୁରଣ କରିବାକୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ସହିତ ଆଗାମୀ ବିଧାନସଭାରେ ପ୍ରଭାବୀ ଢଙ୍ଗରେ ପ୍ରସ୍ତାବ ଉତ୍ଥାପନ କରାଯିବ ବୋଲି ବିଜେଡି ଓ କଂଗ୍ରେସ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଦେବେନ୍ଦ୍ର ମିଶ୍ର, ଶରତ ବେହେରା, ଅମୁଲ୍ୟ ମିଶ୍ର,ରାଜ୍ୟ କୋଷାଧକ୍ଷ ଅମୁଲ୍ୟ ସ୍ୱାଇଁ, ସାଧାରଣ ସମ୍ପାଦକ ଶରତ ପ୍ରଧାନ,ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ମିଶ୍ର, ଜାତୀୟ ପରିଷଦ ସଭ୍ୟ ସଚ୍ଚିକାନ୍ତ ସାହୁ, ଉପସଭାପତି ସତୀଶ ମିଶ୍ର ଓ ଦିନେଶ ମାହାନା, ସମ୍ପାଦକ ମନୋଜ ରାଜ ଓ ସୁଶାନ୍ତ ନାଗ, କୋଷାଧକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ବ୍ଲକ ସଭାପତି କନ୍ଦର୍ପ ବେହେରା, ସରୋଜ ସାହୁ, ଦିନେଶ ନନ୍ଦ, ତପନ ଦାଶ, ମନୋଜ ମୁଦୁଲି, ସନ୍ତୋଷ ପଟେଲ, ସନ୍ତୋଷ ଶୁକ୍ଲା, କ୍ଷୀରୋଦ ସା, ରାଧାମୋହନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଜୟନ୍ତ ଖଡ଼ିରତ୍ନ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାର ଅବିଳମ୍ବେ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ଦାବି କରିଥିଲେ। ଶେଷରେ ଜିଲ୍ଲା ମିଡିଆ ସଂଯୋଜକ ସୁନୀଲ ନାଥ ଗଣଧାରଣା ଅଭୂତପୂର୍ବ ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚୌଦ୍ୱାରରେ ଆମ ବସ୍ ସେବାରୁ ବଞ୍ଚିତ ଯାତ୍ରୀ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଆମ ବସ୍ ସେବା ମାଧ୍ୟମରେ ଅଞ୍ଚଳର ଜନସାଧାରଣ ବିଶେଷ ଭାବେ ଉପକୃତ ହେଉଥିବାବେଳେ ଆମ ବସ୍‌ରେ ଯାତାୟତ କରୁଥିବା ଯାତ୍ରୀ ମାନଙ୍କ ସୁବିଧା ପାଇଁ ସର୍ବନିମ୍ନ ସେବା ଯୋଗାଇ ଦିଆ ଯାଉ ନଥିବାରୁ ଅଞ୍ଚଳରେ ଜନ ଅସନ୍ତୋଷ ଦେଖା ଦେଇଛି। ଚୌଦ୍ୱାର ସହର ମଧ୍ୟରେ ବିଭିନ୍ନ ସ୍ଥାନକୁ ଯାଉଥିବା ଆମ ବସ୍‌ର ରହଣୀସ୍ଥଳ ଗୁଡ଼ିକରେ ଯାତ୍ରୀ ମାନଙ୍କ ପ୍ରତୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ପ୍ରବଳ ଖରାରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନ ବହୁଳ କଳିଙ୍ଗ ଛକ, ମୁଣ୍ଡମାଳ ଛକ, ବିରୂପା ଆନିକଟ ଓ ସର୍ବୋପରି ପୌର କାର୍ଯ୍ୟାଳୟ ସମ୍ମୁଖ ବସ୍ ରହଣୀସ୍ଥଳରେ ଅସ୍ଥାୟୀ ପ୍ରତିକ୍ଷାଳୟର ବ୍ୟବସ୍ଥା ନଥିବାରୁ ବରିଷ୍ଠ ନାଗରିକ, ମହିଳା, ଶିଶୁ ଆଦି ଯାତ୍ରୀମାନେ ପ୍ରବଳ ଖରାରେ ବସ୍‌କୁ ଅପେକ୍ଷା କରି ଠିଆ ହୋଇ ରହୁଛନ୍ତି। ତୁରନ୍ତ ଏସବୁ ସ୍ଥାନ ମାନଙ୍କରେ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଡାଳିଯୋଡ଼ା ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟମାନେ ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ନାଗରିକ ଶୈଳେନ୍ଦ୍ର ମୁଖୀ, କେ.ସି.ପ୍ରତାପସିଂହ, ବୈକୁଣ୍ଠନାଥ ତାରେଣିଆ, ଗୌତମ କୁମାର ଆଚାର୍ଯ୍ୟ, ବିଶ୍ୱକଲ୍ୟାଣ ଦାସ, ମନୋଜ କୁମାର ସ୍ୱାଇଁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ୩ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର
## କାର୍ଯ୍ୟାନୁଷ୍ଠାନ ଦାବି କଲା ବରଗଡ଼ ମହିଳା ସମିତି



**ବରଗଡ, ନ୍ୟୁଜ ବ୍ୟୁରୋ**


ସମଗ୍ର ଶିକ୍ଷା ବିଭାଗକୁ ନିନ୍ଦିତ କରିଥିବା ବରଗଡ଼ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଡିଇଓ, ବିଇଓ ଏବଂ ଜଣେ ପିଇଟି ଶିକ୍ଷକଙ୍କ ଘୃଣ୍ୟ ଆଚରଣ ଘଟଣାକୁ ବରଗଡ଼ ମହିଳା ସମିତି ଦୃଢ଼ ନିନ୍ଦା କରିବା ସାଙ୍ଗକୁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ଜଣାଇଛି। ଆଜି ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ବରଗଡ଼ ଶିକ୍ଷା ବିଭାଗର ଜଣେ ମହିଳା ସିଆରସିସିଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ଖବରକୁ ସଭ୍ୟ ସମାଜ ପାଇଁ ଲଜ୍ଜାଜନକ ଘଟଣା ବୋଲି ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଏହି ଘଟଣା ମାନବ ଶୋଷଣ ସହିତ ଜଘନ୍ୟ, ଅନୈତିକ ଏବଂ ଅମାନବୀୟ, ଯାହା ପବିତ୍ର ବରଗଡ଼ ବାତାବରଣକୁ ବିଷାକ୍ତ କରି ମହିଳା ବର୍ଗର ପବିତ୍ରତାକୁ କଳଙ୍କିତ କରିଛି ବୋଲି କୁହାଯାଇଛି। ଏହି ଘୃଣ୍ୟ ଏବଂ ଅନ୍ଧକାର ଅଧ୍ୟାୟ ମହିଳା ପରିଚୟ ପ୍ରତି ସିଧାସଳଖ ଚାପୁଡ଼ା ବୋଲି ସେଥିରେ ଦର୍ଶାଯାଇଛି। ଘଟଣାର କଡ଼ା ପ୍ରତିବାଦ କରାଯାଇ ମହିଳା ସମ୍ପ୍ରଦାୟର ସୁରକ୍ଷା ଏବଂ ପବିତ୍ରତାକୁ ହନନ କରୁଥିବା ଅପରାଧୀମାନଙ୍କୁ କଠୋର ଦଣ୍ଡ ଦିଆଯିବାକୁ ଦାବି କରାଯାଇଛି। ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି ଯେ, ମାନବିକ ପ୍ରଶାସନିକ ନୀତି ଦ୍ୱାରା ଏହି ଘଟଣାର ତିନି ଅଭିଯୁକ୍ତଙ୍କୁ ତ୍ୱରିତ ନ୍ୟାୟିକ ବ୍ୟବସ୍ଥାରେ ଦଣ୍ଡ ବିଧାନ କରାଯାଉ, ଯାହା ଦ୍ୱାରା ଏପରି ଘଟଣାର ପୁନରାବୃତ୍ତି ନହୁଏ ବୋଲି କୁହାଯାଇଛି। ଏହି ଦାବି ପତ୍ର ସମିତି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁମତି ପଣ୍ଡା ଗ୍ରହଣ କରିଥିଲେ। ଏହି ପ୍ରତିନିଧି ଦଳରେ ଗୀତା ମିଶ୍ର, ତନିମା ଦାଶ, ମମତା ମିଶ୍ର, ଅଞ୍ଜନା ଦାସ, ମିନାକ୍ଷୀ କର, ମୀନା ପଣ୍ଡା, କବିତା ଦେବତା, ଦିବ୍ୟାକାନ୍ତି ଭୋଇ, ସବିତା ଗୁରୁ ପ୍ରମୁଖ ସାମିଲ ହୋଇଥିଲେ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୪।୦୫।୨୦୨୬, ବୈଶାଖ ଦି୨୧ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୧୯।୦୩ ଚନ୍ଦ୍ରୋଦୟ- ରାଘ ୮।୩୯।୨୧**


ତୃତୀୟା ଅହୋରାତ୍ର। ଅନୁରାଧା ନକ୍ଷତ୍ର ଦିଘ ୯।୫୯ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୨୦ ଗତେ ଦିଘ ୬।୫୬ ମଧ୍ୟେ ଦିଘ ୧୦।୨୮ ଗତେ ଦିଘ ୧।୦୩ ମଧ୍ୟେ।




**ମେଷ:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମହିଳାମାନେ ଅସ୍ଥିର ରହିବେ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ନୂତନ ବନ୍ଧୁଙ୍କ ସହ ଭେଟ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବାର ସୂଚନା। ଦେହ ଓ ମନ ଭଲ ରହିବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ। ପରୋପକାର କରି ଆନନ୍ଦିତ ହେବାର ସୂଚନା।



**ମିଥୁନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ଲାଭ।




**ସିଂହ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଏଣୁ ମାନସିକ ଦୁଶ୍ଚିନ୍ତା ଦେଖାଦେବ। ମନ ବିଚଳିତ ରହିବ। ପାରିବାରିକ କଳହ ଦେଖାଦେଇପାରେ। ସତକଥା କହି ନିଜ ଲୋକଙ୍କ ପାଖେ ଖରାପ ହେବେ।



**କନ୍ୟା:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡିପାରେ। ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ। ରୋଜଗାର ସ୍ଥିର ରହିବ। ଘରେ ସୁଖ ଶାନ୍ତି ରହିବ। ବ୍ୟବସାୟ ମଧ୍ୟମ ଧରଣର ହେବାର ସୂଚନା।



**ତୁଳା:** ପୁରାତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଏଣୁ ମନ ପ୍ରଫୁଲ୍ଲ ରହିବ। ମହିଳାମାନେ ସୁଖୀ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ। ଆର୍ଥିକ ସ୍ଥିତି ସୁଦୃଢ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।




**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନକୁ ଦୁଶ୍ଚିନ୍ତା ଆଣିବ। ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ରୋଜଗାର ଭଲ ହେବ। ଘରେ ଶାନ୍ତିର ବାତାବରଣ ରହିବ ସୂଚନା।



**ମକର:** କାର୍ଯ୍ୟକ୍ଷେତ୍ରରେ ମାନ ସମ୍ମାନ ବଢ଼ିପାରେ। ଶତ୍ରୁନାଶ ହେବେ। ସାଧନାରେ ସିଦ୍ଧି ଲାଭ କରିବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଗୃହେ ଶାନ୍ତି ଲାଭ। ମହିଳାମାନେ ସୁଖୀ ହେବେ।



**କୁମ୍ଭ:** କଠିନ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ରୋଜଗାର ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ମୀନ:** କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ। ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ। ଆର୍ଥିକ ସ୍ଥିତି ଭଲହେବ। ପରେ ଆନନ୍ଦ ଦେଖାଦେବ। ଦେହ ଓ ମନ ଭଲ ରହିବ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୫।୦୫।୨୦୨୬, ବୈଶାଖ ଦି୨୨ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ୫।୧୮।୩୦ ଚନ୍ଦ୍ରୋଦୟ-ରାଘ୯।୩୧।୨୮**

**ମଳ ତୃତୀୟା-ପ୍ରାଘ୫।୨୫ପର୍ଯ୍ୟନ୍ତ।** ଜ୍ୟେଷ୍ଠାନକ୍ଷତ୍ର ଦିଘ୧୨।୫୬ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-**ବୃଷ,ମିଥୁନ,ସିଂହ,କନ୍ୟା,ବିଛା,ଧନୁ,ମକ.କୁମ୍ଭ ରାଶିର ଦିଘ୧୨।୫୬ଗତେ ମିଥୁନ,କର୍କଟ,କନ୍ୟା,ଧନୁ,ମକର,ମୀନ ରାଶିର। **ଘାତ ଚନ୍ଦ୍ର-**ଦିଘ୧୨।୫୬ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-**ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ୫।୨୫ଗତେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୩୩ ଗତେ ଦିଘ ୧୦।୨୮ ମଧ୍ୟେ ଦିଘ୧।୦୩ଗତେ ଦିଘ୧।୨୦ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମହଙ୍ଗା ମାଡ଼ରେ ପ୍ରଭାବିତ ଦେଶବାସୀ

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଭିତରେ ଭାରତରେ ମହଙ୍ଗା ବମ୍ ଫୁଟିଛି । ମାସ ଆରମ୍ଭରୁ ମହଙ୍ଗା ମାଡ଼, ଖାଉଟି ହନ୍ତସନ୍ତ । ଦେଶରେ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି ପାଇଛି । ପଶ୍ଚିମବଙ୍ଗ ଏବଂ ଆସାମ ସମେତ ୫ ରାଜ୍ୟରେ ନିର୍ବାଚନ ସରିବା ପରେ, ବାଣିଜ୍ୟିକ ଏଲପିଜି ସିଲିଣ୍ଡର ( ୧ ୯କିଲୋଗ୍ରାମ) ଦର ବୃଦ୍ଧି ହୋଇଛି । ତୈଳ କମ୍ପାନୀଗୁଡ଼ିକ ମେ ପହିଲାରୁ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୯୯୩ ଟଙ୍କା ବୃଦ୍ଧି କରିଛନ୍ତି । ମୁଦ୍ରାସ୍ଫୀତି ସାଧାରଣ ଲୋକ ଏବଂ ବ୍ୟବସାୟୀ ଉଭୟଙ୍କ ପାଇଁ ଏକ ବଡ଼ ଝଟକା । ଏହି ବୃଦ୍ଧି ସିଧାସଳଖ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଛୋଟ ବ୍ୟବସାୟ ଉପରେ ପ୍ରଭାବ ପକାଇବ, ଯାହା ଫଳରେ ଖାଦ୍ୟ ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି । ଏହି ନୂଆ ଦର ସହିତ ଦିଲ୍ଲୀରେ କମର୍ସିଆଲ ସିଲିଣ୍ଡିର ଦର ୩୦୭୧ ଟଙ୍କା ୫୦ ପଇସା ରହିଛି । ଘରୋଇ ଗ୍ୟାସ ସିଲିଣ୍ଡର ଦର ଅପରିବର୍ତ୍ତିତ ରହିଛି । ନୂଆ ମୂଲ୍ୟ ଅନୁସାରେ, ଦିଲ୍ଲୀରେ ଏକ ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ଏବେ ୩୦୭୧.୫୦ ହୋଇଛି, ଯାହା ପୂର୍ବରୁ ୨୦୭୮.୫୦ ଥିଲା । ମୁମ୍ବାଇରେ ଏହି ମୂଲ୍ୟ ୩୦୨୪କୁ ବୃଦ୍ଧି ପାଇଛି । କୋଲକାତାରେ ଏହା ୩୨୦୨ରେ ପହଞ୍ଚିଛି । ଲକ୍ଷ୍ନୌ, ପାଟନା, ଜୟପୁର ଏବଂ ଚେନ୍ନାଇ ଭଳି ସହରରେ ସମାନ ମୂଲ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି । ୟୁପିରେ ମଧ୍ୟ ପ୍ରଭାବ ପଡିଛି ବ୍ୟବସାୟୀଙ୍କ ଚିନ୍ତା ବଢିଛି । ଏହି ବୃଦ୍ଧିର ପ୍ରଭାବ ଉତ୍ତର ପ୍ରଦେଶର ସହରଗୁଡ଼ିକରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଆଗ୍ରା, ଲକ୍ଷ୍ନୌ ଏବଂ ଗୋରଖପୁର ଭଳି ସହରରେ ବାଣିଜ୍ୟିକ ସିଲିଣ୍ଡର ପ୍ରାୟ ୯୯୩ ମହଙ୍ଗା ହୋଇଛି । ଏହା ଫଳରେ ଛୋଟ ବ୍ୟବସାୟ ପାଇଁ ଖର୍ଚ୍ଚ ହଠାତ୍ ବୃଦ୍ଧି ପାଇଛି, ଯାହା ଗ୍ରାହକମାନଙ୍କୁ ମଧ୍ୟ ପ୍ରଭାବିତ କରିପାରେ । ହେଲେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ, ଏହା ୯୧୩ ଏବଂ ଅନ୍ୟାନ୍ୟ ସହରଗୁଡ଼ିକରେ ପ୍ରାୟ ସମାନ ସ୍ତରରେ ରହିଛି, ଯାହା ସାଧାରଣ ପରିବାରକୁ କିଛି ଆଶ୍ୱସ୍ତି ଦେଇଛି । OTP ମାଧ୍ୟମରେ ଗ୍ୟାସ ବିତରଣ– ୧ ମଇ ଠାରୁ, ଗ୍ୟାସ୍ ବିତରଣ ନିୟମକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ଏବେ, ସିଲିଣ୍ଡର ବିତରଣ ସମୟରେ, ଗ୍ରାହକଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ଏକ OTP ପଠାଯିବ, ଯାହାକୁ ଦେବାକୁ ପଡିବ । ଏହା ଠକେଇ ବିତରଣ ଏବଂ ଅନିୟମିତତାକୁ ରୋକିବ । ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ କି ? ବାଣିଜ୍ୟିକ ଗ୍ୟାସ୍ ମୂଲ୍ୟ ବୃଦ୍ଧି ଯୋଗୁଁ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକର ଖର୍ଚ୍ଚ ବଢିବ, ଯାହା ଖାଦ୍ୟ ମୂଲ୍ୟକୁ ପ୍ରଭାବିତ କରିପାରେ । ଫଳରେ, ଆଗାମୀ ଦିନରେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ପାଇଁ ହର୍ମୁଜ ରାସ୍ତା ବ୍ଲକ ହୋଇଛି । ଯେଉଁଠୁ ଭାରତକୁ ବଡ଼ ପରିମାଣର ଗ୍ୟାସ ଏବଂ ତେଲ ଆସିଥାଏ । ହର୍ମୁଜ ବାଟ ବନ୍ଦ ହେବାକୁ ଗ୍ୟାସ ଏବଂ ତେଲ ସପ୍ଲାଏ ହ୍ରାସ ପାଇଛି । ଫଳରେ ଭାରତ ଅନ୍ୟ ସ୍ଥାନରୁ ତେଲ ଏବଂ ଗ୍ୟାସ ଆଣୁଛି । ଏହା ଖର୍ଚ୍ଚ ବୃଦ୍ଧି ଏବଂ ଯୋଗାଣ ଉପରେ ଚାପ ସୃଷ୍ଟି କରିଛି । ଏହା ଗ୍ୟାସ ମୂଲ୍ୟ ବୃଦ୍ଧି କରିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### କାହା ପାଇଁ ଏ ପ୍ରସ୍ତୁତି

କ୍ଷେତ୍ର ପ୍ରସ୍ତୁତ
ଯୁଗ ଯୁଗ ଧରି
ଯୁଦ୍ଧ ଚାଲିଛି

ଯୁଗ ଯୁଗ ଧରି
ହାରଜିତ ଚାଲିଛି
ଯୁଗ ଯୁଗ ଧରି
କାହା ପାଇଁ କେଉଁଥି ପାଇଁ
କାହିଁକି ଏ ପ୍ରସ୍ତୁତି
କାହିଁକି ଏ ଭୂତ ଭବିଷ୍ୟତ
ଆତ୍ମା ଯଦି ଅବିନାଶୀ
ବ୍ରହ୍ମ ଯଦି ସତ୍ୟ
ଏ ମାନବ ବୁଦ୍ଧିଜୀବୀ
ଏ ଜ୍ଞାନୀ ସମାଜ କ'ଣ
ଆଜି ପର୍ଯ୍ୟନ୍ତ ବୁଝି ପାରୁନାହିଁ ?
ଏତେ ଅବତାର
ଏତେ ଯୋଗୀ, ଋଷି, ମୁନି, ସାଧୁ
କ'ଣ ଆଜି ପର୍ଯ୍ୟନ୍ତ ଏ ଜଗତକୁ
ବୁଝାଇ ପାରି ନାହାନ୍ତି ।
ତା' ହେଲେ ଭୁଲ କାହାର
କିଏ ଏଥିପାଇଁ ଦାୟୀ
କିଏ ରକ୍ଷକ କିଏ ଭକ୍ଷକ
କାହାର ଏ ସୃଷ୍ଟି କିଏ ଏହାର ପାଳକ
କାହା ପାଇଁ ଏ ପ୍ରସ୍ତୁତି
କିଏ ଏଠି ଭୋଗ କରିବ ?
ଜଗତ ମିଥ୍ୟା ବ୍ରହ୍ମ-ସତ୍ୟ
ତା' ହେଲେ ଏ ଜଗତର
ଦୋଷ-ତୃଟି କେଉଁଠି ରହିଲା
ହେ ବିଦୁଷ ଗଣ ।
ଟିକେ କହିବେ କି ?

◆◆

# ପଞ୍ଚସଖା - ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି: ଜଗନ୍ନାଥ ଦାସଙ୍କ ଭାଗବତ-୨

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଶ୍ରୀଚୈତନ୍ୟ ପ୍ରଚାରିତ ପ୍ରେମଧର୍ମ । ଏହାର ତିନିଗୋଟି ସ୍ୱତନ୍ତ୍ର ସତ୍ତା–ବ୍ରହ୍ମ, ପରମାତ୍ମା, ଭାଗବତ । ବୌଦ୍ଧ ତ୍ରିକାୟା – ଧର୍ମକାୟା, ସମ୍ଭୋଗ କାୟା, ନିର୍ବାଣ କାୟାର ପରିକଳ୍ପନା, ଏଥିରେ ଈଶ୍ୱରଙ୍କର ତ୍ରି-ବିଭାଗ ପ୍ରଣୋଦିତ ହୋଇଥିବା ଅନୁମିତ । ଗୌଡ଼ୀୟ ବୈଷ୍ଣବ ତତ୍ତ୍ୱରେ ବ୍ରହ୍ମା, ବିଷ୍ଣୁ, ଶିବ ପରମାତ୍ମାଙ୍କର ଗୌଣ ଅବତାର । ସେମାନଙ୍କ ପାଇଁ ଈଶ୍ୱର ପରିପୂର୍ଣ୍ଣ ପ୍ରକାଶ ବା 'ଅବତାରୀ' । ଐଶ୍ୱର୍ଯ୍ୟ, ଜ୍ଞାନ ନୁହେଁ, ମାଧୁର୍ଯ୍ୟ ଭାଗବତ ଶ୍ରୀକୃଷ୍ଣଙ୍କର ପ୍ରଧାନ ବିଭାବ, ଐଶ୍ୱର୍ଯ୍ୟ ସମ୍ପନ୍ନ ନାରାୟଣ, ବାସୁଦେବ । ତାଙ୍କ ଅପେକ୍ଷା ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଶ୍ରୀକୃଷ୍ଣ ଶ୍ରେଷ୍ଠତର । ଗୌଡ଼ୀୟ ବୈଷ୍ଣବ ଧର୍ମର ଏହା ମୂଳାଧାର, ଦେବକୀଙ୍କ, ବାସୁଦେବଙ୍କ ପୁତ୍ର ଶ୍ରୀକୃଷ୍ଣ ଚତୁର୍ଭୁଜ ଶ୍ରୀକୃଷ୍ଣ ନୁହନ୍ତି – ଏ ନନ୍ଦ, ଯଶୋଦାଙ୍କ ଦୁଲାଳ ଦ୍ୱିଭୁଜ ଶ୍ରୀକୃଷ୍ଣ; ଅର୍ଥାତ୍ ନରଦେହୀ । ଐଶ୍ୱର୍ଯ୍ୟ ସମ୍ପନ୍ନ ରଥାରୂଢ଼ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ରୂପେ ଦେଖି ଗଭୀର ଭାବେ ବ୍ୟାକୁଳ ଶ୍ରୀଚୈତନ୍ୟ । ଗୌଡ଼ୀୟ ବୈଷ୍ଣବ ଧର୍ମ ହିଁ ପ୍ରେମଧର୍ମ । ପଞ୍ଚସଖା ବା ଉତ୍କଳୀୟ ବୈଷ୍ଣବ ଧର୍ମର ଭାଗବତ । ସେ ସାଧ୍ୟ ଆଉ ଆରାଧ୍ୟ । ଜଗନ୍ନାଥ ମହାବିଷ୍ଣୁ, ବ୍ରହ୍ମଙ୍କର ସଙ୍କେତ । ସେ ଅବତାରୀ – କୃଷ୍ଣ ତାଙ୍କର ଏକ ଅବତାର ବିଶେଷ – "ଷୋଳ କଳାରୁ ଏକ କଳା ।" ଜଗନ୍ନାଥ ଚରିତାମୃତରେ ଦିବାକର ଦାସ ଏକଥା ଲେଖିଲେ । ଶ୍ରୀଜଗନ୍ନାଥ ଷୋଳକଳା / ଏଥରୁ ବଳାଏ ନନ୍ଦବଳା ।" ଜ୍ଞାନ ପଞ୍ଚସଖା – ପ୍ରଚାରିତ ତତ୍ତ୍ୱ–ସାଧନାର ଏକ ବିଶେଷ ଅଙ୍ଗ । ଜ୍ଞାନ ଏଠାରେ ଅଧ୍ୟୟନ କିମ୍ବା ଅନୁଭୂତି ଲବ୍ଧ ନୁହେଁ । ଜ୍ଞାନ ଏଠାରେ ମହାଜ୍ଞାନ । ଅର୍ଥାତ୍ ମଣିଷ ମଧ୍ୟରେ ବ୍ରହ୍ମ ନିହିତ, ଏହାର ଯୋଗ ଭାଷା 'ଜ୍ୟୋତି' । ଏ କଥାଟି ପଞ୍ଚସଖା ସାହିତ୍ୟର ପରିପ୍ରକାଶିତ । ଜ୍ଞାନ, କର୍ମ, ସାଧନା, ତପସ୍ୟା ଉପରେ ଭକ୍ତିର ପ୍ରାଧାନ୍ୟ । ଏହା ଗୌଡ଼ୀୟ ବୈଷ୍ଣବଙ୍କର ମତ । ପଞ୍ଚସଖା ପ୍ରଚାରିତ ଉତ୍କଳୀୟ ବୈଷ୍ଣବ ଧର୍ମତତ୍ତ୍ୱ । ଏଥିରେ ଭକ୍ତିର ଊର୍ଦ୍ଧ୍ୱରେ ଜ୍ଞାନ; ତାହା ସ୍ୱୀକୃତ ବ୍ରହ୍ମଜ୍ଞାନ ସାଧନା ପ୍ରଣାଳୀ । ଏକଥା ଜଗନ୍ନାଥ ଦାସଙ୍କ 'ତୁଳାଭିଣା' କହେ, "ଶୁଣ ପୁତାରେ, ବ୍ରହ୍ମଜ୍ଞାନ ସାଧି ପାରିଲେ ଅଜାମର ହେବୁ / କାଳ ଘଉଡ଼ିବୁ / ପାତକ ଖଣ୍ଡିବୁ / ଶୁଣ ପୁତାରେ, ପ୍ରଥମେ ମହାଶୂନ୍ୟଠାରେ ଦୃଷ୍ଟିଦେବୁ, ଓଁକାର ଶବଦକୁ ଘରେ ରଖିବୁ, ରାକାର ଶବଦକୁ ଦୃଷ୍ଟି ଦେବୁ, ନାସାଦ୍ୱାରେ ଦ୍ୱାଦଶ ଆଙ୍ଗୁଳି ପବନ ବହଇ, ସେ ପବନ ଆଣେଟି ଶକାର ଶବଦ / ତାହାକୁ ଚିତ୍ତବୃତ୍ତି ମନ ଏକ କରି ଦେଖିବୁ ।"

ମାତ୍ର ଚୈତନ୍ୟଙ୍କ ଆଗମନ । ବୈଷ୍ଣବଧର୍ମ ଦି' ଫାଳ । ପଞ୍ଚସଖା ସମ୍ପ୍ରଦାୟ ବୈଷ୍ଣବ ନୁହଁନ୍ତି, ପ୍ରଚ୍ଛନ୍ନ ବୌଦ୍ଧ – ଏ କଥାଟି ଗୌଡ଼ୀପନ୍ଥୀଙ୍କ ମତ । ଏହା ଯଦି ସତ୍ୟ, ଗୌଡ଼ୀୟମାନେ 'ପ୍ରଚ୍ଛନ୍ନ ସହଜିଆ' – ଏହା କି ମିଥ୍ୟା ? ଅପ୍ରାକୃତିକ ପ୍ରେମାଲିଙ୍ଗନର ମହାସୁଖ, ଏହାରି ମଧ୍ୟରେ ଗୌଡ଼ୀୟମାନଙ୍କର ଅଦ୍ୱୟ ମହାଶୂନ୍ୟର ସନ୍ଧାନ । ଯୋଗ ସାଧନାରେ ମହାଜ୍ୟୋତି ମଧ୍ୟରେ ଉତ୍କଳୀୟ ବୈଷ୍ଣବଗଣ, ତାହା ଅନ୍ୱେଷଣ କରିଥିଲେ । ପରିମାଣାତ୍ମକ ସଫଳତା ପାଇଲେ ପଞ୍ଚସଖା । ବିପୁଳ ସାହିତ୍ୟାୟନ ସୃଷ୍ଟି କଲେ । ମାର୍ଜିତ ଭାଷା, ଭାବବ୍ୟଞ୍ଜକ ଚମତ୍କାରିତା, ତାତ୍ତ୍ୱିକ ଆଲୋଚନା । ଏ ସବୁକୁ ବିଚାରକୁ ନିଆଯାଇପାରେ । ପଞ୍ଚସଖା ଯୁଗ ଷୋଡ଼ଶ ଶତାବ୍ଦୀର ଏକ ସଫଳ ଆଧ୍ୟାତ୍ମିକ ସାହିତ୍ୟ ସୃଷ୍ଟିରେ ପରିପ୍ରକାଶ – ଏହା ସ୍ୱୀକୃତ । ଓଡ଼ିଆ ସାହିତ୍ୟ ଅଭିବ୍ୟକ୍ତିରେ ପଞ୍ଚସଖା ସାହିତ୍ୟର ଏକ ବିଶେଷ ମୂଲ୍ୟ ରହିଛି ।

ପଞ୍ଚସାଧକ ମଧ୍ୟରେ ଜଗନ୍ନାଥ ଦାସ । ତାଙ୍କ ନାମ ବହନ କରି ଓଡ଼ିଆ ସାହିତ୍ୟ ଷୋଡ଼ଶ ଶତାବ୍ଦୀରେ ଧନ୍ୟ । ଭାଷା, ସାହିତ୍ୟ, ଆଧ୍ୟାତ୍ମିକ ଭାବନା, ଧର୍ମର ଇତିହାସ; ସମସ୍ତରେ ଜଗନ୍ନାଥ ଦାସ ଏକ ସମ୍ମାନାସ୍ପଦ ଉଚ୍ଚାରଣ । ଭାଗବତ ଏକ ଧର୍ମଶାସ୍ତ୍ର । ଏଥିର କବିତ୍ୱ ଓଡ଼ିଆ ସାହିତ୍ୟରେ ଅନନ୍ୟ, ଅସାଧାରଣ, ପ୍ରାତଃକାଳୀନ ଦୁର୍ବାଦଳ ଉପରେ ସଦ୍ୟ ଶିଶିର ବିନ୍ଦୁର ପ୍ରାକୃତିକ ସୌନ୍ଦର୍ଯ୍ୟ ମନଲୋଭା; ଅନୁରୂପ ଭାବେ ଓଡ଼ିଆ ଜାତିର ଅବଚେତନରେ ଭଗବତ ଚିର ଅମ୍ଳାନ । ଓଡ଼ିଶାର ଆଧ୍ୟାତ୍ମିକ ଇତିହାସ । ଏଥିରେ ଶୂନ୍ୟ ସାଧନା, ଗୌଡ଼ୀୟ ଭକ୍ତି ତତ୍ତ୍ୱ; ଏ ଦୁଇ ମଧ୍ୟରେ ମଧୁର ସମନ୍ୱୟ । ଏହାର ପ୍ରବର୍ତ୍ତକ ଜଗନ୍ନାଥ ଦାସ । ଭାଗବତ ସେଇ ସମନ୍ୱୟର ସଙ୍କେତ ବହନ କରିଛି ।

ମହାନ ସ୍ରଷ୍ଟା ଜଗନ୍ନାଥ; ମାତ୍ର ତାଙ୍କ ସମ୍ପର୍କରେ 'ଚୈତନ୍ୟ ଭାଗବତ' ବା 'ଚୈତନ୍ୟ ଚରିତାମୃତ' ପ୍ରଭୃତି ବୈଷ୍ଣବ ଇତିବୃତ୍ତ । ଏସବୁ ଗ୍ରନ୍ଥରେ ଜଗନ୍ନାଥଙ୍କ ସମ୍ବନ୍ଧୀୟ ସୂଚନା ନାହିଁ । ଜଗନ୍ନାଥ ଦାସ ଚୈତନ୍ୟଙ୍କର ସମସାମୟିକ ନୁହନ୍ତି; ଏକଥା ବି ବ୍ୟକ୍ତ କରିଛନ୍ତି ଦିବାକର ଦାସ । 'ଜଗନ୍ନାଥ ଚରିତ୍ରାମୃତ' ଲେଖିଲେ । ଏଥିରେ ଗୁରୁ ପରମ୍ପରା ବର୍ଣ୍ଣିତ – "ଆଦ୍ୟରୁ କରୁଛି ସ୍ମରଣ / ମୋ ଗୁରୁ କିଶୋର ଚରଣ / କେଳି କୃଷ୍ଣ ଗୁରୁ ତାଙ୍କର / ତହୁଁ ବନମାଳୀ ବିଚାର / ଜଗନ୍ନାଥ ଦାସ ତାଙ୍କର / ଅତିବଡ଼ି ଯେ ମହୀର / ତାଙ୍କର ମତ୍ତ ବଳରାମ / ପ୍ରକାଶ ଦ୍ୱିଜ କୁଳୋତ୍ତମ / ହୃଦୟାନନ୍ଦ ତାହାଙ୍କର / ଗୁରୁଯେ ଅଟନ୍ତ ବିଚାର / ଗଉରୀ ଦାସ ତାହାଙ୍କର / ଶ୍ରୀ ଚୈତନ୍ୟ ଏହାଙ୍କର ।" ଗୁରୁ ପରମ୍ପରାରେ ମତ୍ତ ବଳରାମ, ହୃଦୟାନନ୍ଦ, ଗୌରୀଦାସ । ଏମାନେ ତିନି ପୁରୁଷର ଗୁରୁ । ଏ କଥାଟି ବିଚାର କରାଯାଇଛି । ଜଗନ୍ନାଥ ଦାସ ଶ୍ରୀଚୈତନ୍ୟଙ୍କ ଅନ୍ୟୁନ ଏକଶହ ବର୍ଷ ପରେ ପ୍ରକଟ । ଏ ପ୍ରକାର ଯୁକ୍ତି ରଖନ୍ତି, ଏହା ଏକ ବିଭ୍ରାନ୍ତିକର ଆଉ ଅବାନ୍ତର ତଥା । ଜଗନ୍ନାଥ ଦାସଙ୍କ ଦୀକ୍ଷାଗୁରୁ ମତ୍ତ ବଳରାମ ଦାସ, ଶ୍ରୀକ୍ଷେତ୍ର ଗୌଡ଼ୀୟ ମଣ୍ଡଳୀ ପରିସରଭୁକ୍ତ । ଏହା 'ଚୈତନ୍ୟ ଚରିତାମୃତ' ସହ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' ଦ୍ୱାରା ସମର୍ଥିତ । ଦିନକର ପ୍ରସଙ୍ଗ । ଶ୍ରୀଚୈତନ୍ୟ ବଳରାମ ଦାସଙ୍କୁ ମହାମନ୍ତ୍ର ବ୍ୟାଖ୍ୟା ପାଇଁ ପ୍ରସ୍ତାବ ଦେଲେ । ମତ୍ତ ବଳରାମ "ହରେ ରାମକୃଷ୍ଣ" ମହାମନ୍ତ୍ର ଶୁଣାଇଲେ । ଏହା ଜ୍ଞାନ ବା ଯୋଗମିଶ୍ରା ଭକ୍ତି ପନ୍ଥୀ ସାଧକଙ୍କ ବୀଜମନ୍ତ୍ର । ଶ୍ରୀଚୈତନ୍ୟ ପ୍ରେମଭକ୍ତିର ପ୍ରଚାରକ । ତାହା ତାଙ୍କୁ ସ୍ପର୍ଶ କରିଥିଲା । ଆଧ୍ୟାତ୍ମିକ ମତବାଦର ସମନ୍ୱୟ – ଭାବନାର ଔଦାର୍ଯ୍ୟରେ ସର୍ବଦା ଅନୁପ୍ରାଣିତ ଜଗନ୍ନାଥ ଦାସ । ଉକ୍ତ ରାମତାରକ ମନ୍ତ୍ରରେ ଦୀକ୍ଷିତ ହେବାପାଇଁ ପରାମ ଶ୍ରୀଚୈତନ୍ୟ ଦେଇଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଶ୍ରୀଚୈତନ୍ୟ, ମତ୍ତ ବଳରାମ, ଜଗନ୍ନାଥ – ଏମାନେ ସମସାମୟିକ ।

ଜଗନ୍ନାଥ ଦାସ, ଚୈତନ୍ୟଙ୍କ ଦ୍ୱାରା 'ଅତିବଡ଼ି' ଆଖ୍ୟା ବା ଗୌରବରେ ଭୂଷିତ । ଅନେକ ଗୌଡ଼ୀୟ ବୈଷ୍ଣବମାନଙ୍କ ଦ୍ୱାରା ସ୍ୱୀକୃତ । ଅନ୍ୟକୁ ଏପରିକି ତାଙ୍କଠାରୁଟ ଊଣା ସାଧକ; ସେମାନଙ୍କୁ ଚୈତନ୍ୟ "ତୃଣାଦପି ସୁନୀଚେନ" ବିନୟରେ ଗୌରବ ସୂଚକ ସମ୍ବୋଧନ କରୁଥିଲେ । ଜଗନ୍ନାଥ ଦାସ ଜଣେ କବି, ତାତ୍ତ୍ୱିକ, ସୁଦ୍ଧ ପୁରୁଷ; ତାଙ୍କୁ ଶ୍ରୀଚୈତନ୍ୟ 'ଅତିବଡ଼ି' ସମ୍ବୋଧନ କରିବା ସ୍ୱାଭାବିକ । ଅତିବଡ଼ି କଥା କହିଲେ, ସେଇଥିପାଇଁ ଜଗନ୍ନାଥ ଦାସ ଅତିବଡ଼ି ପଦବୀରେ ବିଭୂଷିତ ହେଲେ । ଏହା ଏକ ଗ୍ରହଣଯୋଗ୍ୟ ମତ । ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରେ 'ଅତିବଡ଼ୀ' ସମ୍ପ୍ରଦାୟ ରହିଛି । ବଙ୍ଗଳାରେ ମଧ୍ୟ ଏହା ପରିଦୃଷ୍ଟ । ଗଳାରେ ଏକ କଣ୍ଠିମାଳା ଧାରଣ, ପ୍ରଥମେ 'ହରେରାମ' ଉଚ୍ଚାରଣ; ପରେ 'ହରେକୃଷ୍ଣ' ଉଚ୍ଚାରଣ; ଏହା 'ଅତିବଡ଼ୀ' ସମ୍ପ୍ରଦାୟର ମୁଖ୍ୟ ଧାର୍ମିକ ଆଚରଣ ଆଉ ଉଚ୍ଚାରଣ । ଜଗନ୍ନାଥ ଦାସଙ୍କ ମହାମନ୍ତ୍ର ଉଚ୍ଚାରଣ ଅନୁରୂପେ ଧାରାନ୍ତର୍ଭୁକ୍ତ । ଜଗନ୍ନାଥ ଦାସ ଅତିବଡ଼ ଗୋସ୍ୱାମୀ ଭାବେ ଗୃହୀତ । ଦେଶ ବିଦେଶରେ ସେ ପରିଚିତ 'ଅତିବଡ଼ ସ୍ୱାମୀ' ଭାବେ । ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ଲେଖିଲେ, "ଶ୍ରୀ ଅତିବଡ଼ି ସ୍ୱାମୀଙ୍କର, କୀର୍ତ୍ତି ବଢ଼ିଲା ଦେଶାନ୍ତର / ସର୍ବେ ଜାଣିଲେ ତାଙ୍କ କଥା / ପ୍ରେମଭକ୍ତିରେ ସାମରଥା / ଶ୍ରୀଚୈତନ୍ୟ ଆଜ୍ଞାଙ୍କର / ରାଜା ଅତିବଡ଼ ହୋଇଲେ / ଅତିବଡ଼ ବୋଲିଣ ବାଣୀ / ରାଜ୍ୟେ ସମସ୍ତେ ସୁଖେ ଭଣି ।" 'ବିଷ୍ଣୁଚକ୍ର'ର ଉପରିସ୍ଥ ବୈକୁଣ୍ଠଧାମ, ସୁବର୍ଣ୍ଣ ପୀଠସ୍ଥିତ ମଣିମଣ୍ଡିତ ମଣ୍ଡପ, ତନ୍ମଧ୍ୟରେ ରାଧାଲିଖିତ ଶ୍ରୀକୃଷ୍ଣଙ୍କର 'ମହାରାସଲୀଳା'ର କାବ୍ୟମୟ ବର୍ଣ୍ଣନା – ଏ ସବୁ ନିଜ ଜନ୍ମବୃତ୍ତାନ୍ତ ସମ୍ପର୍କରେ ଜଗନ୍ନାଥ ଦାସ ପ୍ରକାଶ କରିଛନ୍ତି । ଏଥିରେ ଯୋଗ ସାଧନାର ଇଙ୍ଗିତମାନ ସ୍ପଷ୍ଟ । ପୁନଶ୍ଚ ଜୀବପରମ, ଆତ୍ମା ପରମାତ୍ମାର ଦ୍ୱୈତମୟତା – ଏଥିରେ ଅଦ୍ୱୈତ ବ୍ରହ୍ମସତ୍ତା ସୂଚିତ । ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ । କେବଳ ଜଗନ୍ନାଥ ଦାସ ନୁହେଁ, ପଞ୍ଚସଖା ପନ୍ଥୀଙ୍କର ଏହା ମୁଖ୍ୟ ସାଧନାର ମାର୍ଗ ।

ସୂର୍ଯ୍ୟବଂଶର ସ୍ଥାପୟିତ୍ୱା ପୁଣ୍ୟଶ୍ଳୋକ କପିଳେନ୍ଦ୍ରଦେବ । ତାଙ୍କ ଶାସନାଧୀନ ଉତ୍କଳ । ପୁରୀଠାରୁ ପଶ୍ଚିମରେ ପ୍ରାୟ ତିନିକ୍ରୋଶ ଦୂର । ରହିଛି କପିଳେଶ୍ୱରପୁର ନାମକ ଶାସନ । ୧୪୧୨ ଶକାବ୍ଦ ବା ଖ୍ରୀ.ଅ. ୧୪୯୦ । ସେଇ ଗ୍ରାମରେ ଭୂମିଷ୍ଠ ହେଲେ ଜଗନ୍ନାଥ ଦାସ । ତାହା ଥିଲା ଭାଦ୍ରମାସ, ଶୁକ୍ଳପକ୍ଷ ଅଷ୍ଟମୀ । ଅନୁରାଧା ନକ୍ଷତ୍ର, ବୁଧବାର, ମଧ୍ୟାହ୍ନ । ତାଙ୍କ ପିତା ଭଗବାନ ଦାସ, ମାତା ପଦ୍ମାବତୀ । ପିତା ରାଜପ୍ରଦତ୍ତ ବୃତ୍ତି ଭୋଗକାରୀର । ପୁରୀ ଶ୍ରୀକ୍ଷେତ୍ରରେ ପୁରାଣପଣ୍ଡା ଭାବେ ନିତ୍ୟ ପୁରାଣ ବୃତ୍ତି । ଏହା ତାଙ୍କର ମୁଖ୍ୟ ବୃତ୍ତି । ସଂସ୍କୃତ ପୁରାଣକୁ ଓଡ଼ିଆରେ ବ୍ୟାଖ୍ୟା କରିବା; ଏ ଥିଲା ତାଙ୍କ କର୍ମର ଅଂଶବିଶେଷ । ସୂର୍ଯ୍ୟବଂଶୀ ରାଜନ୍ୟ ବର୍ଗ; ଏମାନେ ଓଡ଼ିଆ ଭାଷା ସାହିତ୍ୟର ପୃଷ୍ଠପୋଷକ, ଏଥିପାଇଁ 'ପୁରାରପଣ୍ଡା' ନିଯୋଗ ସୃଷ୍ଟି କରିଥିଲେ । ଜଗନ୍ନାଥ ଦାସ ମଧ୍ୟ ଏହି ପୈତୃକ ବୃତ୍ତିରେ ନିଯୁକ୍ତ ଥିଲେ । ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱସ୍ଥିତ ବଟଗଣେଶ ଠାରେ ତାଙ୍କ ପାଇଁ ପୁରାଣପାଠ ସ୍ଥାନ ନିର୍ଦ୍ଧାରିତ ଥିଲା । ଏ ନିଯୋଗ ପନ୍ଥା ଏବେବି ଅତୁଟ । ସେଠାରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି, ନିତି ପୁରାଣ ପାଠ ଚାଲିଛି ।

ଶ୍ରୀଚୈତନ୍ୟ ଦେବ ପୁରୀ ଆସିଲେ (ଖ୍ରୀ.ଅ. ୧୫୦୯) । ସେତେବେଳକୁ ଜଗନ୍ନାଥ ଦାସଙ୍କ ବୟସ ଊନବିଂଶ ବର୍ଷ । ଜଣେ ପ୍ରସିଦ୍ଧ ପୁରାଣପଣ୍ଡା ଭାବେ ତାଙ୍କର ଢେର୍ ପ୍ରସିଦ୍ଧି । ତାଙ୍କର ବିଦ୍‌ବତ୍ତା, ପାଣ୍ଡିତ୍ୟ ଆଉ କାହାକୁ ଅଛପା ନ ଥିଲା । ସେଇ ବଟଗଣେଶଙ୍କ ପାଖରେ ନିୟମିତ ପୁରାଣ ଚର୍ଚ୍ଚା । ସାକ୍ଷାତ୍ ହେଲା ଶ୍ରୀର ଚୈତନ୍ୟଙ୍କ ସହ । ଏ ପ୍ରସଙ୍ଗ 'ଜଗନ୍ନାଥ ଚରିତାମୃତ'ର ଅଂଶବିଶେଷ । "ଅଷ୍ଟାଦଶ ବରଷ ପରେ / ଶ୍ରୀଚୈତନ୍ୟ ଭେଟ ହେଲେ / ଅଠର ବରଷ ନିରନ୍ତର ସେବିଲେ ଚୈତନ୍ୟ ପୟର / ଏ ଅନନ୍ତେ ଛତିଶ ବରଷ/ ପ୍ରେମ ସାଧିଲେ ଅହର୍ନିଶ / ଅଷ୍ଟ ବରଷ କ୍ଷେତ୍ରେ ଥିଲେ / ପ୍ରେମ ସାଧି ଧ୍ୟାନେ ଗମିଲେ ।" ଶ୍ରୀ ଚୈତନ୍ୟ ଚରିତାମୃତ'ରେ ଏ କଥା ସମର୍ଥିତ ନୁହେଁ ।

ସେ ସମୟର କଥା । ରାୟ ରାମାନନ୍ଦ ବିଜୟ ନଗରରେ ରାଜକର୍ମ ପରିତ୍ୟାଗ କଲେ । ପହଞ୍ଚିଲେ ପୁରୀଧାମରେ । ଶ୍ରୀଚୈତନ୍ୟଙ୍କ ପାଇଁ ଅନୁକୂଳ କ୍ଷେତ୍ର ପ୍ରସ୍ତୁତିରେ ବ୍ୟସ୍ତ । ସମସ୍ତ ସୁବନ୍ଦୋବସ୍ତ ସତ୍ତ୍ୱେ; ଉତ୍କଳୀୟ ଜନଜୀବନ ଚୈତନ୍ୟଙ୍କୁ ସହଜରେ ଗ୍ରହଣ କରି ନ ଥିଲା । ରାୟ ରାମାନନ୍ଦଙ୍କ ପରି ଉତ୍କଳୀୟ ସହଜିଆ ଗୋଷ୍ଠୀ, ଗୌଡ଼ୀୟ ବୈଷ୍ଣବ ସହଜିଆ ମଣ୍ଡଳୀ – ଏ ଦୁଇ ବ୍ୟତୀତ ଶ୍ରୀଚୈତନ୍ୟଙ୍କ ପରିକର ମଣ୍ଡଳଭୁକ୍ତ ନ ଥିଲେ । ଉତ୍କଳୀୟ ସହଜିଆ, ଗୌଡ଼ୀୟ 'ବୈଷ୍ଣବ ସହଜିଆ' ମଧ୍ୟରେ ଏକମାତ୍ର କ୍ଷୀଣ ପାର୍ଥକ୍ୟ । ଗୌଡ଼ୀୟ ସହଜିଆଙ୍କ ସାଧନା, ଦର୍ଶନ; ବୈଷ୍ଣବ ରତି ମାର୍ଗ ଦ୍ୱାରା ପ୍ରଭାବିତ ଥିଲା । ରାୟ ରାମାନନ୍ଦଙ୍କ ପରି ଉତ୍କଳୀୟ ସହଜିଆଙ୍କ ସାଧନର ମାର୍ଗ ଭକ୍ତି ମିଶ୍ରିତ ଯୋଗ । ଏ ପରିପ୍ରେକ୍ଷୀରେ ଜଗନ୍ନାଥ ଦାସଙ୍କ ପରି ଶୂନ୍ୟବାଦୀ । ସେମାନଙ୍କ ସାଧନା ନାଥପନ୍ଥୀ ଯୋଗାଚାର, ଦର୍ଶନ ଦ୍ୱାରା ପ୍ରଭାବିତ । ଏଥିପାଇଁ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ସପକ୍ଷବାଦୀ ନ ଥିଲେ । ପ୍ରେମଧର୍ମ ରାଜଧର୍ମରେ ପରିଣତ ହେଲା । ସ୍ୱୟଂ ଗଜପତି ପ୍ରତାପରୁଦ୍ରଦେବ, ସେ ମଧ୍ୟ ପ୍ରେମ ଧର୍ମରେ ଦୀକ୍ଷିତ । ପରିସ୍ଥିତିର ତୀବ୍ର ତାଡ଼ନା ସହ ରାଜପୀଡ଼ନର ପ୍ରକୋପ । ଜଗନ୍ନାଥ ଦାସ ଅବା ତାଙ୍କ ଅନ୍ୟ ପଞ୍ଚସଖା ସାଧକ, ଚୈତନ୍ୟ ପ୍ରଭାବିତ ଭକ୍ତି ଧର୍ମରେ ଦୀକ୍ଷିତ ଅବା ଆକୃଷ୍ଟ ହେବା ସ୍ୱାଭାବିକ, ଜଗନ୍ନାଥ ଦାସ ଚୈତନ୍ୟଙ୍କ ଗହଣରେ ରହିଲେ; ମାତ୍ର ନିଜର ଆଧ୍ୟାତ୍ମିକ ସ୍ୱାତନ୍ତ୍ର୍ୟକୁ ହରାଇ ନ ଥିଲେ । ପରବର୍ତ୍ତୀ କାଳରେ ଜଗନ୍ନାଥ ଦାସ ଭକ୍ତି ଧର୍ମରେ ଦୀକ୍ଷିତ ପାଇଁ ପ୍ରସ୍ତୁତ; ମାତ୍ର 'ହରେକୃଷ୍ଣ' ମନ୍ତ୍ର ଜପ ପାଇଁ ଅସମ୍ମତ ଥିଲେ । ବାହାରେ ବୈଷ୍ଣବଙ୍କର ଭେକ ଧାରଣ; ମାତ୍ର ଧର୍ମରେ ସେ ଥିଲେ ସେଇ ଶୂନ୍ୟ ସାଧକ । ଯୋଗମାର୍ଗୀ, ତାଙ୍କର ସାଧନାରେ ନ ଥିଲା ନାରୀର ସ୍ଥାନ । ମେଧା, ସୁମେଧା – ଏଇ ଦୁଇ ଦିବ୍ୟାଭରଣ ଭୂଷିତା । ଏମାନେ ଅନୁପମ ରୂପବତୀ ନାରୀ, ଜଗନ୍ନାଥଙ୍କ ଗୁହ୍ୟ ସାଧନା ସଙ୍ଗିନୀ । ସ୍ଥିତି ବଡ଼ ବିଷମ । ମେଧା, ସୁମେଧାଙ୍କ ସହ ସାଧନା ସହବାସ, ଏହା ସ୍ୱୈରାଚାର, ବ୍ୟଭିଚାର – ଏକଥା ପ୍ରତାପରୁଦ୍ରଙ୍କୁ କୁହାଗଲା । ରାଜକୋପରୁ ନିସ୍ତାର ପାଇଁ ପ୍ରଚେଷ୍ଟା କଲେ ଜଗନ୍ନାଥ । ନିଜ ନାରୀଅଙ୍ଗର ପ୍ରତ୍ୟକ୍ଷ ପ୍ରମାଣ ଦେଇ ଆତ୍ମରକ୍ଷା କଲେ । "ପୂର୍ବେ ପୁରୁଷ ଅଙ୍ଗ ଥିଲି / ପ୍ରେମ ଭାବେ ସ୍ତିରୀ ହେଲି / ଦେଖ ଉଭବ ରସ ମୋର / ପିନ୍ଧା କୌପୁନୀ ସେ ରୁଧିର ।" ଜଗନ୍ନାଥ ଦାସ ହଠଯୋଗୀ, କରିପାରୁଥିଲେ ନାନା ଅଲୌକିକ କର୍ମ । ଏଇଟି ତା'ର ଅନ୍ୟତମ ପ୍ରମାଣ । (କ୍ରମଶଃ ...)

# ଜନଗଣନା : ଏକ ସାମୂହିକ ଜାତୀୟ ଦାୟିତ୍ୱ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଜନଗଣନା କହିଲେ ସାଧାରଣତଃ ଆମେ କେବଳ ଲୋକଙ୍କୁ ଗଣିବା ବୋଲି ବୁଝିଥାଉ । କିନ୍ତୁ ପ୍ରକୃତରେ ଏହା ଏକ ଦେଶର ଭବିଷ୍ୟତ ଗଠନର ମୂଳଦୁଆ । ଯେତେବେଳେ ଜଣେ ଜନଗଣନା କର୍ମଚାରୀ ଆମ ଦ୍ୱାର ମୁହଁକୁ ଆସନ୍ତି, ସେ କେବଳ ସରକାରୀ ତଥ୍ୟ ସଂଗ୍ରହ କରନ୍ତି ନାହିଁ, ବରଂ ଆମର ଏବଂ ଆମ ପରବର୍ତ୍ତୀ ପିଢିର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କାମ କରନ୍ତି । ୧. ଗଣନାକାରୀଙ୍କୁ ସମ୍ମାନ : ସେମାନେ ଶତ୍ରୁ ନୁହଁନ୍ତି, ସହାୟକ । ଜନଗଣନା ପାଇଁ ନିୟୋଜିତ କର୍ମଚାରୀମାନେ ପ୍ରାୟତଃ ଆମ ପାଖପାଖର ଶିକ୍ଷକ, ସରକାରୀ କର୍ମଚାରୀ କିମ୍ବା ସ୍ୱେଚ୍ଛାସେବୀ ହୋଇଥାନ୍ତି । ସେମାନେ ଖରା, ବର୍ଷା ଓ କଠିନ ପରିଶ୍ରମ କରି ପ୍ରତିଟି ଘର ବୁଲନ୍ତି । ଭଦ୍ର ବ୍ୟବହାର : ସେମାନଙ୍କ ସହ ଖରାପ ବ୍ୟବହାର କରିବା କିମ୍ବା ସେମାନଙ୍କୁ ଆକ୍ରମଣ କରିବା ଜାତୀୟ ପ୍ରଗତିରେ ବାଧା ସୃଷ୍ଟି କରିବା ସହ ସମାନ । ସୂଚନା ଦେବାରେ ସହଯୋଗ : ସେମାନେ ପଚାରୁଥିବା ପ୍ରଶ୍ନଗୁଡିକ କୌଣସି ବ୍ୟକ୍ତିଗତ ଗୋପନୀୟତାକୁ ନଷ୍ଟ କରିବା ପାଇଁ ନୁହେଁ, ବରଂ ସଠିକ୍ ଯୋଜନା ପ୍ରସ୍ତୁତ କରିବା ପାଇଁ ଉଦ୍ଦିଷ୍ଟ । ସେମାନଙ୍କୁ ସଠିକ୍ ତଥ୍ୟ ଦେବା ଆମର କର୍ତ୍ତବ୍ୟ । ୨. ସଠିକ୍ ଗଣନା – ସଠିକ୍ ବିକାଶ ସରକାର ଆଗାମୀ ୧୦ବର୍ଷ ପାଇଁ ଯେତେବେଳେ କୌଣସି ଯୋଜନା କରନ୍ତି, ତାହା ଜନଗଣନା ତଥ୍ୟ ଉପରେ ଆଧାରିତ ହୋଇଥାଏ । ଶିକ୍ଷା ଓ ସ୍ୱାସ୍ଥ୍ୟ : ଆପଣଙ୍କ ଅଂଚଳରେ କେତେ ଜଣ ଶିଶୁ ଅଛନ୍ତି, ତାହା ଜାଣିଲେ ହିଁ ସେଠାରେ ନୂଆ ସ୍କୁଲ ବା ଅଙ୍ଗନବାଡି କେନ୍ଦ୍ର ଖୋଲିବ । ସେହିପରି ବୟସ୍କଙ୍କ ସଂଖ୍ୟା ଅନୁସାରେ ଡାକ୍ତରଖାନାର ସୁବିଧା ବୃଦ୍ଧି କରାଯାଏ । ରାସନ ଓ ସାମାଜିକ ସୁରକ୍ଷା : ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସଠିକ୍ ଖାଦ୍ୟ ସୁରକ୍ଷା ଯୋଜନା ପ୍ରସ୍ତୁତ କରିବାରେ ଏହି ତଥ୍ୟ ସହାୟକ ହୁଏ । ୩. ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଆମର ଭୋଟ୍ ଦେବାର ଅଧିକାର ଏବଂ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ମଧ୍ୟ ଜନସଂଖ୍ୟା ଉପରେ ନିର୍ଭର କରେ । ଯଦି ଆମେ ନିଜକୁ ଗଣନାରୁ ବାଦ୍ ଦେବା, ତେବେ ଆମ ଅଞ୍ଚଳରେ ରାଜନୈତିକ ସ୍ୱର ଦୁର୍ବଳ ହୋଇଯିବ । ସଠିକ୍ ଗଣନା ହେଲେ ହିଁ ଆମ ଅଂଚଳ ପାଇଁ ଉପଯୁକ୍ତ ପାଣ୍ଠି ଓ ପ୍ରତିନିଧିତ୍ୱ ମିଳିପାରିବ । ୪. ଗୋପନୀୟତା ଓ ସୁରକ୍ଷା ଅନେକଙ୍କ ମନରେ ଭୟ ଥାଏ ଯେ ସେମାନଙ୍କ ତଥ୍ୟର ଅପବ୍ୟବହାର ହେବ । କିନ୍ତୁ ଗନଗଣନା ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ତଥ୍ୟକୁ ଗୋପନ ରଖିବା ସରକାରଙ୍କ ଦାୟିତ୍ୱ । ଏହି ତଥ୍ୟ କେବଳ ସାମୂହିକ ବିକାଶ ପାଇଁ ବ୍ୟବହୃତ ହୁଏ, କାହାକୁ ବ୍ୟକ୍ତିଗତ ଭାବେ ଟାର୍ଗେଟ୍ କରିବା ପାଇଁ ନୁହେଁ । ଜନଗଣନା ହେଉଛି ଦେଶର ଆତ୍ମଲିପି । ଏଥିରେ ପ୍ରତିଟି ନାଗରିଗଙ୍କ ନାମ ରହିବା ଜରୁରୀ । ଆସନ୍ତୁ, ଜନଗଣନା କର୍ମଚାରୀଙ୍କୁ ସମ୍ମାନ ଦେବା, ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ଜଣେ ସଚେତନ ନାଗରିକ ଭାବେ ଦେଶ ଗଠନରେ ନିଜର ଅବଦାନ ରଖିବା । ମନେ ରଖନ୍ତୁ, ଆପଣଙ୍କର ଗୋଟିଏ ସଠିକ୍ ତଥ୍ୟ ଆସନ୍ତାକାଲିର ସୁନ୍ଦର ଭବିଷ୍ୟତ ଗଢିବାରେ ସାହାଯ୍ୟ କରିବ । ଏକ ଜାତୀୟ ଜନଗଣନାକୁ ପ୍ରାୟତଃ ଅମଲାତନ୍ତ୍ରର ଦୃଷ୍ଟିକୋଣରୁ ଦେଖାଯାଏ – ପ୍ରତି ଦଶନ୍ଧିରେ ସରକାରୀ ଅଧିକାରୀମାନେ ଚଢିଥିବା ଏକ ବିଶାଳ, ଲଜିଷ୍ଟିକ୍ ପର୍ବତ । ଆମେ ଗଣନାକାରୀଙ୍କୁ ସେମାନଙ୍କ କ୍ଲିପବୋର୍ଡ କିମ୍ବା ଟାବଲେଟ ସହିତ ଦେଖୁ, ଆମେ ସାର୍ବଜନୀନ ସେବା ଘୋଷଣା ଶୁଣିଥାଉ, ଏବଂ ଆମର ବ୍ୟସ୍ତ କାର୍ଯ୍ୟସୂଚୀରେ ଅନୁସନ୍ଧାନ ଦେଖି ଆମେ ବିରକ୍ତିର ଝଲକ ମଧ୍ୟ ଅନୁଭବ କରିପାରୁ । ତଥାପି, ଏହି ଦୃଷ୍ଟିକୋଣ ଅଭ୍ୟାସର ଗଭୀର ବାସ୍ତବତାକୁ ହରାଇଥାଏ । ଏକ ଜନଗଣନା କେବଳ ଏକ ସରକାରୀ କାର୍ଯ୍ୟ ନୁହେଁ, ଏହା କାର୍ଯ୍ୟରେ ମୂଳ ସାମାଜିକ ଚୁକ୍ତି । ଏହା ଆତ୍ମପ୍ରତିଫଳନର ଏକ ସାମୂହିକ ମୁହୂର୍ତ୍ତ ଯେଉଁଠାରେ ଏକ ଜାତି ତା'ର ହୃଦସ୍ପନ୍ଦନ ଗଣନା କରିବା ପାଇଁ ଯଥେଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥିର ରହିଥାଏ । ଏହାକୁ କେବଳ ପ୍ରଶାସନିକ କାର୍ଯ୍ୟ ଭାବରେ ଦେଖିବା ହେଉଛି ଏକ କାର୍ଯ୍ୟକ୍ଷମ ସମାଜର ସ୍ଥାପତ୍ୟକୁ ଭୁଲ ବୁଝିବା । ୧.ମାନବ ଉପାଦାନ : ବାର୍ତ୍ତାବାହକଙ୍କୁ ସୁରକ୍ଷା ଦେବା ତଥ୍ୟରେ ବୁଡିବା ପୂର୍ବରୁ, ଆମକୁ ଆଗ ଧାଡିରେ ଥିବା ଲୋକମାନଙ୍କୁ ସମ୍ବୋଧିତ କରିବାକୁ ପଡିବ । ଜନଗଣନା ଗଣନାକାରୀମାନଙ୍କୁ ପ୍ରାୟତଃ ଆପଣଙ୍କ ନିଜ ସମ୍ପ୍ରଦାୟର ସଦସ୍ୟ- ଛାତ୍ର, ଅବସରପ୍ରାପ୍ତ କିମ୍ବା ପଡୋଶୀ ଯେଉଁମାନେ ଏକ ଜାତୀୟ ଉଦ୍ଦେଶ୍ୟ ପାଇଁ ଯୋଗଦାନ ଦେବାକୁ ଚାହାଁନ୍ତି । ସେମାନେ ପ୍ରଗତିର ବାର୍ତ୍ତାବହ । ପାରମ୍ପରିକ କ୍ରିୟାରେ ସହାନୁଭୂତି : ଏହା ମନେ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଏହି ବ୍ୟକ୍ତିମାନେ ଏକ ନାଗରିକ କର୍ତ୍ତବ୍ୟ ପାଳନ କରୁଛନ୍ତି । ସେମାନେ ନୀତି ନିର୍ମାତା କିମ୍ବା ଟିକସ ସଂଗ୍ରହକାରୀ ନୁହଁନ୍ତି, ସେମାନେ ତଥ୍ୟ ସଂଗ୍ରହକାରୀ । ସୁରକ୍ଷା କାରକ : ଅନେକ ଅଞ୍ଚଳରେ ଜନଗଣନା କର୍ମଚାରୀମାନେ ସନ୍ଦେହ କିମ୍ବା ଶତ୍ରୁତାର ସମ୍ମୁଖୀନ ହୁଅନ୍ତି । ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ କିମ୍ବା ବାଧା ଦେବା କେବଳ ଜଣେ ବ୍ୟକ୍ତିଙ୍କୁ କ୍ଷତି ପହଞ୍ଚାଏ ନାହିଁ, ଏହା ଆପଣଙ୍କ ସମ୍ପ୍ରଦାୟ ଉପରେ ଏକ 'ତଥ୍ୟ ଛାୟା' ସୃଷ୍ଟି କରେ । ଯଦି ଏକ ପଡୋଶୀ ଗଣନାକାରୀଙ୍କ ପାଇଁ ଅସୁରକ୍ଷିତ ହୋଇଥିବାରୁ କମ୍ ଗଣନା କରାଯାଏ, ତେବେ ସେହି ପଡୋଶୀ ପରବର୍ତ୍ତୀ ଦଶ ବର୍ଷ ପାଇଁ ଯୋଜନାବଦ୍ଧ ଭାବରେ ପାଣ୍ଠି ଏବଂ ପ୍ରତିନିଧିତ୍ୱ ହରାଇବ । ସହଯୋଗର ଶକ୍ତି: ଏକ ସରଳ, ଭଦ୍ର ପାରସ୍ପରିକ କ୍ରିୟା ସଠିକତା ସୁନିଶ୍ଚିତ କରେ । ଯେତେବେଳେ ଆମେ ଜନଗଣନା କର୍ମଚାରୀମାନଙ୍କୁ ସମ୍ମାନର ସହିତ ବ୍ୟବହାର କରୁ, ଆମେ ସୂଚନାର ଅଖଣ୍ଡତା କରୁ ଯାହା ଶେଷରେ ଆମର ରାସ୍ତା ନିର୍ମାଣ କରିବ, ଆମର ହସ୍ପିଟାଲକୁ କର୍ମଚାରୀ କରିବ ଏବଂ ଆମ ପିଲାମାନଙ୍କୁ ଖାଦ୍ୟ ଦେବ । ସମ୍ବଳ ଆବଣ୍ଟନ ପାଇଁ ବ୍ଲୁପ୍ରିଣ୍ଟ ଜନଗଣନାର ସବୁଠାରୁ ତୁରନ୍ତ ପ୍ରଭାବ ସମ୍ପ୍ରଦାୟର ପକେଟବୁକରେ ଅନୁଭୂତ ହୁଏ । ସରକାର ପାଖରେ ଅସୀମ, ସମ୍ବଳ ନାହିଁ, ଆବଶ୍ୟକତା ଅନୁସାରେ ସେମାନେ କେଉଁଠାରେ ନିର୍ମାଣ କରିବେ ଏବଂ କେଉଁଠାରେ ନିବେଶ କରିବେ ତାହା ନିଷ୍ପତ୍ତି ନେବାକୁ ପଡିବ । କ୍ଷେତ୍ର ଜନଗଣନା ତଥ୍ୟ କିପରି ବ୍ୟବହାର କରାଯାଏ ଶିକ୍ଷା ନୂତନ ସ୍କୁଲ କେଉଁଠାରେ ନିର୍ମାଣ କରିବେ ଏବଂ ଶିକ୍ଷକ-ଛାତ୍ର ଅନୁପାତ କିପରି ଆବଣ୍ଟନ କରିବେ ତାହା ନିର୍ଣ୍ଣୟ କରିବା । ସ୍ୱାସ୍ଥ୍ୟସେବା କ୍ଲିନିକ୍ ନିର୍ମାଣ ପାଇଁ ବୃଦ୍ଧମାନେ କେଉଁଠାରେ ରୁହନ୍ତି କିମ୍ବା ଶିଶୁ ବିଭାଗକୁ ପାଣ୍ଠି ଯୋଗାଇବା ପାଇଁ ଯୁବ ପରିବାର କେଉଁଠି ବଢୁଛନ୍ତି ତାହା ମ୍ୟାପିଂ କରିବା । ଭିତ୍ତିଭୂମି ରାଜପଥ ସମ୍ପ୍ରସାରଣ କିମ୍ବା ନୂତନ ସାର୍ବଜନୀନ ପରିବହନ ମାର୍ଗକୁ ଯଥାର୍ଥ କରିବା ପାଇଁ ଟ୍ରାଫିକ୍ ଢାଞ୍ଚା ଗଣନା କରିବା । ଜରୁରୀକାଳୀନ ସେବା ଜନସଂଖ୍ୟା କ୍ଲଷ୍ଟର ଉପରେ ଆଧାର କରି ଅଗ୍ନିଶମ ଷ୍ଟେସନ ଏବଂ ପୋଲିସ ପରିସରକୁ ରଣନୀତିକ ଭାବରେ ରଖାଯାଇଥିବା ନିଶ୍ଚିତ କରିବା । ନୈତିକ ଏବଂ ନାଗରିକ ଜରୁରୀକାର୍ଯ୍ୟ : ଏକ ଜାତୀୟ ଜନଗଣନା ଏକ ପରିସଂଖ୍ୟାନଗତ ଅଭ୍ୟାସ କିମ୍ବା ଏକ ବାଧ୍ୟତାମୂଳକ ସରକାରୀ ପ୍ରକଳ୍ପ ଅପେକ୍ଷା ବହୁତ ଅଧିକ । ଏହା ଏକ ଜାତି ଦ୍ୱାରା ଗ୍ରହଣ କରାଯାଇଥିବା ସାମୂହିକ ଆତ୍ମ-ପରିଚୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏହା ହେଉଛି ସେହି ପ୍ରକ୍ରିୟା ଯାହା ଦ୍ୱାରା ଏକ ଦେଶ ଦର୍ପଣରେ ଦେଖେ ଏବଂ ପଚାରେ ଆମେ କିଏ ? ଆମେ କେଉଁଠି ରହୁ ? ଏବଂ ଆମକୁ ଉନ୍ନତି ପାଇଁ କ'ଣ ଆବଶ୍ୟକ ? ଯେତେବେଳେ ଆମେ ଜନଗଣନାକୁ ଏକ 'ସହଭାଗୀ ଦାୟିତ୍ୱ' ଭାବରେ ଦେଖୁ, ଆମେ ଏକ ଗଣନାର 'ବିଷୟ' ହେବାର ଧାରଣାରୁ ଦୂରେଇ ଯାଉ ଏବଂ ଆମର ନିଜ ଭବିଷ୍ୟତରେ ସକ୍ରିୟ ଅଂଶୀଦାର ହେବା ଆଡକୁ ଗତି କରୁ । ୧. ମାନବ ଢାଲ : ଆମର ଆଗ ଧାଡିର କର୍ମୀମାନଙ୍କୁ ସୁରକ୍ଷା ଦେବା ଜନଗଣନାର ସଫଳତା ସମ୍ପୂର୍ଣ୍ଣ ଭାବରେ ରାସ୍ତାରେ ଯାଉଥିବା ହଜାର ହଜାର ଗଣନାକାରୀଙ୍କ ସୁରକ୍ଷା ଏବଂ ମନୋବଳ ଉପରେ ନିର୍ଭର କରେ । ଏହି ବ୍ୟକ୍ତିମାନେ – ପ୍ରାୟତଃ ଶିକ୍ଷକ, ଛାତ୍ର କିମ୍ବା ସ୍ଥାନୀୟ ବାସିନ୍ଦା– ଲୋକ ଏବଂ ରାଜ୍ୟ ମଧ୍ୟରେ ସେତୁ । ଯତ୍ନର କର୍ତ୍ତବ୍ୟ : ଜନଗଣନା କର୍ମୀଙ୍କୁ ଆକ୍ରମଣ କରିବା, ହଇରାଣ କରିବା କିମ୍ବା ଭୟଭୀତ କରିବା ସମାଜ ଉପରେ ହିଁ ଏକ ଆକ୍ରମଣ । ଯେତେବେଳେ ଜଣେ ଗଣନାକାରୀଙ୍କୁ ଧମକ ଦିଆଯାଏ, ସେହି କ୍ଷେତ୍ରରେ ତଥ୍ୟ ସଂଗ୍ରହ ବନ୍ଦ ହୋଇଥାଏ । ଏହା ଏକ 'ଡାଟା ମରୁଭୂମି' ଆଡକୁ ନେଇଯାଏ ଯେଉଁଠାରେ ଆପଣଙ୍କ ପଡୋଶୀର ଆବଶ୍ୟକତା ସରକାରଙ୍କ ପାଇଁ ଅଦୃଶ୍ୟ ହୋଇଯାଏ । ନାଗରିକ ସାଜସଜ୍ଜା : ଜଣେ ଗଣକଙ୍କୁ ଦୟା ସହିତ ବ୍ୟବହାର କରିବା ଦେଶପ୍ରେମର ଏକ ସରଳ କାର୍ଯ୍ୟ । ସେମାନେ ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ ଚ୍ୟାଲେଞ୍ଜ ସହିତ ଏକ କଷ୍ଟକର କାର୍ଯ୍ୟ କରୁଛନ୍ତି । ଏକ ସହଯୋଗପୂର୍ଣ୍ଣ ପରିବେଶ ନିଶ୍ଚିତ କରେ ଯେ ସଂଗୃହିତ ତଥ୍ୟ ଶୀଘ୍ର ଏବଂ ଅସମ୍ପୂର୍ଣ୍ଣ ହେବା ପରିବର୍ତ୍ତେ ସୂକ୍ଷ୍ମ ଏବଂ ସଠିକ୍ । ୨. ଅର୍ଥନୈତିକ ଇଞ୍ଜିନ : ତଥ୍ୟ କିପରି ସମୃଦ୍ଧିକୁ ଆଗେଇ ନିଏ ଘରୋଇ କ୍ଷେତ୍ର ଜନଗଣନା ତଥ୍ୟ ଉପରେ ସରକାରୀ କ୍ଷେତ୍ର ପରିନିର୍ଭର କରେ । ସହଭାଗୀ ଦାୟିତ୍ୱ ଅର୍ଥ ହେଉଛି ବୁଝିବା ଯେ ଆମର ଅଂଶଗ୍ରହଣ ସ୍ଥାନୀୟ ଅର୍ଥନୀତିକୁ ଇନ୍ଧନ ପ୍ରଦାନ କରେ । ବଜାର ନିର୍ଭରଯୋଗ୍ୟତା : ବଡ ନିଗମ ଏବଂ ଛୋଟ ବ୍ୟବସାୟଗୁଡିକ ନୂତନ ଶାଖା, ଗୋଦାମ କିମ୍ବା କାର୍ଯ୍ୟାଳୟ କେଉଁଠି ଖୋଲିବେ ତାହା ନିଷ୍ପତି ନେବା ପାଇଁ ଜନଗଣନା ଜନସଂଖ୍ୟାଗତିକ ବ୍ୟବହାର କରନ୍ତି । ଯଦି ଏକ ସହରର ଜନସଂଖ୍ୟା କମ ଗଣନା କରାଯାଏ, ତେବେ ଜଣେ ପ୍ରମୁଖ ନିଯୁକ୍ତିଦାତା ନିବେଶ ପାଇଁ 'ଯଥେଷ୍ଟ ବଡ ନୁହେଁ' ଅଂଚଳ ନିଷ୍ପତି ନେଇପାରନ୍ତି, ଯାହା ଫଳରେ ଚାକିରି ସୁଯୋଗ ହରାଇବାକୁ ପଡିଥାଏ । ନିଷ୍ପକ୍ଷ ପ୍ରତିଯୋଗିତା : ସଠିକ୍ ତଥ୍ୟ ନିଶ୍ଚିତ କରେ ଯେ ବ୍ୟାଙ୍କ ଶାଖା, କିରାଣା ଦୋକାନ ଏବଂ ଫାର୍ମାସି ଭଳି ସମ୍ବଳଗୁଡିକ ସେହି ସ୍ଥାନରେ ବଣ୍ଟନ କରାଯାଏ ଯେଉଁଠାରେ ଲୋକମାନେ ପ୍ରକୃତରେ ରୁହନ୍ତି, ଖାଦ୍ୟ ମରୁଭୂମିକୁ ରୋକିଥାଏ ଏବଂ ସମସ୍ତଙ୍କ ପାଇଁ ବ୍ୟାଙ୍କିଂ ପ୍ରବେଶ ସୁନିଶ୍ଚିତ କରିଥାଏ । ୩. ସାମାଜିକ ନ୍ୟାୟ ଏବଂ ଅଦୃଶ୍ୟତା ଫାଶ ଐତିହାସିକ ଭାବରେ, ସବୁଠାରୁ ଉପେକ୍ଷିତ ଗୋଷ୍ଠୀ- ଗରିବ, ବାସହୀନ ଏବଂ ପ୍ରବାସୀ ଜନସଂଖ୍ୟାକୁ କମ ଗଣନା କରାଯିବାର ସମ୍ଭାବନା ଅଧିକ । ଅଦୃଶ୍ୟତାର ଅନ୍ତ : ଯେତେବେଳେ ଆମେ ଆମ ସମ୍ପ୍ରଦାୟର ସମସ୍ତଙ୍କୁ ଗଣନା କରିବାକୁ ଉତ୍ସାହିତ କରୁ, ଆମେ ସାମାଜିକ ନ୍ୟାୟର ଏକ କାର୍ଯ୍ୟ କରୁ । ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟା ଏକ କମ ଗଣନା ସମଗ୍ର ଦଶନ୍ଧି ପାଇଁ ସେହି ଗୋଷ୍ଠୀକୁ ସେବାର ଏକ ପଦ୍ଧତିଗତ ପ୍ରତ୍ୟାଖ୍ୟାନକୁ ନେଇଯାଏ । ସମାନୁପାତିକତାର ଶକ୍ତି : ଏହା ଏକ ବିଧାନସଭାରେ ଆସନ ବଣ୍ଟନ ହେଉ କିମ୍ବା ସଂଘୀୟ ଅନୁଦାନ ବଣ୍ଟନ, ସବୁକିଛି ସଂଖ୍ୟା ଉପରେ ଆଧାରିତ । ଯଦି ଏକ ଜିଲ୍ଲାରେ ୧୦,୦୦୦ ଲୋକ ରୁହନ୍ତି କିନ୍ତୁ କେବଳ ୮,୦୦୦ ଗଣନା କରାଯାଏ, ତେବେ ସେହି ଜିଲ୍ଲା ଏହାର ୨୦% ଯଥାର୍ଥ ପାଣ୍ଠି ଏବଂ ରାଜନୈତିକ ପ୍ରଭାବ ହରାଇବ । ୪. ଅପ୍ରତ୍ୟାଶିତ ପାଇଁ ଯୋଜନା : ସଙ୍କଟ ପରିଚାଳନା ଏକ ଜାତୀୟ ସଙ୍କଟ ସମୟରେ ଜନଗଣନାର ଗୁରୁତ୍ୱ ସବୁଠାରୁ ସ୍ପଷ୍ଟ ହୋଇଯାଏ, ଯେପରିକି ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ । ସଙ୍କଟର ପ୍ରକାର ଜନଗଣନା ତଥ୍ୟର ଭୂମିକା ଜନସ୍ୱାସ୍ଥ୍ୟ ଟୀକା ଏବଂ ଔଷଧ ବଣ୍ଟନକୁ ପ୍ରାଥମିକତା ଦେବା ପାଇଁ ବୟସ୍କ କିମ୍ବା ଦୁର୍ବଳ ନାଗରିକଙ୍କ ଉଚ୍ଚ ସାନ୍ଦ୍ରତା କେଉଁଠାରେ ରହୁଛି ତାହା ଚିହ୍ନଟ କରିବା । ପ୍ରାକୃତିକ ବିପର୍ଯ୍ୟୟ ଏକ ନିର୍ଦ୍ଦିଷ୍ଟ ବନ୍ୟା କିମ୍ବା ଅଗ୍ନି ଜନିତ ଅଂଚଳରେ କେତେକ ଲୋକଙ୍କୁ ସ୍ଥାନାନ୍ତର ସହାୟତା ଆବଶ୍ୟକ ତାହା ଜାଣିବାରେ ଜରୁରୀକାଳୀନ ସେବାଗୁଡିକ ସାହାଯ୍ୟ କରିବା । ଆର୍ଥିକ ମାନ୍ଦାବସ୍ଥା ପ୍ରଭାବିତ ପରିବାରର ସର୍ବାଧିକ ଘନତା ଥିବା ଅଞ୍ଚଳଗୁଡିକୁ ବେକାରୀ ଲାଭ ଏବଂ ଖାଦ୍ୟ ସହାୟତା ନିର୍ଦ୍ଦେଶିତ କରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୪ ମଇ ୨୦୨୬ ସୋମବାର





## ସିମେଣ୍ଟ କାରଖାନାର ବିଷାକ୍ତ କିଙ୍କ ପାଉଡ଼ର ପରିବହନ ବନ୍ଦ ଦାବିରେ ଆନ୍ଦୋଳନ ଧମକ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ସୁକିନ୍ଦା ନିର୍ବାଚନ ମଣ୍ଡଳୀ ମାନପୁର ଠାରେ ଥିବା ସୁକିନ୍ଦା ରୋଡ ରେଳଷ୍ଟେସନ୍ ଠାରେ ସୁକିନ୍ଦା ମେନେରାଲସ ଲୋଡିଙ୍ଗ ଏଣ୍ଡ ଅନ୍ ଲୋଡିଂ ଲେବର୍ ୟୁନିଅନ୍ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ୟୁନିଅନ୍‌ର ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଆବାସିକ ସମ୍ପାଦକ ଲକ୍ଷ୍ମୀଧର ପାତ୍ର ଅଣସଂଗଠିତ ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା ଦେବାରେ ଅବହେଳାକୁ ଦୃଢ଼ ନିନ୍ଦା କରିବା ସହିତ ସିମେଣ୍ଟ କାରଖାନାକୁ ଆସୁଥିବା ବିଷାକ୍ତ କିଙ୍କର ପାଉଡର ପରିବହନ ବନ୍ଦ ନକଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ ଯାହା ଏହା ସମଗ୍ର ଅଞ୍ଚଳକୁ ବିଷାକ୍ତ କରୁଛି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଭିମନ୍ୟୁ ପାତ୍ର କଳିଙ୍ଗନଗରର ଶ୍ରମିକ ନେତା ଭବାନୀ ଶଙ୍କର ଦେଓ, ଜଗନ ମଲିକ, ସୁରପାତ୍ର ଓ ଉପସଭାପତି ମୂନେଶ୍ୱର ନାୟକ ପ୍ରମୁଖ ମଇ ଦିବସର ତାତ୍ପର୍ଯ୍ୟ ଓ କେନ୍ଦ୍ରସରକାର ୪୪ ଗୋଟି ଶ୍ରମ ଆଇନ୍‌କୁ ପରିବର୍ତ୍ତନ କରି ୪ ଗୋଟି ଶ୍ରମ କୋଡ଼ ଶ୍ରମିକ ଶୋଷଣର ପ୍ରକ୍ରିୟା ବୋଲି ବିରୋଧ କରିବା ଶହ ୮ ଶହ ଟଙ୍କା ସର୍ବନିମ୍ନ ମଜୁରୀ ଓ ମାସିକ ୨୬ ହଜାର ଦରମା ସହିତ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଆଓଟ ସୌରସିଂ କର୍ମଚାରୀ ମାନଙ୍କୁ ସ୍ଥାୟୀ ଦାବି କରିଥିଲେ। ଶେଷରେ ବିଦ୍ୟାଧର ଯେନା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରୁ ଷ୍ଟଡି ସେଣ୍ଟର ହଟାଇବାକୁ ଚାଲିଛି ଷଡ଼ଯନ୍ତ୍ର !

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ହଟିବ ୪୦ ବର୍ଷ ପୁରୁଣା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଷ୍ଟଡ଼ି ସେଣ୍ଟର । ଏବେ ଏଭଳି ଏକ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଗଞ୍ଜାମ ଜିଲ୍ଲା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖଲ୍ଲିକୋଟ ମହାବିଦ୍ୟାଳୟ ସମୟରୁ ଏଠାରେ ଚାଲି ଆସିଥିବା ଏହି ଷ୍ଟଡ଼ି ସେଣ୍ଟର ଜରିଆରେ ବହୁ ଗରିବ, କର୍ମଜୀବୀ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଦୂର ନିରନ୍ତର ଶିକ୍ଷା ପାଠ୍ୟକ୍ରମ ଜରିଆରେ ଉଚ୍ଚ ଶିକ୍ଷା ପାଇଆସୁଥିଲେ । ଉଭୟ ସ୍ନାତକ ଓ ସ୍ନାତକୋତର ବିଭାଗରେ ବିଭିନ୍ନ ବିଷୟରେ, ଏପରିକି ବୈଷୟିକ ପାଠ୍ୟକ୍ରମର ମଧ୍ୟ ସୁଯୋଗ ପାଇ ଆସୁଛନ୍ତି । ଏଭଳି ପରିସ୍ଥିତିରେ ହଠାତ୍ ଏହି ପୁରାତନ ଶିକ୍ଷାନୁଷ୍ଠାନର ଇଗ୍ନୋ ଷ୍ଟଡ଼ି ସେଣ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡ଼ିଛି । ଖଲ୍ଲିକୋଟ ମହାବିଦ୍ୟାଳୟ ପର୍ଯ୍ୟାୟକ୍ରମେ ସ୍ୱୟଂଶାସିତ ମହାବିଦ୍ୟାଳୟ ପରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି । କିନ୍ତୁ ଏଠାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବକୁ ପୂରଣ କରାଯାଇନାହିଁ । ସେପଟେ ଯୁକ୍ତ ଦୁଇ ଶ୍ରେଣୀ ଓ ଯୁକ୍ତ ୩ ଶ୍ରେଣୀ ତଥା ପିଜି ଶ୍ରେଣୀ ଯଥାକ୍ରମେ ଗଣଶିକ୍ଷା ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗ ଅଧିନକୁ ଚାଲିଯିବା ପରେ ଶିକ୍ଷାନୁଷ୍ଠାନରେ ସମସ୍ୟା ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ପିଲାଙ୍କ ପାଠପଢ଼ା ପାଇଁ ଶ୍ରେଣୀ ପ୍ରକୋଷ୍ଠରେ ଅଭାବ ସାଙ୍ଗକୁ ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ନିକଟରେ ପ୍ରଫେସର ଅସୀମ ସାହୁ ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ବିଭାଗ ଓ କ୍ୟାମ୍ପସ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ଶ୍ରେଣୀ ଅଭାବ ଓ ଶିକ୍ଷକଙ୍କ ଅଭାବ ଥିବାବେଳେ ଏଠାରେ ଉଭୟ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡ଼ି ସେଣ୍ଟର ଖୋଲାଯାଇଥିବା ଓ ସେଥିପାଇଁ ଏକାଧିକ ପ୍ରକୋଷ୍ଠ ବ୍ୟବହାର ହେଉଥିବା ଜାଣିବାକୁ ପାଇଥିଲେ । ଉଭୟ ଷ୍ଟଡ଼ି ସେଣ୍ଟରରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିୟୋଜିତ ଥିବା ଜାଣିବାକୁ ପାଇଥିଲେ । ଅବଶ୍ୟ ସେଠାରେ ନିୟୋଜିତ କର୍ମଚାରୀ ନିଜର ଦାୟିତ୍ୱ ସମ୍ପାଦନ କରିବା ପରେ ରାତି ସମୟରେ ଏପରିକି ରବିବାର ଭଳି ଛୁଟି ଦିନରେ ସେଠାରେ ଅନୁମତି ସହିତ କାର୍ଯ୍ୟରତ ଥିବା ଜଣାପଡ଼ିଛି । ସେହିଭଳି ଦୂରଶିକ୍ଷା କାର୍ଯ୍ୟକ୍ରମରେ ପିଲାଙ୍କ ନାମଲେଖା ଠାରୁ ଆରମ୍ଭ କରି ପାଠପଢ଼ା ସବୁ କିଛି ଅନ୍‌ଲାଇନ୍ ମାଧ୍ୟମରେ ହିଁ କରାଯାଉଛି । ତେବେ ବିଶ୍ୱବିଦ୍ୟାଳୟରେ ସ୍ଥାନାଭାବ ସହ କର୍ମଚାରୀଙ୍କ ଅଭାବ ଦୃଷ୍ଟିରୁ ତଥା ଗୋଟିଏ ବିଶ୍ୱବିଦ୍ୟାଳୟରେ ଅନ୍ୟ ଏକ ବିଶ୍ୱବିଦ୍ୟାଳୟର ଷ୍ଟଡ଼ି ସେଣ୍ଟର ରହିବା ଅଯୁକ୍ତିକର ଦର୍ଶାଇ ଇଗ୍ନୋ ସେଣ୍ଟରକୁ ପ୍ରଥମ ପର୍ଯ୍ୟାୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମସୁଧା ଚାଲିଥିବା ଜଣାପଡ଼ିଛି । ଗୋଟିଏ କ୍ୟାମ୍ପସ୍‌ରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡ଼ି ସେଣ୍ଟର କାର୍ଯ୍ୟ କରୁଥିବା ବେଳେ କେବଳ ଇଗ୍ନୋକୁ ସ୍ଥାନାନ୍ତର କରିବା ନେଇ ଚାଲିଥିବା ମସୁଧାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି । ଦୀର୍ଘ ୪୦ ବର୍ଷ ଧରି ଶିକ୍ଷାନୁଷ୍ଠାନରେ ଚାଲି ଆସିଥିବା ତଥା ଜିଲ୍ଲା ତଥା ଜିଲ୍ଲା ବାହାରର ପ୍ରାୟ ୩ ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷାର ସୁବିଧା ଯୋଗାଇ ଆସୁଥିବା ଏଭଳି ଏକ ଷ୍ଟଡ଼ି ସେଣ୍ଟରକୁ ସ୍ଥାନାନ୍ତର କରିବା ପଛରେ କଣ ରହସ୍ୟ ରହିଛି ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି । ଏନେଇ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଅସୀମା ସାହୁ କହିଛନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ମଧ୍ୟ ନିକଟରେ ଇଗନୋକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟରେ ପିଲାଙ୍କ ପାଇଁ ସ୍ଥାନାଭାବ ସହ ଅଧ୍ୟାପକଙ୍କ ଅଭାବ ରହିଛି । ଉଭୟ ଦୃଷ୍ଟିରୁ ଇଗନୋକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯଦି ଓ ଚିନ୍ତା କରାଯାଇଛି, କିନ୍ତୁ ତାହା ଚୂଡ଼ାନ୍ତ ହୋଇନାହିଁ । ଏନେଇ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହିଁ ଚୂଡ଼ାନ୍ତ ନିଷ୍ପତି ନେବ ।

## ୬ ବର୍ଷ ପୂରିଲା, ଡିଭାଇଡର କାମ ସମ୍ପୂର୍ଣ୍ଣ ହେବ କେବେ ?

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡ଼ିଆଳ। ହେଲେ ଏଠାରେ ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଏହି ସହର ୩୫୩ ନଂ ଜାତୀୟ ରାଜପଥ ଗୋପାଳପୁର ଠାରୁ ରାୟପୁରକୁ ସଂଯୋଗ କରୁଛି। ଗତ ୫/୬ ବର୍ଷ ପୂର୍ବେ ଖଡ଼ିଆଳ ସହରରେ ସୌନ୍ଦର୍ଯ୍ୟକରଣ ପାଇଁ ଡିଭାଇଡର ନିର୍ମାଣ କରାଗଲା। ସହରର ଥାନା ଛକରୁ ଷ୍ଟେଟ୍ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ହାରାହାରି ୨ କିଲୋମିଟର ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ କରାଗଲା। ପାଖାପାଖି ୪ ଫୁଟ୍ ଓସାରର ଡିଭାଇଡର ନିର୍ମାଣ କରାଗଲା। ଲକ୍ଷ୍ୟ ଥିଲା ଖଡ଼ିଆଳ ସହରର ସୋନ୍ଦର୍ଯ୍ୟ କରଣ ପାଇଁ। ହେଲେ ପାଖାପାଖି ୬ ବର୍ଷ ବିତିଯାଇଥିଲେ ମଧ୍ୟ ଅଧପନ୍ତରିଆ ଭାବରେ ପଡିରହିଛି ଏହି ଡିଭାଇଡର କାମ। ଯାହାଫଳରେ ସୋନ୍ଦର୍ଯ୍ୟ କରଣର ଆଶା ଏକ ପ୍ରକାର ମଉଳି ଯାଇଛି। ଜିଲ୍ଲା ପ୍ରସାଶନ ସହ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅର୍ଦ୍ଧ ନିର୍ମିତ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରାଚୀନ ଲୋକକଳା 'ଘୋଡ଼ା ନାଚ'ର ସଂରକ୍ଷଣ ନେଇ ପଦକ୍ଷେପ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**




ମା' ବାସୁଳାଇ ପୂଜା କମିଟି, ଜିରାଇଲୋ, ଆନୁକୂଲ୍ୟରେ ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ଗ୍ରାମରେ ଦୁଇ ଦିନ ଧରି ସନ୍ଧ୍ୟା ଠାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚୈତ୍ର ଘୋଡା ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ ଯୋଗଦେଇ ହଜିଯାଇଥିବା ଲୋକକଳାର ପୁନଃଉଦ୍ଧାର ପାଇଁ ଆୟୋଜକ ମାନଙ୍କର ଆନ୍ତରିକ ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ହିନ୍ଦୁ ସେନାର ଜିଲ୍ଲା ସଭାପତି ପ୍ରୀତମ ସ୍ୱାଇଁ, ସମାଜସେବୀ ନିତ୍ୟାନନ୍ଦ ଦାସ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ସମାଜସେବୀ ଛବିନ୍ଦ୍ର ତରେଇ, ଜଗତସିଂହପୁର ସାଂସଦଙ୍କ ଏରସମା ପ୍ରତିନିଧି ଜଟାଧାରୀ ସ୍ୱାଇଁ, ରାଜ୍ୟ ବିଜେପି ଓବିସି ସେଲର ଉପାଧ୍ୟକ୍ଷ ନୃସିଂହ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ମନ୍ଦିରର ପୂଜକ ନିହାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ୟାପ୍‌ଟେନ୍ ପ୍ରଣବ କିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବରେ ବାଲିକୁଦା - ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ରାଜ୍ୟ ହିନ୍ଦୁ ସେନାର ସଭାପତି ଦେବାଶିଷ ରାଉତ, ସଭାପତି, ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର ସଭାପତି ପ୍ରହଲ୍ଲାଦ ବେହେରା, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସଭାପତି କୈଳାଶ ଚନ୍ଦ୍ର ବେହେରା, ସମାଜସେବୀ ସୁଦର୍ଶନ ବେହେରା, ଶାରଳା ମଣ୍ଡଳ କୈବର୍ତ୍ତ ମହାସଂଘର ସଂଗଠନ ସମ୍ପାଦକ ଅମର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜିରାଇଲୋ ପଞ୍ଚାୟତର ସମିତି ସଭ୍ୟ ରଘୁନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଘୋଡା ମେଲଣ ଉତ୍ସବରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଅନନ୍ୟ ଲୋକ କଳାକୁ ଉପଭୋଗ କରିଥିଲେ ଓ କୈବର୍ତ୍ତ ପୁରାଣ ବିଷୟରେ ଜ୍ଞାନ ଅର୍ଜନ କରିଥିଲେ । ୨୯ ତାରିଖ ଦିନ ଚୈତ୍ର ଘୋଡା ନୃତ୍ୟ ଦଳ ଜିରାଇଲୋ ଗ୍ରାମ ଭ୍ରମଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଉପଦେଷ୍ଟା ରବୀନ୍ଦ୍ରନାଥ ବେହେରା, ମା' ବାସୁଳାଇ ପୂଜାକମିଟିର ସଭାପତି କ୍ୟାପ୍‌ଟେନ୍ ପ୍ରଣବ କିଶୋର ବେହେରା ଓ ସଦସ୍ୟ ନିଳାଦ୍ରି ବେହେରା, ସିଦ୍ଧେଶ୍ୱର ଖଟୁଆ, ଦୀପକ ଖଟୁଆ, ମିହିର ଦାସ, ବିକ୍ରମ ବେହେରା, ମିଳନ ଭଟ୍ଟ, ଚିନ୍ମୟ ମାଝୀ, ସିଦ୍ଧେଶ୍ୱର ଖଟୁଆ, ବାବାଜୀ ସେଠି, ଟୁନା ହାତୀ, କୁନା ଦାସ, ବାଇଧର ବେହେରା, ମାଗୁଣି ମାଝୀ, ରବି ସେଠି ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ରୁଦ୍ରନାଥ ମନ୍ଦିର ପାଇଁ ଦେବୋତ୍ତର ବିଭାଗକୁ ଜମି ଦାନ କଲେ ହୃଦାନନ୍ଦ ମେହେର

### କୃତଜ୍ଞତା ଦେଲେ ଜିଲ୍ଲା ପ୍ରଶାସନ ଓ ସହରବାସୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ବ୍ୟକ୍ତିଗତ ମାଲିକାନା ଭିତରେ ଅପୂଜା ରହୁଥିବା ବାବା ରୁଦ୍ରନାଥଙ୍କ ପାଇଁ ଦେବୋତ୍ତର ବିଭାଗକୁ ଦାନ ପତ୍ର ଭାବରେ ସମ୍ପୃକ୍ତ ଜମି ରେଜିଷ୍ଟ୍ରେସନ୍ କଲେ ସହରର ସହୃଦୟ ବ୍ୟକ୍ତି ହୃଦାନନ୍ଦ ମେହେର । ସୂଚନା ଯୋଗ୍ୟ ଯେ ଅଷ୍ଟ ଶମ୍ଭୁ, ଅଷ୍ଟ ଚଣ୍ଡୀ, ତଥା ଅଷ୍ଟ ବିଷ୍ଣୁଙ୍କ ସହର ସୁବର୍ଣ୍ଣପୁରରେ ଅଷ୍ଟଶମ୍ଭୁଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସୋନପୁର ଗଡ଼ ଭିତରେ ଥିବା ଶ୍ରୀ ରୁଦ୍ରନାଥ ବାବା । ବ୍ୟକ୍ତିଗତ ଜମି ମାଲିକଙ୍କ ଜମି ଭିତରେ ୧୯୮୦ ମସିହାରୁ ଆବଦ୍ଧ ହୋଇ ରହିଥିଲେ ଶ୍ରୀ ରୁଦ୍ରନାଥ ବାବା । ସୋନପୁର ବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ .ନୃପରାଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ଉପଜିଲ୍ଲାପାଳ ଡ଼. ସୋମ୍ୟରୂପା ରଥ ଏହି ବିଷୟରେ ତଦନ୍ତ କରି ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ସମାଜସେବୀ ଗୋବିନ୍ଦ ମହାରଣାଙ୍କ ସହଯୋଗରେ ଉକ୍ତ ଜମି ମାଲିକ ହୃଦାନନ୍ଦ ମେହେର ଓ ତାଙ୍କ ପୁଅ ରାମକୃଷ୍ଣ ମେହେରଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଆଲୋଚନା ତଥା ବୁଝାସୁଝା କରିଥିଲେ । ଏହାର ଦୁଇ ଦିନ ପରେ ଅପ୍ରେଲ ୧୦ ତାରିଖ ଦିନ ଜମି ମାଲିକ ଗୋବିନ୍ଦ ବାବୁଙ୍କ ସହ ନିଜେ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ସ୍ୱତଃ ପ୍ରବୃତ୍ତ ଭାବେ ରୁଦ୍ରନାଥ ମନ୍ଦିରକୁ ରାସ୍ତା ଦେବା ପାଇଁ ରାଜି ହୋଇଥିଲେ । ସେହିଦିନ ଅପରାହ୍ନ ୪ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଗୋବିନ୍ଦ ମହାରଣା ତଥା ଜମି ମାଲିକଙ୍କ ଉପସ୍ଥିତିରେ ରୁଦ୍ରନାଥ ବାବାଙ୍କ ମନ୍ଦିରକୁ ସିନେମା ହଲ୍ ଦେଇ ଗଛପତ୍ର ସଫା କରାଯାଇ ବାଟ ଫିଟାଯାଇଥିଲା । ସୋନପୁର ପୌରପରିଷଦ ଅଧିକାରୀ ଋଷି ମାଝୀ ଓ ଜିଲ୍ଲା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ଦେ ତାଙ୍କର କର୍ମଚାରୀ ମାନଙ୍କୁ ପଠାଇ ମନ୍ଦିର ଚାରିପାଖରେ ସଫା କରାଇଥିଲେ । ସୋନପୁର ରାଜସ୍ୱ ନିରୀକ୍ଷକ ସୁଧୀର ପାଣ୍ଡିଆ, ଆସିଷ୍ଟାଣ୍ଟ ଆର୍‌ଆଇ ଓ ଅମିନ ମାଧ୍ୟମରେ ଜମି ମାପ କରାଯାଇଥିଲା । ନିକଟରେ ଥିବା ଶ୍ରୀ ଗୋପାଳଜୀ ମନ୍ଦିରର ପ୍ରାଚୀର ମଧ୍ୟ ଦେଇ ରୁଦ୍ରନାଥ ବାବାଙ୍କ ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଫିଟେଇବାକୁ ନିଷ୍ପତି ନିଆଯାଇଥିଲା ଫଳରେ ଶ୍ରୀ ରୁଦ୍ରନାଥ ବାବାଙ୍କ ଦୈନନ୍ଦିନ ପୂଜାର୍ଚ୍ଚନା ହେବା ସହିତ ସାଧାରଣ ଭକ୍ତ ମାନଙ୍କର ଦର୍ଶନ ନିମନ୍ତେ ଦ୍ୱାର ଉନ୍ମୁକ୍ତ ହୋଇପାରିବ ବୋଲି ଉପଜିଲ୍ଲାପାଳ ତଥା ସୋନପୁର ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ସୋମ୍ୟରୂପା ରଥ ପ୍ରକାଶ କରିଥିଲେ । ଏଥିପାଇଁ ଜିଲ୍ଲାପାଳ ଡ଼. ସାହୁ ଏବଂ ଉପଜିଲ୍ଲାପାଳ ଡ. ରଥଙ୍କ ସମେତ ସହରବାସୀ ସମସ୍ତ ବିଭାଗୀୟ କର୍ମଚାରୀ ଜନସାଧାରଣ ତଥା ଏହି ଦେବ କାର୍ଯ୍ୟରେ ନିଜର ମହତ ଯୋଗଦାନ ତଥା ଦେବୋତ୍ତର ବିଭାଗକୁ ଦାନ ପତ୍ର ଭାବରେ ଦାନ କରିଥିବା ଜମି ମାଲିକ ହୃଦାନନ୍ଦ ମେହେର ତଥା ତାଙ୍କ ପୁତ୍ର ବିଶିଷ୍ଟ ବ୍ୟବସାୟୀ ରାମକୃଷ୍ଣ ମେହେରଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେପଟେ ଦୀର୍ଘ ୪୬ ବର୍ଷ ପରେ ରୁଦ୍ରନାଥଙ୍କୁ ଦର୍ଶନ ପାଇଁ ସହରବାସୀ ଭବବିହ୍ୱଳ ହୋଇଯାଇଛନ୍ତି ।

## ଦେବଗିରିରେ ପର୍ଯ୍ୟଟନ ଶିଳ୍ପ ବିକାଶ ଆଣ୍ଠେଇଛି: ୧.୨୩ କୋଟି ଟଙ୍କାରେ କେବଳ ପ୍ରବେଶଦ୍ୱାର ନିର୍ମାଣ

**ପାରଳାଖେମୁଣ୍ଡି, ନ୍ୟୁଜ୍ ବ୍ୟୁରୋ**

ପ୍ରକୃତିର ବରଦାନରେ ଭରପୁର ଗଜପତି ଜିଲ୍ଲା । ଏହି ଜିଲ୍ଲାରେ ପାହାଡ଼ ଜଙ୍ଗଲ ଘେରା ସବୁଜ ବନାନୀର ଆକର୍ଷଣୀୟ ପରିବେଶ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଅନେକ ଜଳପ୍ରପାତ ଓ ଐତିହ୍ୟ ତଥା କିମ୍ବଦନ୍ତୀ ସମ୍ପନ୍ନ ଅନେକ ସ୍ଥାନ ରହିଛି । ଗଜପତି ଜିଲ୍ଲାରେ ମହେନ୍ଦ୍ରଗିରି ଭଳି ଆଉ ଗୋଟିଏ ପର୍ବତ ଶୃଙ୍ଗ ରହିଛି ଦେବଗିରି। ହେଲେ ମହେନ୍ଦ୍ରଗିରି ଭଳି ଦେବଗିରି ପାହାଡ ଐତିହ୍ୟ ସଂସ୍କୃତି ସହ ଯୋଡି ହୋଇନଥିଲେ ମଧ୍ୟ ପ୍ରାକୃତିକ ସୋନ୍ଦର୍ଯ୍ୟରେ ଭରପୁର, ଏହି ପାହାଡର ପରିବେଶ ଅତ୍ୟନ୍ତ ମନୋରମ। ଔଷଧୀୟ ବୃକ୍ଷଲତା ସାଙ୍ଗକୁ ଜଙ୍ଗଲି ଜନ୍ତୁଙ୍କ ଚଳପ୍ରଚଳ ରହିଛି, ପାହାଡ ଶିଖରରେ ବିସ୍ତିର୍ଣ୍ଣ ସମତଳ ଅଞ୍ଚଳ ସହ ଏକ ପାର୍ଥନାସ୍ଥଳ ଥିବା କୁହାଯାଉଛି। ଦିନଥିଲା ଏହି ଅଞ୍ଚଳ ବାଉଁଶ, ଶାଗୁଆନ ଏବଂ ବାସ ଚନ୍ଦନର ଜଙ୍ଗଲ ଭାବରେ ବେଶ୍ ପରିଚିତ ଥିଲା, କିନ୍ତୁ ଆଉ ଏବେ ତାହା ନାହିଁ, ତଥାପି ବିସ୍ତିର୍ଣ୍ଣ ଘଞ୍ଚ ଜଙ୍ଗଲ ସହ, ଏକାଧିକ ଜଳପ୍ରପାତ ଏବଂ ତାର ଶୀତଳ ଆଉ ଶାନ୍ତ ପରିବେଶ ନିଶ୍ଚିତ ଭାବରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ, ତେଣୁ ରାଜ୍ୟ ସରକାର ଦେବଗିରିକୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ୍ କରିବା ପାଇଁ ଦେବଗିରିର ବିକାଶ ନିମନ୍ତେ ରୁପରେଖ ପ୍ରସ୍ତୁତ କରି ୨୦୨୪-୨୫ ଆର୍ଥିକ ବର୍ଷରେ ଦେବଗିରି ପର୍ବତ ଶୃଙ୍ଗର ଆକର୍ଷଣୀୟ ପ୍ରାର୍ଥନା ସ୍ଥଳୀର ବିକାଶ ପାଇଁ ୧ କୋଟି ୨୩ ଲକ୍ଷ, ଅନୁଦାନ ପ୍ରଦାନ ସହ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ପର୍ଯ୍ୟଟନ ସ୍ଥାନର ବିକାଶ କରିବା ସହ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ ରାଜ୍ୟ ସରକାର। ଭିତିଭୂମି, ରାସ୍ତାଘାଟ, ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ଅନୁଦାନ ମଧ୍ୟ ମଞ୍ଜୁର କରିଥିଲେ। ଠିକା ସଂସ୍ଥା ଟେଣ୍ଡର ପାଇ ୨୦୨୫ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା । କିନ୍ତୁ ନାମକୁ ମାତ୍ର ପର୍ବତ ପାଦ ଦେଶରେ ଗୋଟିଏ ପ୍ରବେଶ ଦ୍ୱାର କରିଦେଇ ଚୁପ୍ ବସିଛି। ଏନ୍‌ବିସିସି ନାମକ ଏକ ଠିକା ସଂସ୍ଥା ଏହାର ନିର୍ମାଣ ଦ୍ୱାୟିତ୍ୱ ନେଇଥିବା ବେଳେ ଠିକା ସଂସ୍ଥା କାହିଁକି କାର୍ଯ୍ୟ ବନ୍ଦ କରି ରଖିଛି ସେ ସମ୍ପର୍କରେ କୌଣସି ସ୍ୱଷ୍ଟ ସୂଚନା ଠିକା କମ୍ପାନୀ ପକ୍ଷରୁ ଦିଆଯାଇନଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ୍ ସଂଗ୍ରାମଙ୍କ ସୂଚନା ପ୍ରକାରେ କିଛି ସ୍ଥାନୀୟ ଅଧିବାସୀ ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଛନ୍ତି ତେଣୁ ନିର୍ମାଣ କାର୍ଯ୍ୟ ଆଗେଇପାରିନି । ତେବେ ଏନେଇ କୌଣସି ଅନୁଷ୍ଠାନ କିମ୍ବା ସ୍ଥାନୀୟ ଜନପ୍ରତିନିଧି ବିରୋଧ କରୁଥିବା ନେଇ କୌଣସି ସ୍ଥାନରେ ଲିଖିତ ଅଭିଯୋଗ କରିନାହାନ୍ତି, ତେଣୁ ଉନ୍ନୟନ କାର୍ଯ୍ୟକୁ ସତରେ ବିରୋଧ କରୁଛନ୍ତି ନାଁ ନିଜ ଅପାରଗତାକୁ ଲୁଚାଇବା ପାଇଁ ଠିକାଦାର ଏଭଳି କହିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ । ସୂଚନା ଥାଉକି ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାହାଡ଼ ଶିଖର ଭାଗରେ ଗୋଟିଏ ଆଶ୍ରୟସ୍ଥଳ ଓ ଦୁଇଟି ପିଣ୍ଡି ନିର୍ମାଣ ସହ କୂପର ଉଦ୍ଧାର କରଯାଇଛି, ୭ କିଲୋମିଟର ପାହାଡ଼ିଆ ରାସ୍ତା ସୁଗମ ହେଲେ ପର୍ଯ୍ୟଟକଙ୍କ ପାଇଁ ବାଟ ଫିଟିବ । ଜିଲ୍ଲାର ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ପୁରାତନ ଜୀବନ ଶୈଳୀ ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିପାରିଛି। ପର୍ଯ୍ୟଟନର ବିକାଶ ହେଲେ ରୋଜଗାର ସୃଷ୍ଟି ହେବା ସହ ବ୍ୟବସାୟ ବୃଦ୍ଧି ପାଇବ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ତେଣୁ ସ୍ଥାନୀୟ ବାସିନ୍ଦା ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବା ଆବଶ୍ୟକ ରହିଛି ।

## ଡ୍ରେନ୍ ଉପରେ ଇଟା, ଗୋଡ଼ି, ବାଲି ରଖିବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ପୌରାଞ୍ଚଳର ୨୧ ଗୋଟି ୱାର୍ଡରେ ଅଧିକାଂଶ ଯାଗାରେ ମୁଖ୍ୟ ରାସ୍ତା ଉପରେ ବାଲି, ଗୋଡି, ମାଟି, ରଡ୍ ପକାଇବା ଫଳରେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୯ ନମ୍ବର ୱାର୍ଡର ଗ୍ରାମର ଦୁଇପାର୍ଶ୍ୱରେ ଡ୍ରେନ୍ ଉପରେ ଇଟା, ଗୋଡି, ବାଲି, ସିମେଣ୍ଟ, ରଡ୍ ଏବଂ କେତେକ ଜାଗାରେ ଚଉରା ନିର୍ମାଣ କରିଥିବାରୁ ଯାତାୟାତରେ ଅସୁବିଧା ହେବା ସହ ଡ୍ରେନ୍ ଦୀର୍ଘଦିନ ହେଲା ସଫା ହୋଇପାରୁନି। ଫଳରେ ସାମାନ୍ୟ ବର୍ଷା ହେଲେ ଦୁର୍ଗନ୍ଧ ହେଉଛି। ଏଥିସହିତ ଗ୍ରାମ୍ ଭିତରେ ଥିବା ଜଳ ଯୋଗାଣ ପାଇପ୍‌କୁ କାଟି ବେଆଇନ୍ ଭାବେ ସଂଯୋଗ କରି ମଟର ଚଳାଇ ପାଣି ନେଉଥିବାରୁ ଅନ୍ୟ ବ୍ୟକ୍ତିମାନେ ପାନୀୟ ଜଳ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଡ୍ରେନ୍ ଉପରେ ରଖାଯାଇଥିବା ଜିନିଷପତ୍ରକୁ ଉଠାଇବା ସହ ବେଆଇନ୍ ପାଇପ୍ କନେକ୍ସନ୍‌କୁ କାଟି ଡ୍ରେନ୍ ସଫା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ସଡ଼କ, ସ୍ୱାସ୍ଥ୍ୟ, ପାନୀୟ ଜଳରୁ ବଞ୍ଚିତ ତଲାରିମାହା ପଞ୍ଚାୟତ



**ଘୁ.ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ତଲାରିମାହା ପଞ୍ଚାୟତର ଅନେକ ଗ୍ରାମକୁ ପକ୍କା ସଡ଼କ, ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ଓ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଆଜି ଯାଏଁ ଅପହଞ୍ଚ ରହିଛି। ୧୧ ଗୋଟି ୱାର୍ଡ, ୧୪ ଗୋଟି ରାଜସ୍ୱ ଗ୍ରାମ ଓ ୩୪ ଗୋଟି ପଡା ଗ୍ରାମକୁ ନେଇ ତଲାରିମାହା ଗ୍ରାମପଞ୍ଚାୟତ ଗଠିତ। ଏହାର ଜନସଂଖ୍ୟା ୩୫୦୦ରୁ ଉର୍ଦ୍ଧ୍ୱ । ଗଟାମାହା, ଭଞ୍ଜପଦର, ସାକା, ଦଦଡ଼ମାହା, ଡାଡ଼ିସାହି, ପଧାନପଡା, ଡୁଗୁଡ଼ି-କ, ଡୁଗୁଡ଼ି-ଖ, କାସିରିଖୋଲ, ରେଢ଼ାସିଙ୍ଗି, କରିକାଡୁ ଏବଂ ପିତାଦେଇ ଗ୍ରାମକୁ ବସୁଧା ଯୋଜନାରେ ଜଳଯୋଗାଣ ହୋଇପାରିନାହିଁ। ପଞ୍ଚାୟତର ପିତାଦେଇ ଏକ ଦୁର୍ଗମ ଗ୍ରାମ ହୋଇଥିବା ବେଳେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶିକ୍ଷା ସେବା, ମୋବାଇଲ୍ ନେଟ୍‌ୱର୍କ ଏବଂ ପାନୀୟ ଜଳରୁ ଗ୍ରାମବାସୀମାନେ ବଞ୍ଚିତ ଅଛନ୍ତି । ତଲାରିମାହା ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ତଲାରିମାହା ଠାରେ ଏକ ନୂତନ ସବ୍ ସେଣ୍ଟର୍ ନିର୍ମାଣ କରାଯାଇଛି କିନ୍ତୁ ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ଯାହାଦ୍ୱାରା ଜନସାଧାରଣମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ସାକା, ଦଦଡ଼ିମାହା ଗ୍ରାମକୁ ଯାତାୟାତ ପାଇଁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ପଞ୍ଚାୟତର ତଲାରିମାହା, ଗଟାମାହା, ଭଞ୍ଜପଦର, ଡାଡ଼ିସାହି, କରିକାଡୁ, ପିତାଦେଇ ଗ୍ରାମରେ ମୋବାଇଲ୍ ଟାୱାର ନଥିବାରୁ ଗ୍ରାମବାସୀମାନେ ମୋବାଇଲ୍ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି । ତିନି ମାସ ହେଲା ଟୋପାଏ ପାଣି ପାଇଁ ଡହଳବିକଳ ଘୁ. ଉଦୟଗିରି ଏନ୍‌ଏସିର ୮ ନମ୍ବର ୱାର୍ଡ ବାସିନ୍ଦା ଅଞ୍ଚଳବାସୀଙ୍କ ଜମି ଅଛି ହେଲେ ଚାଷ କରିବା ପାଇଁ ଜମିକୁ ଜଳ ନାହିଁ ଏଣୁ ଜମି ପଡିଆ ପଡି ରହୁଛି। ଚାଷୀ ଚାଷ ପ୍ରତି ମୁହଁ ମୋଡି ଦାଦନ ଖଟିବାକୁ ସୁଦୂର କେରଳ, ବେଙ୍ଗାଲୁର, ସୁରଥ, ଚେନେଇ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ପଞ୍ଚାୟତର ଡୁଗୁଡ଼ି ଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନାହାନ୍ତି ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ପଞ୍ଚାୟତର ତଲ-ବାଲୁମାହା, ସାକା, ଗଟାମାହା, ପଧାନପଡ଼ା ଏବଂ ଡୁଙ୍ଗି ଗ୍ରାମ ବ୍ୟତୀତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗିନାହିଁ । ପଞ୍ଚାୟତର ବିଭିନ୍ନ ଆନୁଷଙ୍ଗିକ ଭିତିଭୂମି ବିକାଶ ପାଇଁ ଗଟାମାହା ଗ୍ରାମର ସମାଜସେବୀ ରାଜେଶ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ୧୦୦ରୁ ଉର୍ଦ୍ଧ୍ୱ ଚିଠି ପତ୍ର ଲେଖି ଅବଗତ କରିବା ପରେ ତଲାରିମାହା ଠାରୁ ରେଢ଼ାସିଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇପାରିଛି ଏବଂ ଜବେଡ଼ି, ବାଲୁମାହା, ପଧାନପଡ଼ା ଓ କାସିରିଖୋଲ ଠାରେ ମୋବାଇଲ୍ ଟାୱାର ସ୍ଥାପନ ହୋଇପାରିଛି ।

## ସଙ୍କଳ୍ପରୁ ସଫଳତା: କୃଷି ଉଦ୍ୟମୀ ଆର୍. ସାଇ କ୍ରୀଷ୍ଣା ଯୁବପିଢିଙ୍କ ପାଇଁ ପ୍ରେରଣା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ବରଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମର ଯୁବ ଉଦ୍ୟମୀ ଆର୍. ସାଇ କ୍ରୀଷ୍ଣା ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ୫୦୦୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଏକ ଶୀତଳ ଭଣ୍ଡାର (ଏମ୍/ଏସ୍ ଶ୍ରୀ ସାଇ କୋଲ୍ଡ ଷ୍ଟୋର) ନିର୍ମାଣ କରି ନିଜ ଅଞ୍ଚଳର କୃଷି ଭିତିଭୂମି ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସ୍ଥାନୀୟ କୃଷକମାନଙ୍କ ଜୀବନ ଜୀବିକାର ଉନ୍ନତି ଆଣିପାରିଛନ୍ତି । ବାଣିଜ୍ୟ (ବି.କମ୍) ସ୍ନାତକ ସାଇ କ୍ରୀଷ୍ଣା ୨୦୧୬ ମସିହାରେ ଆନ୍ଧ୍ରପ୍ରଦେଶ JNTU ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ, କୃଷି ଏବଂ ଫାର୍ମାସି ପାଠ୍ୟକ୍ରମରେ ନାମ ଲେଖା ପାଇଁ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା (AP EAMCET)ରେ ୧୭୬ ର୍ୟାଙ୍କ ହାସଲ କରିବା ସତ୍ତ୍ୱେ, ଫାର୍ମାସି ପଢ଼ା ଛାଡ଼ି କୃଷି ଉଦ୍ୟୋଗକୁ ବାଛିଥିଲେ । ସମାଜରେ କିଛି ଅଲଗା କରି ଦେଖାଇବା, ଦୃଢ ଇଚ୍ଛାଶକ୍ତି ଏବଂ ସ୍ଥାନୀୟ କୃଷକମାନ ଅଭାବୀ ବିକ୍ରି ସମସ୍ୟା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିବା ସହ ନିଜ ଭବିଷ୍ୟତ, ପୈତୃକ ସମ୍ପତ୍ତି, ଜମିବାଡ଼ିକୁ ବନ୍ଧା ପକାଇ ଏଭଳି ଦୁଃସାହସିକ ନିଷ୍ପତ୍ତି ନେବା ପାଇଁ ପ୍ରେରିତ କରିଥିଲା । ନିଜ ଲକ୍ଷ୍ୟ ସାଧନ ପାଇଁ ସେ ରାଜ୍ୟ ତଥା ରାଜ୍ୟ ବାହାରର ୧୦୦ରୁ ଅଧିକ ଶୀତଳ ଭଣ୍ଡାର ୟୁନିଟ୍ ପରିଦର୍ଶନ କରି ପ୍ରାୟୋଗିକ ଜ୍ଞାନ ସଂଗ୍ରହ କରିଥିଲେ। ଏହାପରେ ନିଜ ପରିବାର ସମର୍ଥନ ତଥା ବରଗଡ଼ ଉଦ୍ୟାନକୃଷି ବିଭାଗର ସହାୟତା ନେଇ, ସେ ୨୦୧୯-୨୦ ମସିହାରେ ପ୍ରାୟ ୩.୫ କୋଟି ଟଙ୍କା ଅଟକଳ ମୂଲ୍ୟର ୨୫୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳ ଭଣ୍ଡାର ସ୍ଥାପନ କରିଥିଲେ। ଏଥିପାଇଁ ସେ ବରଗଡ଼ ୟୁନିୟନ୍ ବ୍ୟାଙ୍କ୍ ଠାରେ ଘରୋଇ ସମ୍ପତ୍ତି ଓ ପୂର୍ବପୁରୁଷଙ୍କ ଜମିକୁ ବନ୍ଧକ ରଖି ୧ କୋଟି ୯୦ ଟଙ୍କା ବ୍ୟାଙ୍କ ଋଣ ଗ୍ରହଣ କରିଥିବା ବେଳେ ସମନ୍ୱିତ ଉଦ୍ୟାନ କୃଷି ଯୋଜନା ଅଧୀନରେ ଜାତୀୟ ଉଦ୍ୟାନ କୃଷି ମିଶନରୁ (MIDH-NHM) ୧ କୋଟି ୧୦ ଲକ୍ଷ ଟଙ୍କାର (MIDH ୩୫% + ରାଜ୍ୟ ଯୋଜନାରୁ ୨୦%) ସରକାରୀ ସବ୍‌ସିଡି ପାଇଥିଲେ । କୋରନା (କୋଭିଡ୍-୧୯) ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ତାଙ୍କର ଦୃଢ ଇଚ୍ଛାଶକ୍ତି ବଳରେ ଏହି ୟୁନିଟ୍ ୨୦୨୧-୨୨ ମସିହାରେ କାର୍ଯ୍ୟକ୍ଷମ ହେବାପରେ ସ୍ଥାନୀୟ ଚାଷୀଙ୍କର ଆଳୁ, ଧାନ ଏବଂ ବିହନ ଭଳି କୃଷି ସାମଗ୍ରୀ ସଂରକ୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଅମଳ ପରବର୍ତ୍ତୀ କ୍ଷତିକୁ ଯଥେଷ୍ଟ ହ୍ରାସ କରିବାରେ ସହାୟକ ହେଇଥିଲା । କେବଳ ଏତିକି ନୁହେଁ, ଏହି ୟୁନିଟ୍ ପ୍ରତିଷ୍ଠାର ପ୍ରଥମ ବର୍ଷରୁ ହିଁ ୧.୨ କୋଟି ଟଙ୍କା ଟର୍ଣ୍ଣଓଭର୍ ସୃଷ୍ଟି କରିବା ପରେ ମାସିକ ୫ ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଯୋଗାଇ ଶୀଘ୍ର ଲାଭବାନ କରିଥିଲା । ଯଦ୍ୱାରା ମାତ୍ର ଏକ ବର୍ଷ ମଧ୍ୟରେ ସେ ତାଙ୍କ ବ୍ୟାଙ୍କ ଋଣ ସହଜରେ ଶୁଝିବା ସହ ବନ୍ଧକ ରଖିଥିବା ପୈତୃକ ସମ୍ପତ୍ତିକୁ ମୁକୁଳାଇବାରେ ସକ୍ଷମ ହୋଇଥିଲେ । ଏହି ସଫଳତାକୁ ଆଧାର କରି, ୨୦୨୨-୨୩ ମସିହାରେ ସେ ନିଜର ଶୀତଳ ଭଣ୍ଡାରକୁ ଆହୁରି ୨୫୦୦ ମେଟ୍ରିକ୍ ଟନ୍ ବିସ୍ତାର କରିବାକୁ ମନ ବଳେଇଲେ । ସର୍ବମୋଟ୍ ୩ କୋଟି ଟଙ୍କା ଅଟକଳ ମୂଲ୍ୟର ଏହି ଅତିରିକ୍ତ ପ୍ରକଳ୍ପ ନିର୍ମାଣ କରିବା ପାଇଁ ସେ ପୂର୍ବଭଳି ପୁଣିଥରେ ବରଗଡ଼ ୟୁନିଅନ୍ ବ୍ୟାଙ୍କ୍ ଠାରୁ ୧ କୋଟି ୯୦ ଲକ୍ଷ ଟଙ୍କା ଋଣ କରିବା ସହ ୧ କୋଟି ୧୦ ଲକ୍ଷ ଟଙ୍କାର ସରକାରୀ ସବ୍‌ସିଡି (ସମନ୍ୱିତ ଉଦ୍ୟାନ କୃଷି ଯୋଜନାରୁ ୭୦ ଲକ୍ଷ ଓ ରାଜ୍ୟ ସରକାରଙ୍କ ସହାୟତା ୪୦ ଲକ୍ଷ) ନେଇ ଏହାକୁ ୫୦୦୦ ମେଟ୍ରିକ୍ ଟନ୍‌କୁ ବିସ୍ତାରିତ କରିବା ପରେ ବାର୍ଷିକ ୩୦ରୁ ୪୦ ଲକ୍ଷ ଟଙ୍କା ରୋଜଗାର ଯୋଗାଇବା ବୋଲି ଆଶା ରଖିଛନ୍ତି । ଯାହାକୁ ବରଗଡ଼ ବିଧାୟକ ତଥା କୃଷି ଓ କୃଷକ ସଶକ୍ତିକରଣ, ବିଭାଗ, ଜଳ ସମ୍ପଦ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଷ୍ଟାଣ୍ଡିଂ କମିଟି ଏବଂ ବରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଷଡଙ୍ଗୀ ଗତ, ୩ ମାର୍ଚ୍ଚ ୨୦୨୬ ତାରିଖରେ ଲୋକାର୍ପଣ କରିବା ସହ ଆର୍. ସାଇ କ୍ରୀଷ୍ଣାଙ୍କ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଯୁବଗୋଷ୍ଠୀ ପାଇଁ ଏକ ଉଦାହରଣ ବୋଲି କହିଥିଲେ । ବର୍ତ୍ତମାନ, ସାଇ କ୍ରୀଷ୍ଣାଙ୍କ ଏହି ସଫଳତା ଅନ୍ୟ କୃଷକ ତଥା ଯୁବ ଉଦ୍ୟମୀଙ୍କୁ କୃଷି-ଉଦ୍ୟୋଗ ପ୍ରତି ଆକୃଷ୍ଟ କରିବା ସହ ୨୦ରୁ ଉର୍ଦ୍ଧ୍ୱ ସ୍ଥାନୀୟ କୃଷି ଶ୍ରମିକଙ୍କୁ ରୋଜଗାର ଯୋଗାଉଛି । ତାଙ୍କ ସମ୍ପର୍କୀୟ ଭଉଣୀ ମଧ୍ୟ ବରଗଡ଼ ଠାରେ ଆଉ ଏକ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଥିବା ବେଳେ, ବରଗଡ଼ ବ୍ଲକ ଉଲୁବା ଗ୍ରାମର ଜଣେ ଚାଷୀଙ୍କର ଆଉ ଗୋଟିଏ ୫୦୦୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣାଧୀନ ରହିଛି । ଏତଦ୍‌ବ୍ୟତୀତ ଭେଡ଼େନ୍ ବ୍ଲକ ଅନ୍ତର୍ଗତ କୁଦୋପାଲି ଗ୍ରାମର ଆଉ ଜଣେ ମହିଳା ଉଦ୍ୟୋଗୀ ଗୁଡ଼ି ଅଗ୍ରୱାଲ୍‌ଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୭୦୦୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ ନିମନ୍ତେ ବରଗଡ଼ ଉଦ୍ୟାନକୃଷି ବିଭଗ ତରଫରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ତଥା ସରକାରୀ ସହାୟତା ଏବଂ ଉଦ୍ୟାନକୃଷି ବିଭାଗର ସହଯୋଗ ତଥା ଉପଯୁକ୍ତ ବଜାର ସଂଯୋଗ ଦ୍ୱାରା ଗ୍ରାମୀଣ ଅର୍ଥନୀତିକୁ କିଭଳି ନୂତନ ଦିଗ ଦିଆଯାଇପାରେ ତାହା ସାଇ କ୍ରୀଷ୍ଣା ପ୍ରମାଣିତ କରି ଦେଖାଇଛନ୍ତି । ସାଇଙ୍କର ଏହି ଯାତ୍ରା ଆଜିର ଯୁବ ପିଢ଼ି ପାଇଁ ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ହେବା ସହ ବରଗଡ଼ରେ କୃଷି ଉଦ୍ୟୋଗକୁ ନୂତନ ଗତି ଦେଇପାରିଛି ।

# ଦେଢ଼ ମାସରେ ଦ୍ୱିତୀୟ ଥର ପାଇଁ ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ

## ଲକ୍ଷ୍ମୀ ମିତ୍ତଲ ଏବଂ ଆଦର ପୁନାୱାଲା ହେଲେ ନୂତନ ମାଲିକ



**ନୂଆଦିଲ୍ଲୀ**

ଚାଲିଛି ଆଇପିଏଲ୍ ୨୦୨୬। କ୍ରିକେଟ ମୈଦାନରେ ଛକା-ଚୌକାର ବର୍ଷା ଦେଖିବାକୁ ମିଳୁଛି। ସେଭଳି ଅନ୍ୟପକ୍ଷେ ଏଥିରେ ଭାଗ ନେଇଥିବା ଟିମ୍ କିଣା ବିକା ଜୋରଦାର ଭାବରେ ଚାଲିଛି। ରାଜସ୍ଥାନ ରୟାଲ୍ସ ଟିମକୁ ନୂଆ ମାଲିକ ମିଳିଯାଇଛି। ଭାରତୀୟ ବଂଶୋଦ୍ଭବ ଅରବପତି ଓ ଷ୍ଟିଲ୍ କିଙ୍ଗ ନାମରେ ପରିଚିତ ଲକ୍ଷ୍ମୀ ମିତ୍ତଲ ପରିବାର ରାଜସ୍ଥାନ ରୟାଲ୍ସକୁ କିଣିଛନ୍ତି। ଏଥିପାଇଁ ସେ ୧.୬୫ ବିଲିୟନ ଡଲାର ବା ପ୍ରାୟ ୧୫,୬୬୦ କୋଟି ଟଙ୍କାରେ ଡିଲ୍ କରିଛନ୍ତି।

ଏହି ଘୋଷଣା ସମସ୍ତଙ୍କୁ ଚକିତ କରିଛି। କାରଣ ପୂର୍ବରୁ ଆମେରିକୀୟ ବ୍ୟବସାୟୀ କାଲ୍ ସୋମାନୀଙ୍କ ନେତୃତ୍ୱରେ ମାଲିକାନା ଥିଲା। ଯେଉଁଥିରେ ରବ୍ ୱାଲ୍ଟନ୍ ଏବଂ ଫୋର୍ଡ ପରିବାରର ସଦସ୍ୟମାନେ ମଧ୍ୟ ସାମିଲ ଥିଲେ। ୨୦୦୮ରେ ପ୍ରଥମ ଆଇପିଏଲ୍ ଟାଇଟଲ୍ ଜିତିଥିବା ରାଜସ୍ଥାନ ରୟାଲ୍ସ ବର୍ତ୍ତମାନ ଆଇପିଏଲ୍ ୨୦୨୬ରେ ଉତ୍କୃଷ୍ଟ ଫର୍ମରେ ଅଛି ଏବଂ ପ୍ଲେଅଫ୍ ଆଡ଼କୁ ଅଗ୍ରସର ହେଉଛି, ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଚମକ ଜାରି ରହିଛି।

ବିଲେନିୟର ଲକ୍ଷ୍ମୀ ମିତ୍ତଲଙ୍କ ପରିବାର ଦେଶରେ ଭ୍ୟାକସିନ୍ କିଙ୍ଗ କୁହାଯାଉଥିବା ସୀରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାୱାଲାଙ୍କ ସହ ମିଶି ଏହି ଡିଲ୍ କରିଛନ୍ତି। ରିପୋର୍ଟ ଅନୁସାରେ, ଆଇପିଏଲ୍ ଟିମ୍ର ଡିଲ୍ ପୁରା ହେବାପରେ ମିତ୍ତଲ ପରିବାର ରାଜସ୍ଥାନ ରୟାଲ୍ସର ପ୍ରାୟ ୭୫% ଅଂଶଧନର ମାଲିକ ହେବେ, ଯେତେବେଳେ କି ଆଦର ପୁନାୱାଲା ପ୍ରାୟ ୧୮% ଅଂଶଧନ ରଖିବେ। ଅବଶିଷ୍ଟ ଅଂଶଧନ ଅନ୍ୟ ନିବେଶକଙ୍କ ପାଖରେ ରହିବ। ଲକ୍ଷ୍ମୀ ମିତ୍ତଲ, ଆଦିତ୍ୟ ମିତ୍ତଲ, ଭାନିଶା ମିତ୍ତଲ-ଭାଟିଆ, ଆଦର ପୁନାୱାଲା ଏବଂ ମନୋଜ ବଡାଲେ ରାଜସ୍ଥାନ ରୟାଲ୍ସର ବୋର୍ଡରେ ଯୋଗଦେବେ। ଆଦିତ୍ୟ ମିତ୍ତଲଙ୍କ ପୁଅ ହେଉଛନ୍ତି ଲକ୍ଷ୍ମୀ ମିତ୍ତଲ ଏବଂ ଝିଅ ହେଉଛନ୍ତି ଭାନିଶା ମିତ୍ତଲ-ଭାଟିଆ। ମନୋଜ ବଡାଲେ, ଯିଏ ଏପର୍ଯ୍ୟନ୍ତ ମୁଖ୍ୟ ମାଲିକ ଥିଲେ, ସେ ଦଳ ସହିତ ଜଡିତ ରହିବେ ଏବଂ ତାଙ୍କ ଅଭିଜ୍ଞତା ସହିତ ଫ୍ରାଞ୍ଚାଇଜ୍କୁ ମାର୍ଗଦର୍ଶନ କରିବେ।

ଏହି ଅଧିଗ୍ରହଣରେ ଦକ୍ଷିଣ ଆଫ୍ରିକାର ପାର୍ଲ ରୟାଲ୍ସ ଏବଂ କାରିବିଆନର ବାରବାଡୋସ ରୟାଲ୍ସ ମଧ୍ୟ ସାମିଲ ଅଛନ୍ତି। ତଥାପି, ଏହି ଡିଲ୍ କେବଳ ବିସିସିଆଇ, ସିସିଆଇ ଏବଂ ଆଇପିଏଲ ଗଭର୍ଣ୍ଣିଂ କାଉନସିଲରଙ୍କ ଅନୁମୋଦନ ପରେ ସମାପ୍ତ ହେବ, ଯାହା ୨୦୨୬ର ତୃତୀୟ ତ୍ରୟମାସରେ ଆଶା କରାଯାଉଛି। ଲକ୍ଷ୍ମୀ ମିତ୍ତଲଙ୍କ ରାଜସ୍ଥାନ ସହିତ ଏକ ବିଶେଷ ସମ୍ପର୍କ ଅଛି, କାରଣ ସେ ରାଜ୍ୟର ସାଦୁଲପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ଏହି କାରଣରୁ ଏହି ଚୁକ୍ତି ତାଙ୍କ ପାଇଁ ଭାବନାତ୍ମକ ଗୁରୁତ୍ୱ ରଖେ।

ରାଜସ୍ଥାନ ରୟାଲ୍ସ ଆଇପିଏଲର ପ୍ରାରମ୍ଭିକ ଟିମ୍ ମଧ୍ୟରୁ ଗୋଟିଏ ଥିଲା ଏବଂ ୨୦୦୮ରେ ପ୍ରଥମ ସିଜିନରେ ବିଜୟୀ ହୋଇଥିଲା। ଏହି ଡିଲକୁ ନେଇ ଲକ୍ଷ୍ମୀ କହିଛନ୍ତି, ଏହି ଇନଭେଷ୍ଟ ସହିତ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ରହିଛି। ମିତ୍ତଲ କହିଛନ୍ତି, 'ମୁଁ କ୍ରିକେଟକୁ ଭଲ ପାଏ ଏବଂ ମୋ ପରିବାର ରାଜସ୍ଥାନର, ତେଣୁ ମୁଁ ରାଜସ୍ଥାନ ରୟାଲ୍ସ ବ୍ୟତୀତ ଅନ୍ୟ କୌଣସି ଆଇପିଏଲ୍ ଦଳର ଅଂଶ ହେବାକୁ ଚାହିଁବି ନାହିଁ। ଅନେକ ମହାନ ଖେଳାଳି ରାଜସ୍ଥାନ ରୟାଲ୍ସ ଜର୍ସି ପିନ୍ଧିଛନ୍ତି, ଏବଂ ମୁଁ ଏହି ଟିମ୍ର ଅଂଶ ହେବାକୁ ଉତ୍ସୁକ ରହିଛି।' ସେରମ୍ ଇନଷ୍ଟିଚ୍ୟୁଟ୍ ସିଇଓ ଆଦର ପୁନାୱାଲା କହିଛନ୍ତି, ସେ ଏହି ଚୁକ୍ତିରେ ଖୁସି, ରାଜସ୍ଥାନ ରୟାଲ୍ସ ଏକ ଦୃଢ଼ ଐତିହ୍ୟ ସହିତ ଏକ ପ୍ରମୁଖ ଆଇପିଏଲ୍ ଫ୍ରାଞ୍ଚାଇଜ୍।

# ହାଇଦ୍ରାବାଦ୍କୁ ୭ ୱିକେଟ୍ରେ ହରାଇଲା କୋଲକାତା

**ହାଇଦ୍ରାବାଦ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୪୫ତମ ମ୍ୟାଚ୍କୁ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କୋଲକାତା ନାଇଟ୍ ରାଇଡର୍ସ ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬୬ ରନ୍ର ବିଜୟ ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା। ଦଳ ୧୮.୨ ଓଭରରେ ୩ ୱିକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଛି।



କୋଲକାତା ପାଇଁ ଅଙ୍ଗକ୍ରିଶ ରଘୁବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୭ଟି ବଲ୍ ଖେଳି ୫୯ ରନ୍ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ଏହା ପୂର୍ବରୁ ପ୍ରାରମ୍ଭିକ ବ୍ୟାଟର ଅଧିନାୟକ ଆଜିଙ୍କ୍ୟ ରହାଣେ ଏବଂ ଫିନ୍ ଆଲେନ ପ୍ରଥମ ୱିକେଟ୍ ପାଇଁ ୪୯ ରନ୍ର ଭାଗିଦାରୀ କରିଥିଲେ। ଆଲେନ୍ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୨୯ ରନ୍ ସଂଗ୍ରହ କରିଥିଲେ।

କୋଲକାତା ନିଜର ସ୍କୋର ୧୩୩ ରନରେ ରହାଣେଙ୍କୁ ହରାଇଥିଲା। ରହାଣେ ୩୬ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ।

ଟସ୍ ଜିଣି ଘରୋଇ ହାଇଦ୍ରାବାଦ ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦରେ କୋଲକାତା ସଫଳ ରଣନୀତି ନେଇ ବୋଲିଂ କରିଥିଲା। ବରୁଣ ଚକ୍ରବର୍ତ୍ତୀ ଦଳ ପାଇଁ ସର୍ବାଧିକ ୩ଟି ୱିକେଟ ନେଇଥିଲେ। ସେ ୪ଓଭର ବୋଲିଂ ଖର୍ଚ୍ଚ କରି ୩୬ ରନ୍ ଦେଇଥିଲେ। ସୁନୀଲ ନାରାୟଣ ଏବଂ କାର୍ତ୍ତିକ ତ୍ୟାଗୀ ୨-୨ଟି ୱିକେଟ୍ ଅକ୍ତିଆର କରିଥିଲେ। ବୈଭବ ଅରୋରା, କେମରନ ଗ୍ରିନ ଏବଂ ଅନୁକୂଳ ରୟଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ହାଇଦ୍ରାବାଦର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ଏପରିକି ଦଳ ୧୦ ଓଭର ପରିସମାପ୍ତି ପରେ ୨ଟି ୱିକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଆଶା କରାଯାଉଥିଲା ଯେ, ସ୍କୋର ୨୦୦ ରନ୍ ଅତିକ୍ରମ କରିବ। କିନ୍ତୁ ପରବର୍ତ୍ତୀ ସମୟରେ ଦଳର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଟ୍ରାଭିସ ହେଡ୍ ଏବଂ ଇଶାନ କିଶନଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। କୋଲକାତାର ବୋଲରମାନଙ୍କ ଆଗରେ ହାଇଦ୍ରାବାଦର ବୋଲରମାନେ ଜଣକ ପରେ ଜଣେ ଆତ୍ମସମର୍ପଣ କରୁଥିଲେ।

ଟ୍ରାଭିସ୍ ହେଡ୍ ବ୍ୟକ୍ତିଗତ ଭାବେ ୬୧ ରନ୍ ସଂଗ୍ରହ କରିଥିଲେ। ସେ ନିଜ ଇନିସରେ ୨୮ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ଇଶାନ କିଶନ ୨୯ଟି ବଲ୍ ଖେଳି ୪୨ ରନ୍ ଯୋଡ଼ିଥିଲେ। ସେ ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ୧୫ ରନ୍ କରିଥିଲେ। ବିସ୍ଫୋରକ ବ୍ୟାଟର ହେନରି କ୍ଲାସେଁ ୧୧ ରନ୍ ଏବଂ ପେଟ୍ କମିନ୍ସ ୧୦ ରନ୍ କରିଥିଲେ।

## ଇଣ୍ଡିଆନ୍ ଇନ୍ଡୋର ଓପନ୍ : କୁଲଦୀପଙ୍କ ରେକର୍ଡ

**ଭୁବନେଶ୍ୱର**

କଳିଙ୍ଗ ଇନ୍ଡୋର ଷ୍ଟାଡିୟମ୍ରେ ପ୍ରଥମ ସଂସ୍କରଣ ଇଣ୍ଡିଆନ୍ ଇନ୍ଡୋର ଓପନ୍ କମ୍ବାଇନଡ ଇଭେଣ୍ଟ୍ ଏବଂ ପୋଲ୍ଭ ଭଲ୍ଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପୁରୁଷ ପୋଲ୍ ଭଲ୍ଟରେ ନୂଆ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶର ୨୧ ବର୍ଷୀୟ କୁଲଦୀପ କୁମାର ୫.୪୧ ମିଟର ଉଚ୍ଚତାର ବାର୍ ଅତିକ୍ରମ କରି ଏହି ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ତାମିଲନାଡୁର ଜି ରିଗାନ୍ (୫.୩୦ ମିଟର)ଙ୍କ ନାମରେ ଥିଲା।

ରେକର୍ଡ କରିବା ପରେ କୁଲଦୀପ ୫.୪୬ ମିଟର ଉଚ୍ଚତାକୁ ୩ ଥର ପ୍ରୟାସ କରିବା ପରେ ବିଫଳ ହୋଇଥିଲେ। ତେବେ ପ୍ରଥମ ଥର ଇନ୍ଡୋର ମିଟ୍ରେ ଭାଗ ନେଇ କୁଲଦୀପ ସଫଳ ହୋଇଛନ୍ତି। 'ଭୁବନେଶ୍ୱରର ମୋଣ୍ଡୋ ଟ୍ରାକ୍ରେ ଆହ୍ୱାନ ସତ୍ତ୍ୱେ ଅଭିଜ୍ଞତା ଭଲ ରହିଲା' ବୋଲି କୁଲଦୀପ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ହେପ୍ଟାଥଲନ୍ ଇଭେଣ୍ଟ ଅନୁଷ୍ଠିତ ହୋଇଛି। ଓଡ଼ିଶାର ଯଶବୀର ନାୟକ ୨୯୨୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୬୦ ମିଟର, ଲଙ୍ଗ ଜମ୍ପ, ସଟ୍ପୁଟ୍ ଓ ହାଇଜମ୍ପ ଶେଷ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ୬୦ ମିଟର ବାଧାଦୌଡ଼, ପୋଲ୍ଭ ଭଲ୍ଟ ଓ ୧୦୦୦ ମିଟର ଇଭେଣ୍ଟ ଖେଳାଯିବ।

# ଗାଦିଗୋସାଇଁ ପ୍ରିମିୟର ଲିଗ୍ ଉଦ୍ଯାପିତ




**ଜଗତସିଂହପୁର, ନ୍ୟୁଜ୍ବ୍ୟୁରୋ**

ଜଗତସିଂହପୁର ବ୍ଲକ ତରଡ଼ାପଡ଼ା ପଞ୍ଚାୟତ କୂଳସାହିରେ ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍ ତଥା ଗାଦି ଗୋସ୍ୱାଇଁ ପ୍ରିମିୟର ଲିଗ୍ ସିଜନ୍ ୪ ଉଦ୍ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ଦଶବାଟିଆର ଷ୍ଟାଣ୍ଡାର୍ଡ଼ ଏକାଦଶ ଓ ଜଗତସିଂହପୁରର ବ୍ରଦର୍ସ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଫଳରେ ମ୍ୟାଚ୍ରେ ମୁହାଁମୁହିଁ ହୋଇଥିଲେ ଜଗତସିଂହପୁର ବ୍ରଦର୍ସ ଏକାଦଶ ଓ ବାଲିକୁଦାର ଏମକେସିସି ଏକାଦଶ। ଏଥିରେ ବାଜିମାତ୍ ସହ ଚାମ୍ପିଅନ ହୋଇଛନ୍ତି ଏମକେସିସି ଦଳ। ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଉଦ୍ଯାପନୀ ଉତ୍ସବରେ ପୂର୍ବତନ ପୌରାଧ୍ୟକ୍ଷ ଶ୍ରୀ ସାହୁ ମୁଖ୍ୟ ଅତିଥି ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ଶ୍ରୀଧର ସାହୁ, ସଙ୍ଗୀତ ଗୁରୁ ବିରଞ୍ଚି ନାରାୟଣ ବେହେରା, ପୂର୍ବତନ ନୌସେନା କର୍ମଚାରୀ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଟିପୁ, ଦିପୁନା, ସନ୍ତୋଷ ରୋଶନ, ଟୁନୁ, ପୁପୁ, ହୁଣ୍ଟୁ, ବିକାଶ ସୁରିୟା, ଲିକୁନ୍, ଗୁଗୁ, ଓମ୍, ବିବେକ, ସୋମ, ପ୍ରମୁଖ ଟୁର୍ଣ୍ଣା ମେଣ୍ଟକୁ ଆୟୋଜନ ସହ ପରିଚାଳନା କରିଥିଲେ।

# ପଞ୍ଚମ ସଂସ୍କରଣ ହକି ପ୍ରତିଯୋଗିତା ଜୁନିଅର ବାଳକ ବିଭାଗ : ଦ୍ୱିତୀୟ ରାଉଣ୍ଡରେ ମୟୂରଭଞ୍ଜ ଦଳ

**ବାରିପଦା, ନ୍ୟୁଜ୍ବ୍ୟୁରୋ**

ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଆସୋସିଏସନ ଓଡ଼ିଶା ଦ୍ୱାରା ଆୟୋଜିତ ପଞ୍ଚମ ସଂସ୍କରଣ ହକି ପ୍ରତିଯୋଗିତାର ଜୁନିଅର ବାଳକ ବିଭାଗରେ ମୟୂରଭଞ୍ଜ ଜିଲ୍ଲା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ମୋରଡା ବ୍ଲକ ଅଧୀନସ୍ଥ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହକି ଗ୍ରାସରୁଟ୍ସ ସେଣ୍ଟର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛି।



ଉକ୍ତ ପ୍ରତିଯୋଗିତାର ଏକ ରୋମାଞ୍ଚକର ମ୍ୟାଚ୍ରେ ମୟୂରଭଞ୍ଜ ଦଳ ଝାରସୁଗୁଡ଼ା ଜିଲ୍ଲାକୁ ୩-୦ ଗୋଲ୍ରେ ପରାଜିତ କରି ଦ୍ୱିତୀୟ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଛି। ମ୍ୟାଚ୍ ଆରମ୍ଭରୁ ମୟୂରଭଞ୍ଜ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରୁ ହିଁ ନିଜର ଦବ୍ଦବା ଜାହିର୍ କରିଥିଲା। ଦଳର ଖେଳାଳିମାନେ ସୁନିୟୋଜିତ ଭାବେ ପାସିଂ, ଦୃଢ଼ ରକ୍ଷା ବ୍ୟବସ୍ଥା ଓ ଶୀଘ୍ର ତଥା ତତକ୍ଷଣାତ୍ ଆକ୍ରମଣ ମାଧ୍ୟମରେ ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲେ। ଦଳ ପକ୍ଷରୁ ରାଜେନ ଟୁଡୁ ଦୁଇଟି ଚମତ୍କାର ଗୋଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ସେହିପରି ଘାସିରାମ ହେମ୍ବ୍ରମ ମଧ୍ୟ ଗୋଟିଏ ସୁନ୍ଦର ଗୋଲ କରି ଦଳର ସ୍କୋରକୁ ଆଗକୁ ବଢ଼ାଇ ବିଜୟ ସୁନିଶ୍ଚିତ କରିଥିଲେ। ଦଳର ଗୋଲରକ୍ଷକ ଓ ରକ୍ଷା ପଂକ୍ତିର ଖେଳାଳିମାନେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିପକ୍ଷଙ୍କୁ କୌଣସି ଗୋଲ କରିବାର ସୁଯୋଗ ଦେଇନଥିବାରୁ ଦଳ ଚମତ୍କାର ବିଜୟ ପ୍ରାପ୍ତ କରିଛି।

ଏଠାରେ ଉଲ୍ଲେଖଥାଉକି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହି ହକି ଗ୍ରାସରୁଟ୍ସ ସେଣ୍ଟରଟି ସଫଳତାର ସହିତ ପରିଚାଳିତ ହେଉଛି। ଏହି ଅବସରରେ ଡଃ ନାୟକ କହିଛନ୍ତି ଯେ, ଏହିପରି ସଫଳତା ଜିଲ୍ଲାର ଗ୍ରାମୀଣ ଅଞ୍ଚଳରେ ଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରୁଛି। ସେ ଏହି ସଫଳତା ପାଇଁ ସମସ୍ତ ଖେଳାଳି, କୋଚ ଡେଭିଡ୍ ସୋରେଙ୍ଗ ଓ ସମସ୍ତ ସହଯୋଗୀ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତତସହିତ, ସେ ଦଳକୁ ଆଗାମୀ ମ୍ୟାଚ୍ଗୁଡ଼ିକ ପାଇଁ ଅଧିକ ସଚେତନ ଓ ସୁଚିନ୍ତିତ ରଣନୀତି ଗଠନ କରି ଖେଳିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଏହି ଦଳ ଆଗାମୀ ରାଉଣ୍ଡଗୁଡିକରେ ମଧ୍ୟ ଏହିପରି ଦୃଢ଼ ପ୍ରଦର୍ଶନ ଜାରି ରଖି ଜିଲ୍ଲା ପାଇଁ ଆହୁରି ଗୌରବ ଆଣିବ ଡଃ ନାୟକ ଆଶାବ୍ୟକ୍ତ କରିଛନ୍ତି।

# ମୁଁ ୬ ପୀଡ଼ିତାଙ୍କ ମଧ୍ୟରୁ ଜଣେ : ଫୋଗଟ

**ନୂଆଦିଲ୍ଲୀ**



ପୁଣି ଫେରିଛି ବ୍ରିଜଭୂଷଣ ସିଂହ ଓ ଭିନେଶ ଫୋଗଟ ବିବାଦ। ଶେଷରେ ମୁହଁ ଖୋଲିଛନ୍ତି ଅଲିମ୍ପିଆନ୍ ଭିନେଶ ଫୋଗଟ। ବ୍ରିଜଭୂଷଣଙ୍କ ନାମରେ ୨୦୨୩ ମସିହା ପ୍ରାରମ୍ଭରେ ୬ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହି ମାମଲା ଏବେ ଆଦାଲତରେ ବିଚାରାଧୀନ ରହିଛି। ଭିନେଶ ଫୋଗଟ କିନ୍ତୁ ରବିବାର ଖୋଲାଖୋଲି କହିଛନ୍ତି 'ପୀଡ଼ିତା ୬ ଜଣଙ୍କ ମଧ୍ୟରୁ ମୁଁ ଜଣେ। ମହିଳାଙ୍କ ସମ୍ମାନ ଯୋଡ଼ି ହୋଇଥିବାରୁ ପୀଡ଼ିତାଙ୍କ ନାମ ଘୋଷଣା କରାଯିବା ଉପରେ ଉଚ୍ଚତମ ନ୍ୟାୟାଳୟଙ୍କ କଟକଣା ରହିଛି। କିନ୍ତୁ ପରିସ୍ଥିତି ଏଭଳି ହୋଇଛି ଯେ ମୋତେ ଖୋଲାଖୋଲି କହିବାକୁ ପଡୁଛି।' ଏକ ଭିଡିଓ ବାର୍ତ୍ତା ଜାରି କରି ଭିନେଶ କହିଛନ୍ତି 'ମାମଲା ଅଦାଲତାରେ ଥିବାରୁ ମୁଁ ନିରବ ରହିଥିଲି। କିନ୍ତୁ ପରିସ୍ଥିତି ଭିନ୍ନ ହେବାରୁ ମୁଁ ମୁହଁ ଖୋଲୁଛି। ଦୀର୍ଘ ୧୮ ମାସ ପରେ ମୁଁ କୁସ୍ତିକୁ ଫେରିବାକୁ ଯାଉଛି।'

ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବାକୁ ଥିବା ଜାତୀୟ ମାନ୍ୟତା ପ୍ରତିଯୋଗିତା ଏବଂ ଟ୍ରାଏଲ୍ସର ପାତର ଅନ୍ତର କରାଯିବା ନିଶ୍ଚିତ। ଏହା ବ୍ରିଭଜୂଷଣଙ୍କ କଲେଜ ପରିସର ହୋଇଥିବାରୁ ଅଫିସିଆଲ୍ମାନେ ଯାହା ଇଚ୍ଛା କରିବେ। ପ୍ରତିଯୋଗିତା ପରିଚାଳନାରେ ସ୍ୱଚ୍ଛତାକୁ ନେଇ ଫୋଗଟ ପ୍ରଶ୍ନ କରିଛନ୍ତି। 'କିଛି ଅଘଟଣ ଘଟିଲେ ଭାରତ ସରକାର ଦାୟୀ ରହିବେ। ମୁଁ କାହାରିଠାରୁ ଅନୁକମ୍ପା ଆଶା କରୁନାହୁଁ। ପ୍ରତିଯୋଗିତା ଯେଉଁଠି ହେଉଛି ସେଠାରେ ସ୍ୱଚ୍ଛତା ଆଶା କରାଯାଇପାରିବ ନାହିଁ। କାରଣ ସେଠାରେ ବ୍ରିଜଭୂଷଣଙ୍କ ପ୍ରଭାବ ରହିଛି। ପରିବେଶ ଏଭଳି ରହିଛି ଯେ, ମୁଁ ମଧ୍ୟ ନିଜର ୧୦୦ ପ୍ରତିଶତ ଦେବା ନେଇ ସନ୍ଦେହ ରହୁଛି। କାରଣ ସେଠାରେ ବ୍ରିଜଭୂଷଣ ମ୍ୟାଟ୍ ଅଧ୍ୟକ୍ଷ ଭଳି ହାଜର ରହିବେ।' ଭିନେଶ ମଧ୍ୟ ଦେଶ ପାଇଁ ପୁଣି ପଦକ ଜିତିବାକୁ ଆଗ୍ରହୀ ଅଛନ୍ତି।

'ମୁଁ କୌଣସି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁନାହିଁ। ମ୍ୟାଟ୍ ଉପରେ କଠିନ ପରିଶ୍ରମ କରୁଥିବା ଖେଳାଳିଙ୍କ ପ୍ରଦର୍ଶନ ଫଳାଫଳରେ ପ୍ରତିଫଳିତ ହେଉ' ବୋଲି ଭିନେଶ ପ୍ରକାଶ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭିନେଶ ମାତ୍ରାଧିକ ଓଜନ ପାଇଁ ଅଯୋଗ୍ୟ ଘୋଷିତ ହେବାରୁ ଅନ୍ୟୂନ ରୌପ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିବା ପରେ ଭିନେଶ ଷଡ଼ଯନ୍ତ୍ର ଅଭିଯୋଗ ଆଣିଥିଲେ। ଏହା ପରେ ଭିନେଶ ଅବସର ଘୋଷଣା କରିଥିଲେ ମଧ୍ୟ ଏବେ ପ୍ରତ୍ୟାବର୍ତ୍ତନ ପ୍ରୟାସରେ ରହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ କୁସ୍ତି ସଂଘର ସଭାପତି ବ୍ରିଜଭୂଷଣ ସିଂହ ୬ ଥର ସାଂସଦ ଥିଲେ। ଏହି ବିବାଦ ପରେ ଉଭୟ ପଦ ସେ ହରାଇଥିଲେ। ଗତ ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକେଟ୍ ଦେଇନଥିଲା। ତେବେ କୁସ୍ତି ସଂଘ ନିର୍ବାଚନରେ ତାଙ୍କ ସମର୍ଥିତ ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ ବ୍ରିଜଭୂଷଣଙ୍କ ନାମରେ ଯୌନ ନିର୍ଯ୍ୟାତନା ଆଣିଥିବା କୁସ୍ତିଯୋଦ୍ଧାଙ୍କ ନେତୃତ୍ୱ ନେଇଥିଲେ ଫୋଗଟ। ଫୋଗଟ ମଧ୍ୟ ଗତ ହରିୟାଣ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତିରେ ଯୋଗଦେଇ କଂଗ୍ରେସ ଟିକେଟ୍ରେ ବିଜୟୀ ହୋଇଛନ୍ତି।

# ଦେବୀପ୍ରିୟା ବାରିକ ହେଲେ ନବରଙ୍ଗପୁର ଜିଲ୍ଲା ଟପ୍ପର

**ରାଇଘର, ନ୍ୟୁଜ୍ବ୍ୟୁରୋ**



ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ନବରଙ୍ଗପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ରାଇଘର ବ୍ଲକ ଅନ୍ତର୍ଗତ ଯୋଡ଼ିଙ୍ଗା ସଂଯୁକ୍ତା ଅର୍ଦ୍ଧ ସରକାରୀ ବିଦ୍ୟାଳୟର ଛାତ୍ରୀ ଦେବୀ ପ୍ରିୟା ବାରିକ ଚମତ୍କାର ପ୍ରଦର୍ଶନ କରି ନବରଙ୍ଗପୁର ଜିଲ୍ଲା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଦେବୀ ପ୍ରିୟା ମୋଟ ୬୦୦ ନମ୍ବରରୁ ୫୫୧ ନମ୍ବର ରଖିଛନ୍ତି। ଯାହାର ଶତକଡ଼ା ହାର ୯୧.୮୩%। ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ଜିଲ୍ଲା ତଥା ତାଙ୍କ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି। ସରକାରୀ ବିଦ୍ୟାଳୟରେ ପଢ଼ି ଜଣେ ଛାତ୍ରୀ ଜିଲ୍ଲାସ୍ତରରେ ଶୀର୍ଷସ୍ଥାନ ଅଧିକାର କରିବା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିଛି। ଦେବୀ ପ୍ରିୟାଙ୍କ ଏହି କୃତିତ୍ୱ ପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କ ପରିଶ୍ରମକୁ ଉଚ୍ଚପ୍ରଶଂସା କରିଛନ୍ତି। ନିଜର ସଫଳତା ପାଇଁ ଦେବୀ ପ୍ରିୟା ତାଙ୍କ ପିତାମାତା ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି।

# ଝଡ଼ ତୋଫାନରେ ବ୍ୟାପକ କ୍ଷୟକ୍ଷତି

**ଧର୍ମଶାଳା, ନ୍ୟୁଜ୍ବ୍ୟୁରୋ**

ଶନିବାର ଅପରାହ୍ନ ଓ ରାତିରେ ଲଗାତର ଝଡ଼ତୋଫାନ ହେବାରୁ ଧର୍ମଶାଳା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ଜଳଯୋଗାଣ ବନ୍ଦ ହୋଇଯାଇଥିଲା। ବହୁ ଘର ଉପରେ ଗଛପଡ଼ି ଘର ସବୁ ଭାଙ୍ଗିଯାଇଥିବା ଜଣାପଡ଼ିଛି। ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ ବହୁ ଅସୁବିଧା ହୋଇଥିଲା।



# ପୁନର୍ବାସ ପକ୍ଷରୁ 'ଭିନ୍ନକ୍ଷମ ଅଧ୍ୟୟନ' ପ୍ରଶିକ୍ଷଣ ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ବ୍ୟୁରୋ**

ନୂତନ ଶିକ୍ଷା ଆଇନ -୨୦୨୦ ଅନ୍ତର୍ଗତ ଯୁକ୍ତ ତିନି ଚତୁର୍ଥ ସେମିଷ୍ଟାର ନିମନ୍ତେ ରହିଥିବା ଇଣ୍ଟର୍ନସିପ୍ ନିମନ୍ତେ ପୁନର୍ବାସ ପକ୍ଷରୁ 'ଭିନ୍ନକ୍ଷମତା ଅଧ୍ୟୟନ' ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଚଳିତବର୍ଷ କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ଇଂରାଜୀ, ଓଡ଼ିଆ ତଥା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନେ ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଭିନ୍ନକ୍ଷମତା ସମ୍ପର୍କିତ ଏକ ସଚେତନତାତ୍ମକ ଅବଧାରଣା ନିମନ୍ତେ ଏହି ଷାଠିଏ ଘଣ୍ଟା ସଂକ୍ଷିପ୍ତ ଅବଧିର କାର୍ଯ୍ୟସୂଚୀ ମଧ୍ୟରେ ଭିନ୍ନକ୍ଷମତା ସମ୍ପର୍କିତ ସୂଚନା, ତଥ୍ୟ, ପ୍ରକାର ଓ ଆଇନଗତ ଦିଗଗୁଡ଼ିକ ସମ୍ପର୍କରେ ବିଷୟଗତ ଶିକ୍ଷାଦାନ ସହିତ ଅତିଥି ବିଶେଷଜ୍ଞମାନଙ୍କୁ ମଧ୍ୟ ଆମନ୍ତ୍ରଣ କରା ଯାଉଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭିନ୍ନକ୍ଷମତାକୁ ନେଇ ଏକ ସକାରାତ୍ମକ ବଳିଷ୍ଠ ଧାରଣା ତିଆରି ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ସଫଳ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ମାନଙ୍କୁ ମଧ୍ୟ ଆମନ୍ତ୍ରଣ କରା ଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ାରେ ଜନ୍ମିତ ସଫଳ ଜାତୀୟ ପାରାସନ୍ତରଣକାରୀ ତଥା ଆନ୍ତର୍ଜାତୀୟ ପାରାସେଲର୍ ମୋନାଲି ସ୍ୱାଇଁ ଯୋଗ ଦେଇ ନିଜର ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଉପସ୍ଥାପିତ କରିଥିଲେ। ଅପୂର୍ଣ୍ଣଶରୀର ଧରି ଜନ୍ମିତ ହେତୁ କିପରି ପରିବାର ଓ ସମାଜର ଦୃଷ୍ଟିକୋଣ ନକାରାତ୍ମକ ରହିଥିଲା ଓ କିପରି ସେ ସମାଜର ସେହି ମାନସିକତା ଓ ବିରୋଧକୁ ବେଖାତିର କରି ନିଜକୁ ସଫଳ ପ୍ରତିପାଦନ କରି ପାରିଛନ୍ତି, ତାହା ବର୍ଣ୍ଣନା କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ସହ ତାଙ୍କର ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହ ସମ୍ପାଦକ ବଂଶୀଧର ମହାନ୍ତି, ଇଣ୍ଟର୍ନସିପ୍ ପ୍ରୋଗ୍ରାମର ସହକାରୀ ପର୍ଶୁରାମ ତ୍ରିପାଠୀ ଓ କେଦାରନାଥ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଠକେଇ ମାମଲାରେ ଆପ ଜିଲ୍ଲା ସଭାପତି ପୃଥୀରାଜ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଆମ ଆଦମି ପାର୍ଟି (ଆପ୍)ର ସଭାପତି ପୃଥୀରାଜ ଜଗଦଲା (୨୬)ଙ୍କୁ ଠକେଇ ମାମଲାରେ ଗିରଫ କରିଛି ସୋନପୁର ପୋଲିସ। ଏ ନେଇ ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍ପି ନାରାୟଣ ନାୟକ। ସୂଚନାଯୋଗ୍ୟ ଯେ ସୋନପୁର ଥାନା କୀର୍ତ୍ତିପୁର ଗ୍ରାମର ସରୋଜ ଭେସ୍ରା ପୃଥୀରାଜଙ୍କ ନାମରେ ସୋନପୁର ଥାନାରେ ଏପ୍ରିଲ ୨୨ରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେଥିରେ ସରୋଜଙ୍କ ସ୍ତ୍ରୀଙ୍କୁ ପୋଷ୍ଟାଲ ଜିଡିଏସ୍ ଚାକିରି କରାଇ ଦେବା ପାଇଁ କହି କିସ୍ତି ହିସାବରେ ମୋଟ ୧ ଲକ୍ଷ ୫୫ ହଜାର ଟଙ୍କା ଠକି ନେଇଥିଲେ ଶ୍ରୀ ଜଗଦଲା। ପରେ ଏକ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ କିନ୍ତୁ ପରେ ସେ ଜାଣିବାକୁ ପାଇଲେ ଯେ ପୃଥୀରାଜ ଦେଇଥିବା ନିଯୁକ୍ତିପତ୍ର ନକଲି। ସରୋଜ ଟଙ୍କା ଫେରାଇ ଦେବା ପାଇଁ କହିବାରୁ ପୁଣି ପୃଥୀରାଜ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଆଟେଣ୍ଡାଣ୍ଟ ଚାକିରି କରାଇ ଦେବି କହି ଗୋଟିଏ ନିଯୁକ୍ତିପତ୍ର ଦେଇ ଥିଲେ। ପରେ ଅଭିଯୋଗକାରୀ ଜାଣିବାକୁ ପାଇଲେ ଯେ ଉକ୍ତ ନିଯୁକ୍ତି ପତ୍ରଟି ମଧ୍ୟ ନକଲି ଓ ପରବର୍ତ୍ତୀ ସମୟରେ ପୁଣି ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଗୃହରକ୍ଷୀ ଭାବେ ଚାକିରି କରାଇଦେବି କହି ନଗଦ ଟଙ୍କା, ବ୍ୟାଙ୍କ ମାଧ୍ୟମରେ ଏବଂ ୟୁପିଆଇ ଇତ୍ୟାଦି ମାଧ୍ୟମରେ ସରୋଜ ଦେଇଥିବା ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସୋନପୁର ଥାନାରେ ୧୪୩/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ସମୟରେ ପୃଥୀରାଜ ଆକାଉଣ୍ଟରେ ଓ ଫୋନ ପେ' ଜରିଆରେ ଟଙ୍କା ନେଇଥିବାର ପ୍ରମାଣ ମିଳିଥିଲା। ପରେ ସୋନପୁର ପୋଲିସ ଟିମ୍ ପୃଥୀରାଜଙ୍କୁ ବୀରମହାରାଜପୁର ବ୍ଲକ କଳାପଥର ସ୍ଥିତ ଘରୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ସୋନପୁର ସବ୍ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ତାଙ୍କ ନାମରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଥାନାରେ ୬ ଗୋଟି ମାମଲା ରହିଥିବା ବେଳେ ଜିଲ୍ଲା ବାହାରେ ମଧ୍ୟ ପୃଥୀରାଜଙ୍କ ନାମରେ ଅନେକ ଠକେଇ ମାମଲା ଥିବା ଏସ୍ପି ନାରାୟଣ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଗେଟ୍ୱେ ଓଡ଼ିଶା ସାହିତ୍ୟ ସମାରୋହ-୨୦୨୬

# ଯଶ ଲାଳସାର ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟିକମାନେ ସର୍ଜନାରେ ମଗ୍ନ ରହିବା ଉଚିତ

**ଭୁବନେଶ୍ୱର, ନ୍ୟୁଜ୍ବ୍ୟୁରୋ**


ଯଶ ଲାଳସା ସାହିତ୍ୟରେ ବାଧକ ସାଜେ। ଏଥିରୁ ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟିକମାନେ ସର୍ଜନାରେ ମଗ୍ନ ରହିବା ଉଚିତ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାରୁତି ମିଡିଆ ପକ୍ଷରୁ ରବିବାର ମିଳିତ ଭାବେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ 'ଗେଟ୍ୱେ ଓଡ଼ିଶା ସାହିତ୍ୟ ସମାରୋହ - ୨୦୨୬'ରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ମତ ପୋଷଣ କରିଛନ୍ତି।




ଆଇଆରସି ଭିଲେଜସ୍ଥିତ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍) ପରିସରରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ୟୁସିସିଆଇଏଲ୍ ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ଉଦ୍ଘାଟକ ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ କବି ତଥା ଭାରତ ସରକାରଙ୍କ ପତ୍ର ସୂଚନା ବ୍ୟୁରୋ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସମ୍ମାନିତ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମାରୁତି ମିଡିଆ ନିର୍ଦ୍ଦେଶକ ମନୋଜ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମାରୁତି ମିଡିଆ ସମ୍ପାଦକ ଦିଲୀପ ମିଶ୍ର ପତ୍ରିକା ଓ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଉପଦେଷ୍ଟା କମଳାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, ପ୍ରାବନ୍ଧିକ ଭାସ୍କର ପରିଚ୍ଛା, ଗାଳ୍ପିକା ହିରଣ୍ମୟୀ ମିଶ୍ର ଓ ମୌସୁମୀ ଦାସ୍, କବି ଡକ୍ଟର ଗଣେଶ୍ୱର ଜେନା, ଔପନ୍ୟାସିକା ମନୋରମା ସାହୁ ଏବଂ ପ୍ରାବନ୍ଧିକା ପ୍ରୀତିଛନ୍ଦା ଧଳଙ୍କୁ 'ଗେଟ୍ୱେ ଓଡ଼ିଶା ସାହିତ୍ୟ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ପତ୍ରିକାର ନିୟମିତ ଲେଖକ ପ୍ରଫେସର ଡକ୍ଟର ମୃଣାଳ ଚାଟାର୍ଜୀ, ପ୍ରଦୀପ ପ୍ରମାଣିକ, ଅରୁଣ କୁମାର ନାୟକ, ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ଅନସୂୟା ପଣ୍ଡାଙ୍କୁ 'ଗେଟ୍ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଶିଷ୍ଟ ଶିଳ୍ପପତି ସୁନୀଲ ରାଉତ ଓ ପବିତ୍ର ରାଉତରାୟଙ୍କୁ 'ଗେଟ୍ୱେ ଓଡ଼ିଶା ପ୍ରିୟ ବନ୍ଧୁ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା।

ପରେପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଶିଷ୍ଟ କବି ତଥା ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସଭାପତି ସୂର୍ଯ୍ୟ ମିଶ୍ର ସଭାପତି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ କବି ସୁବ୍ରତ କୁମାର ସେନାପତି ସଂଯୋଜନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥି କବିମାନେ କବିତା ପାଠ କରିଥିଲେ ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ମାରୁତି ମିଡିଆ ନିର୍ଦ୍ଦେଶକ ମନୋଜ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।



# ଓମ୍‌ଫେଡ ଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିଜେଡିର ବିରୋଧ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓମଫେଡ ଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିଜୁ ଜନତା ଦଳ ପକ୍ଷରୁ ବିରୋଧ କରାଯାଇଛି । ରବିବାର ରାଜ୍ୟ ସରକାର ଓମ୍ଫେଡ୍ ଦୁଗ୍ଧ ପ୍ରତି ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି । ଯେଉଁଥିରେ ମାତ୍ର ୧ ଟଙ୍କା ଚାଷୀ ଉପକୃତ ହୋଇଥିଲା ବେଳେ ଆଉ ତିନି ଟଙ୍କା ସରକାର ଚାଲାଖି କରି ନିଜ ତହବିଲକୁ ନେଉଛନ୍ତି ବୋଲି ଅଭିଯୋଗ କରି କଡା ସମାଲୋଚନା କରିଛି ବିଜୁ ଜନତା ଦଳ । ରବିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି । ଡ. ମହାନ୍ତି କହିଛନ୍ତି, ସରକାର ଓମ୍ଫେଡ୍ ଦୁଗ୍ଧ ଲିଟର ପିଛା ୪ଟଙ୍କା ବୃଦ୍ଧି କରିଛନ୍ତି । ଏଥିରେ ମାତ୍ର ୧ ଟଙ୍କା ଦୁଗ୍ଧ ଚାଷୀମାନେ ଉପକୃତ ହୋଇଥିଲା ବେଳେ ଆଉ ୩ ଟଙ୍କା ରାଜ୍ୟ ସରକାର ଲାଭବାନ ହେଉଛନ୍ତି । ସରକାର ଚାଲାଖି କରି ଦୁଇ ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବର କାଗଜରେ ବିଜ୍ଞାପନ ପ୍ରକାଶ କରି ବାହାବା ନେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଆଜି ସରକାରଙ୍କ ଅସଲ ଉଦ୍ଦେଶ୍ୟ ସର୍ବସମ୍ମୁଖକୁ ଆସିଛି । ୧ ଟଙ୍କା ଚାଷୀଙ୍କୁ ଦେବା ବାହାନାରେ ୪ ଟଙ୍କା ସାଧାରଣ ଖାଉଟିଙ୍କୁ ଲୁଟିଛନ୍ତି । ସରକାର ବୃଦ୍ଧି କରିଥିବା ସମସ୍ତ ୪ ଟଙ୍କା ଦୁଗ୍ଧ ଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି । ଅନ୍ୟପଟେ ଗ୍ୟାସ୍ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅଣାୟତ୍ତ କରିସାରିଲାଣି । ବିଗତ ୬ ମାସରେ ୪ ଥର ଗ୍ୟାସ୍ ଦର ବୃଦ୍ଧି 'ବେଡି ଉପରେ କୋରଡା ମାଡ' ସଦୃଶ୍ୟ । ଏହା ଲୋକଙ୍କ ଦୈନନ୍ଦିନ ଜୀବନରେ ଆର୍ଥିକ ବୋଝ ବଢାଇବାରେ ଲାଗିଛି । ସେହିପରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ଓମ୍ଫେଡ୍ ଦର ବୃଦ୍ଧି ଓ ଗ୍ୟାସ ଦର ବୃଦ୍ଧି ଯୋଗୁ ସାଧାରଣ ଛାତ୍ରଟିଏ ଚା' କପ ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳିଖିଆ ଖାଉଥିଲା । କିନ୍ତୁ ଆଜି ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁ, ସାଧାରଣ ଛାତ୍ରଟିଏ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ, ନଚେତ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ ବିରୋଧ କରିବ ।

# ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ: ରାଜ୍ୟପାଳ

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**




ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ । ଏ ଦିଗରେ ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ଯାହା ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି କହିଛନ୍ତି । ରବିବାର ଦିନ ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏନଇପି ୨୦୨୦ ଭାରତର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏକ ସ୍ପଷ୍ଟ ମାର୍ଗଦର୍ଶକ । ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ । ଏହି କର୍ମଶାଳାକୁ ଏକ ସମୟୋପଯୋଗୀ ଏବଂ ଦୂରଦର୍ଶୀ ଉଦ୍ୟମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହା ଜାତୀୟ ପ୍ରଗତି ଏବଂ ମାନବିକ ବିକାଶର ଆଧାର ଭାବେ ଶିକ୍ଷାକୁ ସୁଦୃଢ଼ କରିବାରେ ସମଷ୍ଟିଗତ ପ୍ରତିବଦ୍ଧତାର ପ୍ରତିଫଳନ । ଭାରତ ଐତିହାସିକ ଭାବେ ସମଗ୍ର ବିଶ୍ୱରେ ଜ୍ଞାନ, ପ୍ରଜ୍ଞା ଏବଂ ବୌଦ୍ଧିକ ନେତୃତ୍ୱର କେନ୍ଦ୍ର ଥିଲା ଏବଂ ଗଣିତ, ଜ୍ୟୋତିର୍ବିଜ୍ଞାନ, ଚିକିତ୍ସା ଓ ସାହିତ୍ୟ କ୍ଷେତ୍ରରେ ପ୍ରଭୂତ ଅବଦାନ ରଖିଛି ।

କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତିବିଦ୍ୟା, ତଥ୍ୟ ବିଜ୍ଞାନ ଏବଂ ଡିଜିଟାଲ୍ ନବସୃଜନ ଦ୍ୱାରା ପରିଚାଳିତ ଦ୍ରୁତ ବିଶ୍ୱ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଜ୍ଞାନ ଅର୍ଥନୀତି ବର୍ତ୍ତମାନ ଆଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ଗ୍ରହଣୀୟତା ଏବଂ ଆନ୍ତଃବିଷୟିକ ଶିକ୍ଷାର ଆବଶ୍ୟକତା କରେ । ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକବିଂଶ ଶତାବ୍ଦୀର ଆବଶ୍ୟକତା ସହିତ ସମନ୍ୱିତ ଭାବରେ ପାରମ୍ପରିକ ଶିକ୍ଷା ପଦ୍ଧତିରୁ ଅଭିଜ୍ଞତାମୂଳକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ବହୁବିଧ ଶିକ୍ଷା ଆଡ଼କୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନର ସଂକେତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏହି ବିସ୍ତୃତ ଏବଂ ଭବିଷ୍ୟତମୁଖୀ ଶିକ୍ଷା ନୀତି ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ୨୦୨୪ ଅଗଷ୍ଟ ମାସରୁ ରାଜ୍ୟରେ ସକ୍ରିୟ ଭାବେ ଏନଇପି ୨୦୨୦ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ଏତଦବ୍ୟତୀତ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଉଚ୍ଚଶିକ୍ଷାରେ ପ୍ରମୁଖ ସଂସ୍କାର ଆଣିଛି । ଉଚ୍ଚଶିକ୍ଷାରେ ସମାନତାକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଶିକ୍ଷକ କ୍ୟାଡର ସଂରକ୍ଷଣ ଆଇନକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଦକ୍ଷତା ବିକାଶ, ଉଦ୍ୟମିତା ଏବଂ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ଯୁବପିଢ଼ିଙ୍କୁ କେବଳ ଚାକିରି ଖୋଜିବା ପାଇଁ ନୁହେଁ ବରଂ ନବସୃଜନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ ସଶକ୍ତ କରିବା ଉଚିତ । ଜାତୀୟ ଶିକ୍ଷା ନୀତି ୨୦୨୦କୁ ତୃଣମୂଳସ୍ତରରେ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମାଜର ସାମୂହିକ ପ୍ରୟାସ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

ବିଶ୍ୱବିଦ୍ୟାଳୟଗୁଡ଼ିକ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ଛାତ୍ରଛାତ୍ରୀଙ୍କ ଶକ୍ତି ଏବଂ ସମ୍ଭାବନାକୁ ସମାଜ ଏବଂ ଜାତୀୟ ବିକାଶ ପାଇଁ ନିୟୋଜିତ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କର୍ମଶାଳାରେ ଏନଇପି ୨୦୨୦ କାର୍ଯ୍ୟକାରିତା ପାଇଁ ସୁପାରିଶ ଏବଂ ଭବିଷ୍ୟତ କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ମଇ୨ ଓ ୩ ତାରିଖରେ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାର ଆଲୋଚନା ଉପରେ ରିପୋର୍ଟ ଉପସ୍ଥାପନ କରିଥିଲେ । ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆ ଓଡ଼ିଶାର ସ୍ୱପ୍ନ ଦେଖିବା...

କାର୍ଯ୍ୟରେ ଯୋଗ ଦେବେ । ତେଣୁ ଓଡ଼ିଶାର ପ୍ରଗତିରେ ଆପଣମାନେ ମୁଖ୍ୟ ଅଂଶ । ସେଥିପାଇଁ ସର୍ବଦା ନିଷ୍ଠାବାନ ହେବେ । ପରୋପକାରକୁ ଜୀବନର ବ୍ରତ କରିବେ ।' ସେପଟେ ତାଲିମ ନେଉଥିବା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୋମ୍ୟଶ୍ରୀ ବେହେରା ଓ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ପୂଜା ଯୋଶୀ ଆରଓଟିଆଇର ପ୍ରଶିକ୍ଷଣ ସମ୍ବନ୍ଧରେ ନିଜର ଅନୁଭୂତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ବା ଆରଓଟିଆଇ ଗୋଠପାଟଣାରେ ଓଡ଼ିଶା ପ୍ରଶାସନିକ ସେବା ୨୦୨୩ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଓ ୭୪ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଯୋଗ ଦେଇଥିଲେ ।

## ବହୁମତ ସହ ପଶ୍ଚିମବଙ୍ଗରେ...

ଭାବରେ ଭାଙ୍ଗି ଦେବ । ଆମ ପ୍ରଶାସନ ଅଧୀନରେ କୌଣସି 'ଭାଇ-ଭଣଜା କର' କିମ୍ବା କୌଣସି ପ୍ରକାରର ବଂଶବାଦ ଆଦାୟ ହେବ ନାହିଁ ।" ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବଙ୍ଗଳା ନିର୍ବାଚନ ଇତିହାସରେ ପ୍ରଥମ ଥର ପାଇଁ କୌଣସି ହିଂସା ଘଟଣା ବିନା ଭୋଟ ପ୍ରକ୍ରିୟା ସମାପ୍ତ ହୋଇଛି । ଆସାମ ପରି ବଙ୍ଗଳାରେ ମଧ୍ୟ ଜବରଦଖଲ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ...

୬:୨୫ ସମୟରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା ।

ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ପୋଲିସ ଦଳ ମିଳିତ ଭାବରେ କୋଠାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ । ଏପର୍ଯ୍ୟନ୍ତ ପ୍ରାୟ ୧୨ ଜଣ ଆହତ ହୋଇଥିବା ସୂଚନା ମିଳିଛି ଏବଂ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି, କିନ୍ତୁ ସେମାନଙ୍କ ପରିଚୟ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇପାରିନାହିଁ ।

## କାଳବୈଶାଖୀ : ୭ ଜିଲ୍ଲାକୁ...

ସେହିପରି ଗଜପତି, ଗଂଜାମ, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ଭଦ୍ରକ ଏହି ୧୬ ଜିଲ୍ଲାରେ ବିଜୁଳି ସହ ଘଡ଼ଘଡ଼ି ବର୍ଷା ସମ୍ଭାବନା ଓ ୪୦ରୁ ୫୦ କିମି ପବନ ବହିବା ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ ।

ସେହିପରି ସୋମବାର ସବୁ ଜିଲ୍ଲାକୁ ବର୍ଷା ପାଇଁ ଚେତାବନୀ ରହିଥିବା ବେଳେ କୋରାପୁଟ, ରାୟଗଡ଼ା, କଳାହାଣ୍ଡି ନବରଙ୍ଗପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ରେ ୧୩ ଜିଲ୍ଲାରେ ବଜ୍ରପାତ ସହ ୫୦ ରୁ ୬୦ କିମି ଝଡ଼ ପବନ ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ରାୟଗଡା ଏହି ୪ ଜିଲ୍ଲାରେ କୁଆପଥର ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ସହ ସତର୍କତା ଜାରି କରିଛି ବିଭାଗ । ୬ ତାରିଖ ଯାଏ ପ୍ରବଳ ବର୍ଷା ସହ ଆସନ୍ତା ୯ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି ।

## ଚଳିତ ବର୍ଷ 'ସୁଜଳ' ଯୋଜନାରେ...

୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପ୍ରତ୍ୟେକ ବର୍ଷ ୩୮ଟି ଲେଖାଏଁ ପୌରାଞ୍ଚଳକୁ ସାମିଲ କରାଯିବ ।

'ସୁଜଳ' କାର୍ଯ୍ୟକ୍ରମ ଅଧୀନରେ ମୋଟ ୫୪୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରୁ ୨୮୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି ।

୨୦୨୬-୨୭ ବର୍ଷରେ ୧୦୨ଟି ନୂତନ ପ୍ରକଳ୍ପ ସମେତ ମୋଟ ୩୯୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ । ୨୦୨୭-୨୮ରେ ୯୨ଟି ନୂତନ ପ୍ରକଳ୍ପ ପାଇଁ ୯୭୮ କୋଟି ଟଙ୍କା ବିନିଯୋଗ କରାଯିବାର ଯୋଜନା ରହିଛି ।

ଶ୍ରୀମତୀ ପାଢୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ସରକାରଙ୍କ ସାର୍ବଜନୀନ ୨୪x୭ ପାନୀୟ ଜଳ ଯୋଗାଣ ସଂକଳ୍ପକୁ ପୂରଣ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ପାଣିର ସର୍ବାଧିକ ବ୍ୟବହାର ଏବଂ କାର୍ଯ୍ୟର ଗତି ବଢ଼ାଇବା ଜରୁରୀ । ଏଥିସହିତ ବିଶୁଦ୍ଧ ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି । ବଗିଚା କାମ, ଗାଡ଼ି ଧୋଇବା ଏବଂ ନିର୍ମାଣ କାର୍ଯ୍ୟ ପାଇଁ ପାନୀୟ ଜଳ ପରିବର୍ତ୍ତେ ବିକଳ୍ପ ଜଳ ଉତ୍ସ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ, ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନର ଯନ୍ତ୍ରୀ ମୁଖ୍ୟ ବିଳାସ ବେହେରାଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ମହାକାଶରେ ଭାରତର 'ଦୃଷ୍ଟି'...

ମିଶ୍ରଣ, ଯାହା ଫଳରେ ଏହି ଉପଗ୍ରହ ଦିନ-ରାତି ଏବଂ ଯେକୌଣସି ପାଣିପାଗରେ କାମ କରିବାକୁ ସକ୍ଷମ । ସାଧାରଣ ଉପଗ୍ରହଗୁଡ଼ିକ ମେଘୁଆ ପାଗ, ବର୍ଷା କିମ୍ବା ଅନ୍ଧାରରେ ସ୍ପଷ୍ଟ ଚିତ୍ର ନେଇପାରନ୍ତି ନାହିଁ, କିନ୍ତୁ 'ଦୃଷ୍ଟି' ଏହି ସମସ୍ତ ବାଧା ସତ୍ତ୍ୱେ ସଠିକ୍ ଏବଂ ସ୍ପଷ୍ଟ ଫଟୋ ଉତ୍ତୋଳନ କରିପାରିବ । ଏହାଦ୍ୱାରା ପୃଥିବୀପୃଷ୍ଠର ନିରନ୍ତର ନଜର ରଖିବା ସମ୍ଭବ ହେବ ।

## ମହାଙ୍ଗା ହେଲା ଓମ୍‌ଫେଡ୍ ...

ଅନୁଯାୟୀ, ଟୋନ୍ଡ ଦୁଗ୍ଧ ପ୍ରତି ଲିଟର ୪ ଟଙ୍କା ବୃଦ୍ଧି ପାଇଛି । ଯାହା ୫୦ ଟଙ୍କାରୁ ବୃଦ୍ଧି ପାଇ ୫୪ ଟଙ୍କା ହୋଇଛି । ସେହିଭଳି ପ୍ରିମିୟମ କ୍ଷୀର ଲିଟର ପ୍ରତି ମଧ୍ୟ ୪ଟଙ୍କା ବଢ଼ିଛି । ଯାହା ୫୪ ଟଙ୍କାରୁ ବଢ଼ି ୫୮ ଟଙ୍କାରେ ପହଞ୍ଚିଛି । ଗୋଲ୍ଡ ପ୍ରିମିୟର କ୍ଷୀର ଲିଟର ପ୍ରତି ୪ ଟଙ୍କା ବଢ଼ି ୬୦ ଟଙ୍କା ହୋଇଛି । ସେହିଭଳି ଗୋଲ୍ଡ ପ୍ରିମିୟର ପ୍ଲସ୍ କ୍ଷୀର ଲିଟର ପ୍ରତି ୪ଟଙ୍କା ବଢ଼ି ୬୪ ଟଙ୍କା ଦର ଛୁଇଁଥିବା ଓମ୍‌ଫେଡ୍ ପକ୍ଷରୁ ସୂଚିତ କରାଯାଇଛି ।

## ଜିଦ୍ ପାଇଁ ଯୁଦ୍ଧମୁହାଁ ଦୁଇଦେଶ...

ଆମେ ଆଉ ଯୁଦ୍ଧ ଚାହୁଁନାହୁଁ । କିନ୍ତୁ ଆମ ପାଖରେ ବିକଳ୍ପ ରହିଛି । ସେମାନେ ଯଦିଓ ବୁଝାମଣା ଚାହୁଁଛନ୍ତି, କିନ୍ତୁ ଆମେରିକା ପାଇଁ ସେମାନଙ୍କ ପ୍ରସ୍ତାବ ସନ୍ତୋଷଜନକ ହେଉନାହିଁ । ଇରାନର ନେତୃତ୍ୱ ମଧ୍ୟରେ ଆଭ୍ୟନ୍ତରୀଣ କନ୍ଦଳ ରହିଛି ।

## ୧୦୦ କୋଟିର ଗଞ୍ଜେଇ...

ମୋବାଇଲ୍ ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍ ଗାଡ଼ି ମଧ୍ୟ ଜବତ ହୋଇଛି ।

ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ଅଞ୍ଚଳର ଏକ ହାସିସ୍ ତେଲ ଉତ୍ପାଦନ ୟୁନିଟ୍ କାର୍ଯ୍ୟକ୍ଷମ ହେଉଥିବା ଜାଣିପାରି ତାକୁ ଜବତ କରିଛି ଚିତ୍ରକୋଣ୍ଡା ଥାନା ପୋଲିସ । ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟକୁ ଧରିବା ପାଇଁ ପୋଲିସ ଅପରେସନ ଆରମ୍ଭ କରିଥିଲା । ଶେଷରେ ରବିବାର ସକାଳୁ ଏସଡିପିଓ ଚିତ୍ରକୋଣ୍ଡା ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା । ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସଆର ଛକ ନିକଟରେ ଚଢ଼ଉ କରି ଗୁପ୍ତ ହାସିସ୍ ତେଲ ମୋବାଇଲ୍ ଉତ୍ପାଦନ ୟୁନିଟ୍ ବୋଝେଇ ଗାଡ଼ିକୁ ସଫଳତାର ସହ କାବୁ କରିଥିଲା । ଯାହା ସିଲେରୁ ଅଞ୍ଚଳ ଅଭିମୁଖେ ଯାତ୍ରା କରୁଥିଲା ।

ମାଲକାନଗିରି ଏସ୍‌ପି ନିଜେ ଅପରେସନ୍ ତଦାରଖ କରିଥିଲେ । ଏହି ଚଢ଼ଉରେ ଅତ୍ୟନ୍ତ ଶକ୍ତିଶାଳୀ ହାସିସ୍ ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮୦୦ ଲିଟର ରାସାୟନିକ ପଦାର୍ଥ ଏବଂ ଦ୍ରାବକ ଉଦ୍ଧାର କରାଯାଇଥିଲା । ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍ ଭାଙ୍ଗି ଦିଆଯାଇଛି । ଗାଡ଼ିରୁ ସ୍ୱତନ୍ତ୍ର ପ୍ରସ୍ତୁତ ଉପକରଣ ସମେତ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରକ୍ରିୟାକରଣ ୟୁନିଟ୍ ଜବତ କରାଯାଇଛି । ହାସିସ୍ ତେଲର ସମ୍ଭାବ୍ୟ ଉତ୍ପାଦନର ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ହେବ ବୋଲି ଆକଳନ କରାଯାଇଛି । ଗାଡ଼ିର ଡ୍ରାଇଭର ଜଙ୍ଗଲର ସୁଯୋଗ ନେଇ ଘନ ଜଙ୍ଗଲ ଭିତରକୁ ପଳାଇବାରେ ସଫଳ ହୋଇଥିଲେ । ପୋଲିସ ଡ୍ରାଇଭର ଓ ଏଥିରେ ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଖୋଜୁଥିବା ମାଲକାନଗିରି ଏସପି ସୂଚନା ଦେଇଛନ୍ତି ।

## ଫିଲିପାଇନ୍ସର ସବୁଠାରୁ ସକ୍ରିୟ...

ଜାରି କରାଯାଇଛି । ଏହି ଅଞ୍ଚଳର ୬ କିଲୋମିଟର ପରିସର ଭିତରକୁ ଯିବାକୁ ମନା କରାଯାଇଛି । ପ୍ରାୟ ୨୪୬୨ ମିଟର ଉଚ୍ଚ ଏବଂ ଏହାର ଛୋଟ ଆକାର ପାଇଁ ଜଣାଶୁଣା ଏହି ଜ୍ୱାଳାମୁଖୀ ଷ୍ଟ୍ରୋମ୍ବୋଲିଆନ ଉଦ୍‌ଗୀରଣ ଅନୁଭବ କରେ । ତଥାପି ଏହି ଉଦ୍‌ଗୀରଣଗୁଡ଼ିକ ମଧ୍ୟମ ଧରଣର, ମଝିରେ ମଝିରେ ଲାଭା, ଗ୍ୟାସ୍ ଏବଂ ଜ୍ୱାଳାମୁଖୀ ଭଗ୍ନାବଶେଷ ନିର୍ଗତ କରେ ।

# ଇଞ୍ଜିନିୟରିଂ ଛାତ୍ର ମୃତ୍ୟୁ ଘଟଣାରେ ଜାରୀ ରହିଛି ତଦନ୍ତ : ଡିସିପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜ୍‌ରେ ଘଟିଥିବା ଛାତ୍ର ମୃତ୍ୟୁ ଘଟଣାରେ ତଦନ୍ତ ଜାରି ରହିଛି ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି । ଡିସିପି କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ ହୋଇଥିବା ସହ ତଦନ୍ତକୁ ଗୁରୁତ୍ୱର ସହ କରାଯାଉଛି । ଘଟଣା ସାମ୍ନାକୁ ଆସିବା ପରେ ସେ ନିଜେ କଲେଜ୍‌କୁ ଯାଇ ସ୍ଥିତିର ସମୀକ୍ଷା କରିଥିବା କଥା ମଧ୍ୟ କହିଛନ୍ତି । ତଦନ୍ତ ପ୍ରକ୍ରିୟାରେ ଛାତ୍ରର ହଷ୍ଟେଲ ସାଥୀ ଏବଂ ଅନ୍ୟ ସହପାଠୀମାନଙ୍କୁ ପଚରାଉଚରା କରାଯାଇଛି । ଏହାସହ ଛାତ୍ରଙ୍କ ପିତାମାତାଙ୍କ ଏତଲା ଆଧାରରେ ମଧ୍ୟ ପୋଲିସ ତଦନ୍ତ ଆଗେଇ ନେଉଛି । ଡିସିପି ଆହୁରି କହିଛନ୍ତି ଯେ, ଟେକ୍ନିକାଲ ତଥ୍ୟକୁ ମଧ୍ୟ ଆଧାର କରି ଘଟଣାର ସବୁ ପାଟିରୁ ତଦନ୍ତ କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ଆସିଥିବା ଅଭିଯୋଗକୁ ସମର୍ଥନ କରିବା ପାଇଁ ସ୍ପଷ୍ଟ ପ୍ରମାଣ ମିଳିନାହିଁ, କିନ୍ତୁ ସବୁ ଦିଗରୁ ତଦନ୍ତ ଜାରି ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ଅଖିଳ ଭାରତୀୟ କବିୟତ୍ରୀ ସମ୍ମେଳନ

**କଟକ, ନ୍ୟୁଜ ବ୍ୟୁରୋ**

ଅଖିଳ ଭାରତୀୟ କବିୟତ୍ରୀ ସମ୍ମିଳନର ୨୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଂସ୍ଥାର ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପ୍ରତିନିଧି ସୁଷମା ରାଉତଙ୍କ ଅଧକ୍ଷତାରେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ, ଅରୁଣୋଦୟନଗରସ୍ଥ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ରାଜ୍ୟ କାର୍ଯ୍ୟନିର୍ବାହୀ ପ୍ରଧାପିକ ଅଂଜୁମାନ ଆରା, ସମାଜସେବୀ ଶର୍ମିଷ୍ଠା ନାଥ, ବସନ୍ତ କୁମାରୀ ନନ୍ଦ, ବ୍ରଜେଶ୍ୱର ସିଂହ, ଅଧିବକ୍ତା ରୀନା ମାନସିଂ, ଅଧ୍ୟାପିକା ଇମ୍ରାନ ଇସ୍ରାଇଲ ପ୍ରମୁଖ ମଞ୍ଚମଣ୍ଡନ କରିବା ସହ ସାଧନା କବି ଓ ଝୁମୁରୀ ସାହୁଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସଭାଶେଷରେ କବି କୁନ୍ତଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




# ଆର୍‌ଆର୍ କଲୋନୀ ପଣ୍ଡଲୋଇ ଠାରେ କଳସ ଯାତ୍ରା



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ଆର୍ ଆର୍ କଲୋନୀ ପଣ୍ଡଲୋଇ ଠାରେ ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ପ୍ରତିଷ୍ଠା ଅବସରରେ ଏକ କଳସ ଯାତ୍ରା ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟ କ୍ରମଟି ୪ ରିଦିନ ଧରି ଚାଲୁରହିବ । ଆଜି ଠାରୁ ଆରମ୍ଭ ହୋଇଥିବା କଳସ ଯାତ୍ରା ରେ କଲୋନୀ ର ୨୦୦ ରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ । ପ୍ରକାଶ ଥାଉକି ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିରଟି ଆଦିତ୍ୟ ଆଲୁମିନିୟମ, ଲପଙ୍ଗାର ପୂର୍ଣ୍ଣ ସହଯୋଗରେ ନିର୍ମାଣ କରାଯାଇଛି । ଏଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଆର୍‌ଆର୍ କଲୋନୀ ପଣ୍ଡଲୋଇ ଗ୍ରାମବାସି ବୃନ୍ଦ୍ ଆଦିତ୍ୟ ଆଲୁମିନିୟମ ଲପଙ୍ଗାକୁ ଧନ୍ୟବାଦ୍ ଜଣାଇଛନ୍ତି ।

# ଓଡ଼ିଶା ସରକାରଙ୍କ ଦ୍ୱାରା ଆଭ୍ୟନ୍ତରୀଣ ଜଳପଥ ଡଙ୍ଗା ସୁରକ୍ଷାର କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରଅନ୍ତର୍ଦେଶୀୟ ଜଳପଥରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ୩ ମଇ ୨୦୨୬ରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଓଡିଶା ମାରିଟାଇମ ବୋର୍ଡ ,ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ । ସମ୍ପ୍ରତି ରିପୋର୍ଟ ହୋଇଥିବା ଡଙ୍ଗା ବୁଡ଼ିବା ଘଟଣା ଉପରେ ଧ୍ୟାନ ଦେଇ, ଅଧକ୍ଷ ବିଦ୍ୟମାନ ସୁରକ୍ଷା ପ୍ରୋଟୋକଲଗୁଡ଼ିକର ସମୀକ୍ଷା କରିଥିଲେ । ଡଙ୍ଗାରେ ବସିବା ମାତ୍ରେ ଯାତ୍ରୀମାନେ ଯେପରି ବାଧ୍ୟତାମୂଳକ ଭାବରେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବେ, ତାହା ସୁନିଶ୍ଚିତ କରିବା ଡଙ୍ଗା ଚାଳକମାନଙ୍କର ଦାୟିତ୍ୱ ବୋଲି ବୈଠକରେ ଦର୍ଶାଯାଇଥିଲା । ଯାତ୍ରୀ କ୍ଷମତା ଅନୁସାରେ ନିୟମ ଅନୁଯାୟୀ, ସମସ୍ତ ଡଙ୍ଗାରେ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବହନ କରିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଛି । କଡ଼ା ଅଚାନକ ଯାଂଚ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି କୌଣସି ଚାଳକ କ୍ଷମତାଠାରୁ ଅଧିକ ଭାର ବହନ (ଓଭରଲୋଡିଂ) କରୁଥିବାର ଧରାପଡ଼ନ୍ତି କିମ୍ବା ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଭାବେ ଲାଇଫ୍ ଜ୍ୟାକେଟ୍ ପିନ୍ଧାଇବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଡଙ୍ଗା ଚାଳକମାନଙ୍କୁ ସହାୟତା କରିବା ପାଇଁ, 'ସହିଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା' ଅଧୀନରେ ସରକାର ଜୀବନ ରକ୍ଷାକାରୀ ଉପକରଣ (ଲାଇଫ୍ ବୟ, ଲାଇଫ୍ ଜ୍ୟାକେଟ୍ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର) ପ୍ରଦାନ କରୁଛନ୍ତି । ଏହି ଉପକରଣଗୁଡ଼ିକ ସରକାରୀ ଡଙ୍ଗାଗୁଡ଼ିକୁ ବିନା ମୂଲ୍ୟରେ ଏବଂ ବେସରକାରୀ ଚାଳକମାନଙ୍କୁ ୯୫% ରିହାତିରେ ଯୋଗାଇ ଦିଆଯାଉଛି । କୌଣସି ଡଙ୍ଗା ଯେପରି ସୁରକ୍ଷା ବଳୟରୁ ବାଦ୍‌ପଡ଼େ ତାହା ସୁନିଶ୍ଚିତ କରିବା ପାଇଁ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ପର୍ଯ୍ୟଟନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକ ମଧ୍ୟରେ ତୁରନ୍ତ ତଥା ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧକ୍ଷ ଅନୁରୋଧ କରିଲେ । ଅନ୍ତର୍ଦେଶୀୟ ଜଳପଥରେ ଯାତାୟାତ କରୁଥିବା ନିଜର ନାଗରିକ ଏବଂ ପର୍ଯ୍ୟଟକ ମାନଙ୍କ ସୁରକ୍ଷା ପ୍ରତି ଓଡ଼ିଶା ସରକାର ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ । ଅନ୍ତର୍ଦେଶୀୟ ଜଳପଥରେ ଏକ ନିରାପଦ ପରିବେଶ ସୃଷ୍ଟି କରିବା ପାଇଁ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରିବାକୁ ସମସ୍ତ ହିତାଧିକାରୀ, ଡଙ୍ଗା ଚାଳକ ଏବଂ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ।

# ଜୟ ଓଡ଼ିଶା ଓ କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଅଗ୍ରଣୀ ସମାଜସେବୀ ସଂଗଠନ ଜୟ ଓଡ଼ିଶା ଓ କମିଶନରେଟ୍ ପୁଲିସ, କଟକ-ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୟୁନିଟ୍ ୪ ସ୍ଥିତ ରେଡକ୍ରସ ଭବନ ଠାରେ ଅୟୋଜିତ ହୋଇଯାଇଛି । ରୋଟାରୀ କ୍ଲବ ଅଫ ଆଇକନର ସହଯୋଗରେ ଏହି ଶିବିର ସକାଳ ୯ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ରକ୍ତଦାନ ମହତ୍ ପୂର୍ଣ୍ଣ କାର୍ଯ୍ୟ ଭାବେ ଆୟୋଜିତ ହୋଇଥିଲା । ଗ୍ରୀଷ୍ମ କାଳୀନ ଅସହ୍ୟ ଉତ୍ତପ୍ତ ଖରା ସମୟରେ ଅନେକ ହସ୍ପିଟାଲମାନଙ୍କରେ ରକ୍ତର ଅଭାବ ଦେଖାଯାଇଥାଏ । ଏଣୁ ଏପରି ରକ୍ତଦାନ ଶିବିର ଜରିଆରେ ଜରୁରୀକାଳୀନ ସମୟ ନିମନ୍ତେ କିଛି ମାତ୍ରାରେ ରକ୍ତ ଯୋଗାଯାଇ ପାରିବ ।

ଏହି ଶିବିରରେ ଅତିଥି ଭାବେ ମାନସ ରଞ୍ଜନ ଗଡନାୟକ (ଅତିରିକ୍ତ ଡିସିପି) ଓ ଶ୍ରୀମତୀ ଚିଦାତ୍ମିକା ଖଟୁଆ (ସଭାପତି, ରୋଟାରୀ କ୍ଲବ ଅଫ ଆଇକନ)




ସମସ୍ତ ରକ୍ତଦାତା ଓ ଆୟୋଜକମାନଙ୍କୁ ଖୁବ୍ ଉତ୍ସାହିତ କରିଥିଲେ । ସାଧାରଣତଃ ଅସହ୍ୟ ଖରା କାରଣରୁ ରକ୍ତର ଆବଶ୍ୟକତା ଅଧିକା ଥିବାବେଳେ ରକ୍ତଦାନର ପ୍ରବାହ କମିଯାଏ । ଏଣୁ ସମସ୍ତ ସୁସ୍ଥ ରକ୍ତଦାତାଙ୍କୁ ରକ୍ତଦାନ କରିବା ପାଇଁ ଅନୁରୋଧ କରିବା ସହ ଅନ୍ୟାନ୍ୟ ଛୋଟବଡ଼ କର୍ପୋରେଟ ସଂସ୍ଥା କିମ୍ବା ସମାଜସେବୀ ସଂଗଠନମାନେ ଛୋଟ ଛୋଟ ଶିବିରର ଆୟୋଜନ କଲେ ଅନ୍ତତଃ ପକ୍ଷେ ୩୦-୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିବ ଯାହାକି ଅତ୍ୟନ୍ତ ସହଯୋଗୀ ହେବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 05-KUR-TRD-OT-2026-27

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଉତ୍ତର ସେକ୍ସନ ଅନ୍ତର୍ଗତ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ୱାଟର ବୁଥ୍ (Water booths) ଏବଂ ପ୍ରିକାଷ୍ଟ RCC ବେଞ୍ଚଗୁଡ଼ିକର ବ୍ୟବସ୍ଥା ଏବଂ 7 ଗୋଟି ବିଭିନ୍ନ ଷ୍ଟେସନ ଏବଂ ପାସେଞ୍ଜର ହଲ୍ଟ (PHs) ଅର୍ଥାତ୍ କ୍ରମାନୁଯାୟୀ କପାଳି ରୋଡ଼(KPLD), କେନ୍ଦୁଆପଡ଼ା(KED), ଯାଜପୁର କେନ୍ଦୁଝର ରୋଡ଼(JJKR), ଜେନାପୁର (JEN), ସୁକିନ୍ଦା ରୋଡ଼ (SKND) ଏବଂ ଦୁଲାଖପାଟଣା (DLPT), ବ୍ରାହ୍ମଣୀ (BRMI) (ପାସେଞ୍ଜର ହଲ୍ଟ)ରେ ପ୍ଲାଟଫର୍ମ ଏବଂ ୱାଟରର ସଂପ୍ରସାରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 77,95,187.73, EMD (₹) : 1,55,900.00, ଶେଷ ହେବା ଅବଧି : 180 ଦିନ । ବିଡ୍ ଆରମ୍ଭ ହେବା ତାରିଖ : ତା.06.05.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.05.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-105/R/26-27


ଭୁବନେଶ୍ୱର, ୪ ମଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲ୍‌ଚାଲ୍ : ୭ ସିଙ୍ଗଡ଼ା ପ୍ରସ୍ତୁତ, ପନ୍ଦାରି ଅନୁକୂଳ

**ପୁରୀ, ୦୩/୦୫, ନ୍ୟୁଜ ବ୍ୟୁରୋ**

ସିଙ୍ଗଡ଼ା ବାଡ଼ିଆ ଅନୁକୂଳ କରିଛନ୍ତି ଭୋଇ ସେବାୟତ । ଏବେ ଚକ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ନିର୍ମାଣକାରୀ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଖୋଳାଯାଇଥିବା ଯନ୍ତା ଗାଡ଼ରେ ପକାଇ କୋରା ମୁଣ୍ଡା (କାଠ ହାତୁଡ଼ି)ରେ ମାଡ଼ କରି ତୁମ୍ବ ସହିତ ଅର ସଂଯୁକ୍ତ କରିବାକୁ କୁହାଯାଏ ସିଙ୍ଗଡ଼ା ବାଡ଼ିଆ । ଠାକୁରଙ୍କ ମାଳ ମାହାର୍ଦ୍ଦ ଓ ଶ୍ରୀଫଳ ଲାଗି କରି ଠାକୁରଙ୍କ ଭୋଇ ସେବକମାନେ ଏହି କାର୍ଯ୍ୟ ଶୁଭାରମ୍ଭ କରିଥିଲେ । ସିଙ୍ଗଡ଼ାରେ ପନ୍ଦାରି ଅନୁକୂଳ କରିଛନ୍ତି କମାର ସେବକ । ପହି କାଠ ରଥ ଖଳାରେ ପହଞ୍ଚିଛି । ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି, ରଥ ତ୍ରୟର ନାହାକା ଚକରୁ ଆରମ୍ଭ ହେଲା ସିଙ୍ଗଡ଼ା ବାଡ଼ିଆ । ପୂର୍ବରୁ କୋରା ମୁଣ୍ଡା ପ୍ରସ୍ତୁତ ଥିଲା । ବିଶ୍ୱକର୍ମାମାନେ ତୁମ୍ବରେ ବିନ୍ଧ ଓ ଅର ସବୁ କାଟି ରଖିଥିଲେ । ୪୦ ଫୁଟିଆ ଯନ୍ତା ଗାଡ଼ ନିକଟରେ ଫାସୀ କାଠ ଗଣ୍ଡି ପୋତା ଯାଇଥିଲା। ତୁମ୍ବ ବିନ୍ଧରେ ଅରକୁ ଭୁଞ୍ଜାଗଲା ପରେ କାଠ ଗଣ୍ଡି ଉପରେ ଠିଆ ହୋଇ କୋରା ମୁଣ୍ଡା



ସାହଯ୍ୟରେ ଅରର ଅନ୍ୟ ମୁଣ୍ଡକୁ ଶକ୍ତ ପ୍ରହାର ଦିଆଯାଇଥିଲା । କମାର ସେବକ ଦେଇଥିବା ଅର କଣ୍ଟା ସେଥିରେ ବାଡ଼ିଆ ଯାଇଥିଲା । ଅଦ୍ୟାବଧି ୭ଟି ସିଙ୍ଗଡ଼ା ପ୍ରସ୍ତୁତ ସରିଥିବା କହିଛନ୍ତି ସର୍ଦ୍ଦାର ରବି। କଟକ ଖପୁରିଆ କରତକଳରୁ କାଠ ଚିରା ହୋଇ ୯୦ ଖଣ୍ଡ ପହି କାଠ ପହଞ୍ଚିଛି। ମୁଖ୍ୟ ବିଶ୍ୱକର୍ମାମାନେ ପଇବକଳା ଅନୁକୂଳ କରିଛନ୍ତି । ଏଥିସହ ପଇରେ ବିନ୍ଧ ପାଇଁ ଚିହ୍ନ ଦିଆଯାଇଛି । ପୁରୀ ଜିଲ୍ଲାପାଳ ରଥ ଖଳାରେ ପହଞ୍ଚି ନିର୍ମାଣକାରୀଙ୍କ ସହ ଆଲୋଚନା କରିଛନ୍ତି। ଏପଟେ ରଥ ଖଳାରେ ଚକର ବିଭିନ୍ନ ଅଂଶ ପ୍ରସ୍ତୁତି ସହ ଗୁଜ କାର୍ଯ୍ୟ ଚାଲିଛି। ରୂପକାର ସେବକମାନେ ରଥ ଗୁଜରେ ନୃସିଂହ ରୂପ ଖୋଦେଇ କରିଛନ୍ତି । ବିଶ୍ୱକର୍ମାମାନେ ତିନି ରଥ ପାଇଁ ଆବଶ୍ୟକ ଗୁଜ ଚଉପଟ କାର୍ଯ୍ୟ ଶେଷ କରି ଜଳଯନ୍ତ ଓ କୁତୁକା ନିର୍ମାଣ କାର୍ଯ୍ୟ ସାରୁଛନ୍ତି । ଜଳଯନ୍ତରେ ରଥର ପାର୍ଶ୍ୱ ଦେବତା ସ୍ଥାପନ ହେବେ। ଯନ୍ତା ପଟାରେ ତିନିଟି ଲେଖାଁଏ ବିନ୍ଧ ହୋଇଛି । ଯନ୍ତା ପଟା ସାହାଯ୍ୟରେ ଅରରେ ପହି ପିନ୍ଧା କାର୍ଯ୍ୟ ହେବ । ଚକ ତିଆରି ପାଇଁ ଅର ମୁଖ ସାଲ କରାଯାଉଛି । ଦୋଳବେଦୀସ୍ଥିତ କମାର ଶାଳରେ ଓଝା ସେବକମାନେ ଆବଶ୍ୟକୀୟ ବଳା ତଥା ପନ୍ଦାରି ନିର୍ମାଣ ଜାରି ରଖିଛନ୍ତି । ଭଉଁରୀ ଉତ୍ସବରେ ରଥ ଚକ ସହ ଅଖ ସଂଯୋଗ ହେବ ।

# ମେ' ୫ରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବିଜେପି ସାଂସଦ

**ନୂଆଦିଲ୍ଲୀ, ୩/୦୫**

ଆଗାମୀ ମେ' ୫ରେ ଆପ ଛାଡି ବିଜେପିରେ ମିଶିଥିବା ରାଜ୍ୟସଭା ସାଂସଦ ରାଘବ ଚଢ଼ା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ନେଇ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ରାଜନୈତିକ ପ୍ରତିଶୋଧ ପାଇଁ ପଞ୍ଜାବ ସରକାର ସରକାରୀ କଳ ଅପବ୍ୟବହାର କରି ଆପ ଛାଡି ବିଜେପିରେ ମିଶିଥିବା ସାଂସଦମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ତାଙ୍କୁ ଅବଗତ କରାଇବା ପାଇଁ ରାଷ୍ଟ୍ରପତି ସାଂସଦ ଶ୍ରୀ ଚଢାଙ୍କୁ ସମୟ ଦେଇଛନ୍ତି।

ସାଂସଦ ରାଘବ ଚଢା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ ଗତ ମାସରେ ଆପରୁ ଇସ୍ତଫା ଦେଇ ନେତୃତ୍ୱଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲେ। ପୂର୍ବତନ କ୍ରିକେଟର ତଥା ସାଂସଦ ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମଜିତ ସିଂହ ସାହାନି ଏବଂ ସ୍ୱାତୀ ମାଲିୱାଲ ମଧ୍ୟ ବିଜେପିରେ ଯୋଗ ଦେଇଥିଲେ। ତେବେ ଏହି ସମୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମଧ୍ୟ ୫ ମେ'ରେ ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପଞ୍ଜାବର ଜନସାଧାରଣଙ୍କ ଜନାଦେଶ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପାଇଁ ଶ୍ରୀ ମାନ ଏହି ବୈଠକକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ପଞ୍ଜାବ ପୁଲିସ ରାଜ୍ୟସଭା ସାଂସଦ ସନ୍ଦୀପ ପାଠକଙ୍କ ବିରୁଦ୍ଧରେ ଜାମିନ ବିହୀନ ଅପରାଧ ପାଇଁ ଦୁଇଟି ଏଫଆଇଆର ଦାଖଲ କରିଛି। ଉଭୟ ଏଫଆଇଆର ପଞ୍ଜାବର ବିଭିନ୍ନ ଜିଲ୍ଲାରେ ଦାଖଲ କରାଯାଇଛି। ବିଜେପି ଏବଂ ଶିରୋମଣି ଅକାଳୀ ଦଳ (ଏସଏଡି) ଏଫଆଇଆର ଉପରେ ପ୍ରଶ୍ନ ଉଠାଇ ଏହାକୁ ପାଠକଙ୍କ ବିରୁଦ୍ଧରେ ରାଜନୈତିକ ପ୍ରତିଶୋଧ ବୋଲି କହିଛନ୍ତି। ପଞ୍ଜାବ ବିଜେପି କାର୍ଯ୍ୟକାରୀ ସଭାପତି ଅଶ୍ୱନୀ ଶର୍ମା ରାଜ୍ୟରେ ଆପ ସରକାର ବିରୋଧୀଙ୍କୁ ଚୁପ୍ କରିବା ପାଇଁ ପୋଲିସ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ପଞ୍ଜାବକୁ "ପୁଲିସ ରାଜ୍ୟ"ରେ ପରିଣତ କରିବାର ଅଭିଯୋଗ କରିଛନ୍ତି।

# ମଧ୍ୟସ୍ଥତା ବିଫଳ ପରେ ମାମଲାରୁ ଓହରିଲେ ବିଚାରପତି

**କଟକ, ୩/୦୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟରେ ଚାଲିଥିବା ଏକ କ୍ରିମିନାଲ ରିଭିଜନ ମାମଲାରେ ଜଷ୍ଟିସ ଭି. ନରସିଂହ ଶୁଣାଣିରୁ ଓହରି ଯାଇଛନ୍ତି। ଆବେଦନକାରୀ ପ୍ରେମଚନ୍ଦ୍ର ପ୍ରଧାନ ଓ ମିତାଞ୍ଜଳି ପ୍ରଧାନଙ୍କ ମଧ୍ୟରେ ଚାଲୁଥିବା ଏହି ମାମଲାରେ ସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା କ୍ରିମିନାଲ ରିଭିଜନ୍ ଆବେଦନର ଶୁଣାଣି ହେଉଥିଲା। ଶୁଣାଣି ସମୟରେ ଅଦାଲତ ଦମ୍ପତିଙ୍କ ମଧ୍ୟରେ ବିବାଦକୁ ଦୃଷ୍ଟିରେ ରଖି ସମାଧାନ ପାଇଁ ପ୍ରୟାସ କରିଥିଲେ। ଅଦାଲତ ଉଭୟ ପକ୍ଷ ଏବଂ ତାଙ୍କ ପୁଅ ସହିତ ଆଲୋଚନା କରିଥିଲେ, କିନ୍ତୁ ପ୍ରୟାସ ସଫଳ ହୋଇପାରି ନ ଥିଲା। ଏହି ପରିସ୍ଥିତିରେ ନ୍ୟାୟିକ ପରମ୍ପରା ଅନୁସରଣ କରି ଜଷ୍ଟିସ ଭି. ନରସିଂହ



ନିଜକୁ ମାମଲାରୁ ଅପସାରଣ (ରିକ୍ୟୁଜ୍) କରିଥିବା ବେଳେ ମାମଲାକୁ ମୁଖ୍ୟ ବିଚାରପତିଙ୍କ ଅନୁମତିକ୍ରମେ ଅନ୍ୟ ବେଞ୍ଚକୁ ପଠାଇବାକୁ ଆଦେଶରେ ସ୍ପଷ୍ଟ କରାଯାଇଛି। ଏହି ମାମଲାଟି ପ୍ରେମଚନ୍ଦ୍ର ପ୍ରଧାନ (ଆବେଦନକାରୀ) ଏବଂ ମିତାଞ୍ଜଳି ପ୍ରଧାନ (ବିରୋଧୀ ପକ୍ଷ)ଙ୍କ ପାରିବାରିକ ବିବାଦ ସହ ଜଡ଼ିତ। ଭୁବନେଶ୍ୱରସ୍ଥିତ ଜେଏମ୍ଏଫ୍‌ସି (ଏଲଆର)ଙ୍କ ଦ୍ୱାରା ୨୦୨୪ ଡିସେମ୍ବର ୧୦ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଏବଂ ତା'ପରେ ୨୦୨୫ ସେପ୍ଟେମ୍ବର ୨୬ରେ ଅତିରିକ୍ତ ସେସନ୍ସ ଜଜ-କମ୍-ସ୍ୱତନ୍ତ୍ର ଜଜ (ସିବିଆଇ-୨)ଙ୍କ ଦ୍ୱାରା ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆଦେଶରେ ଆବେଦନକାରୀଙ୍କୁ ତାଙ୍କ ପତ୍ନୀ ଏବଂ ନାବାଳକ ପୁଅଙ୍କ ପାଇଁ ମାସିକ ୭,୦୦୦ ଟଙ୍କା ଭରଣପୋଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଦେଶକୁ ବିରୋଧ କରି ଆବେଦନକାରୀ ସ୍ୱାମୀ ପ୍ରେମଚନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣାଣି କରିବା ସହ ସେମାନଙ୍କର ନାବାଳକ ପୁଅ ସହ ମଧ୍ୟ ଆଲୋଚନା କରିଥିଲେ। ପରିବାର ମଧ୍ୟରେ ସମାଧାନ ପାଇଁ କରାଯାଇଥିବା ମଧ୍ୟସ୍ଥତା ପ୍ରୟାସ ସଫଳ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଅଦାଲତ ଆଦେଶରେ ଦମ୍ପତିଙ୍କ ପୁଅଙ୍କ ଧୈର୍ଯ୍ୟ ଓ ପରିପକ୍ୱତାକୁ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# କଲେଜରେ ଖାଲି ପଡ଼ିଛି ହଜାର ହଜାର ଅଧ୍ୟାପକ ପଦବୀ

## ଶିକ୍ଷକ ନିଯୁକ୍ତିର ବିକଳ୍ପ କରିବେ ରାଜ୍ୟ ସରକାର

**ଭୁବନେଶ୍ୱର, ୩/୦୫ ନ୍ୟୁଜ ବ୍ୟୁରୋ**

କଲେଜ ଗୁଡିକରେ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ୍ ବୋର୍ଡ (ଏସ୍ଏସ୍‌ବି) ପରୀକ୍ଷାର ବିକଳ୍ପ ବାହାର କରିବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । କୋର୍ଟରେ ମାମଲା ଚାଲୁଥିବାରୁ କଲେଜରେ ଶିକ୍ଷକ ନିଯୁକ୍ତି ହୋଇପାରୁନାହିଁ। ଏପଟେ କଲେଜରେ ଅତିଥି ଶିକ୍ଷକଙ୍କ ଭରସାରେ ରହୁଛନ୍ତି ରାଜ୍ୟ ସରକାର । ଏବେ ବି ହଜାର ହଜାର କଲେଜ ଗୁଡିକରେ ଖାଲି ପଡ଼ିଛି ଅଧ୍ୟାପକଙ୍କ ପଦବୀ । ବିଭିନ୍ନ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୨ ଶହ ପୋଷ୍ଟ ଥିଲା । ଏଥିଲାଗି ଖୁବଶୀଘ୍ର ନିଯୁକ୍ତି ପାଇବେ ୧୪ ଶହରୁ ଅଧିକ ପ୍ରଫେସର, ଆସୋସିଏଟ ପ୍ରଫେସର। ୨୦୨୪ରେ ଏସ୍ଏସ୍‌ବି ବିଜ୍ଞପ୍ତି ପ୍ରକାଶ କରିଥିଲା। ହେଲେ ଏଯାଏ ତାହା କୋର୍ଟରେ ବିଚାରାଧୀନ ଥିବାରୁ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି ୫ ହଜାର ଆଶାୟୀ। ନିଯୁକ୍ତି ପ୍ରକ୍ରିୟାକୁ ନେଇ ଆଶାୟୀମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ତୁରନ୍ତ ଆଡଭୋକେଟ୍ ଜେନେରାଲ କୋର୍ଟରେ କେସ୍ ଖାରଜ କରିବାକୁ ହସ୍ତକ୍ଷେପ କରିବା ପାଇଁ ମଧ୍ୟ ଆଶାୟୀ ଦାବି କରିଥିଲେ । ସେପଟେ କିନ୍ତୁ ଅଧ୍ୟାପକ ନିଯୁକ୍ତି ନେଇ ଏସ୍ଏସ୍‌ବି ଅଧୀନରେ ପରୀକ୍ଷା ଦେଇଥିବା ଆଶାୟୀଙ୍କ ପାଇଁ ବିକଳ୍ପ ଚିନ୍ତା କରୁଛନ୍ତି ରାଜ୍ୟ ସରକାର । ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଏସ୍ଏସ୍‌ବି ଦ୍ୱାରା ଅଧ୍ୟାପକ ନିଯୁକ୍ତି ପାଇଁ ସରକାର ବିକଳ୍ପ ଚିନ୍ତା କରୁଛନ୍ତି । ଖୁବ୍ ଶୀଘ୍ର ତାହା ପୂରଣ ହେବା ସହ ଆଗାମୀ ଦିନରେ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ୧୪ ଶହ ଶିକ୍ଷକ ପଦବୀ ପୂରଣ ମଧ୍ୟ ସରକାର କରିବାକୁ ଯାଉଛନ୍ତି । ରାଜ୍ୟରେ ଥିବା ୧୬ଟି ବିଶ୍ୱବିଦ୍ୟାଳୟରେ ପାଖାପାଖି ୧୩୦୦ରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ୨୦୨୨ ମସିହାରୁ ନିଯୁକ୍ତି ପ୍ରକ୍ରିୟା ବନ୍ଦ ହୋଇପଡିଛି । ଏନେଇ ନ୍ୟାୟାଳୟରେ ମାମଲା ଚାଲିଛି । ଯାହା ଫଳରେ କି ଅନେକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ହଜାର ହଜାର ଶିକ୍ଷକଙ୍କ ପଦବୀ ଖାଲି ପଡିଛି । ୨୦୨୫ ମସିହା ଶେଷ ସୁଦ୍ଧା ପ୍ରଫେସର ପଦବୀରେ ୨୮୫ ଅନୁମୋଦିତ ପଦବୀ ଥିଲେ ମଧ୍ୟ ୨୪୨ ପଦବୀ ଖାଲି ପଡ଼ି ରହିଛି। ଆସୋସିଏଟ୍ ପ୍ରଫେସର୍ ପଦବୀରେ ଅନୁମୋଦିତ ୫୭୮ ପଦବୀରୁ ୪୩୬ ପଦବୀ ଖାଲି ପଡିଥିବା ବେଳେ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରେ ଅନୁମୋଦିତ ୧୧୪୩ ପଦବୀରୁ ୬୫୪ ଖାଲି ପଡ଼ିଛି । ସେହିପରି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୬୧ଟି, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୮ଟି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୯୫ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୮ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୭୬ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୪୯ଟି, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟରେ ୨୦ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏହା ସହିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୫ଟି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୯୬ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି ।




ଭୁବନେଶ୍ୱର ସମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଏବଂ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ 'ଶାନ୍ତିପୂର୍ଣ୍ଣ ନିର୍ମାଣ' ଆଧାରିତ ଫଟୋ ଚିତ୍ର ପ୍ରଦର୍ଶନୀରେ ଅଂଶଗହଣ କରିଥିବା 'ସମ୍ବାଦ କଳିକା'ର ଫଟୋ ସାମ୍ବାଦିକ ସଦାନନ୍ଦ ରଣାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା। ନିକଟରେ ଅଛନ୍ତି ବିଧାୟକ ସୁଶାନ୍ତ ରାଉତ ଏବଂ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୁଷଣ କର।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୩/୦୫/୨୦୨୬
୬,୨୬,୬୩୭/- ଟଙ୍କା
ସୁନା:-୦୦ଗ୍ରାମ୍୩୫୦ ମିଲିଗ୍ରାମ
ରୂପା:-୦୫ଗ୍ରାମ୍୦୦୦ ମିଲିଗ୍ରାମ




# ବାଇକ୍ ଉପରେ ମାଡିଗଲା ଆମ ବସ୍ : ବାଇକ୍ ଆରୋହୀ ମୃତ

**ଭୁବନେଶ୍ୱର, ୩।୫ ନ୍ୟୁଜ ବ୍ୟୁରୋ**

ପୁଣି ରାଜଧାନୀରେ ଆମ ବସ ଦୁର୍ଘଟଣା। ବାଇକ୍ ଉପରେ ମାଡିଗଲା ଆମ ବସ୍ । ଆମ ବସ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସତସଙ୍ଗ ବିହାର ନିକଟରେ ଜାତୀୟ ରାଜପଥରେ ଘଟିଛି ଦୁର୍ଘଟଣା। ଦୁର୍ଘଟଣା ପରେ ହାଇୱେରେ ଟ୍ରାଫିକ ଜାମ୍ ହୋଇଥିଲା। ଖବର ପାଇ ପୁଲିସ ଓ ଭୁବନେଶ୍ୱର ଡିସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ପୁଲିସ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ବସକୁ ଅଟକ ରଖିଛି। ସେହିପରିକଟକ କଲେଜ ଛକଠାରେ କାର ଏବେଂ ଆମ ବସ୍ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାସ୍ଥଳରୁ ଆମ ବସ୍ ଡ୍ରାଇଭରଙ୍କୁ ଅଟକ ରଖିଛି ପୋଲିସ। ସୂଚନାଯୋଗ୍ୟ, ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଆମ ବସ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଥମିବାର ନାଁ ନେଉନି। ଆମ ବସ୍ ଦୁର୍ଘଟଣା ଘଟାଇବା ନିତି ଦିନିଆ ଘଟଣାରେ ପରିଣତ ହେଲାଣି। ଆମ୍ ବସ୍ କେତେବେଳେ ଅଟୋକୁ ଧକ୍କା ଦେଉଛି ତ ଆଉ କେତେବେଳେ ବାଇକକୁ। ଆଉ କେତେ ବେଳେ ପଥଚାରୀଙ୍କୁ ଘୋଷାଡ଼ି ନେଇ ଯାଉଛି। ଏମିତି ଅନେକ ଘଟଣା ରହିଛି। ଏତେ ପରେ ବି ଆମ ବସ୍ ଡ୍ରାଇଭର ଚେତୁ ନାହାନ୍ତି।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

